RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -168 ସଂଖ୍ୟା-୧୬୮
ଭୁବନେଶ୍ୱର, ଶନିବାର, ୧୩ ସେପ୍ଟେମ୍ବର ୨୦୨୫
Bhubaneswar, Saturday, 13, September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପଞ୍ଚଦଶ ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ସି.ପି. ରାଧାକୃଷ୍ଣନ୍

ନୂଆଦିଲ୍ଲୀ,୨୬।୮(ନି.ପ୍ର.): ସି.ପି. ରାଧାକୃଷ୍ଣନ୍ ଆଜି ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଭାବରେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଶପଥ ଗ୍ରହଣ ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶ୍ରୀ ସି.ପି. ରାଧାକୃଷ୍ଣନଙ୍କୁ ଶପଥ ପାଠ କରାଇଥିଲେ। ରାଧାକୃଷ୍ଣନ୍ ପୂର୍ବରୁ ମହାରାଷ୍ଟ୍ରର ରାଜ୍ୟପାଳ ଥିଲେ।ଶପଥ ଗ୍ରହଣ ପରେ, ସି.ପି. ରାଧାକୃଷ୍ଣନ୍ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ମଧ୍ୟ ସଦୈବ ଅଟଳ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ, ଦୀନ ଦୟାଲ ଉପାଧ୍ୟାୟ ମାର୍ଗରେ ଥିବା ସ୍ମାରକୀରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଏବଂ କିଷାନ ଘାଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

୪ ମଇ ୧୯୫୭ରେ ତାମିଲନାଡୁର ତିରୁପ୍ପୁରରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଚନ୍ଦ୍ରପୁରମ୍ ପୋନ୍ନୁସାମି ରାଧାକୃଷ୍ଣନ୍ ବାଣିଜ୍ୟ ପ୍ରଶାସନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଜଣେ ଆରଏସଏସ ସ୍ୱୟଂସେବକ ଭାବରେ କାର୍ଯ୍ୟ ଆରମ୍ଭ କରି, ସେ ୧୯୭୪ ମସିହାରେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ହୋଇଥିଲେ। ସାର୍ବଜନୀନ ଜୀବନରେ ପ୍ରବେଶ କରିବା ପୂର୍ବରୁ ଜଣେ ବୟନ ସାମଗ୍ରୀ ରପ୍ତାନିକାରୀ ଭାବରେ



ରାଧାକୃଷ୍ଣନଙ୍କର ଏକ ଦୀର୍ଘ ଏବଂ ସଫଳ କ୍ୟାରିଅର୍ ରହିଥିଲା।

୧୯୯୬ ମସିହାରେ, ସି.ପି. ରାଧାକୃଷ୍ଣନ୍ଙ୍କୁ ତାମିଲନାଡୁରେ ବିଜେପି ସମ୍ପାଦକ ଭାବରେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ୧୯୯୮ ମସିହାରେ ସେ କୋଏମ୍ବାଟୁରରୁ ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୧୯୯୯ ମସିହାରେ ପୁନଃନିର୍ବାଚିତ ହୋଇଥିଲେ। ସାଂସଦ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ବୟନ ଶିଳ୍ପ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ସେ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗ (ପିଏସୟୁ)ଗୁଡିକର ସଂସଦୀୟ ସମିତି ଏବଂ ଅର୍ଥ ପରାମର୍ଶଦାତା ସମିତିର ସଦସ୍ୟ ମଧ୍ୟ ଥିଲେ। ଏହାସହିତ ଷ୍ଟକ୍ ଏକ୍ସଚେଞ୍ଜ ଦୁର୍ନୀତିର ତଦନ୍ତ କରୁଥିବା ସଂସଦୀୟ ସ୍ୱତନ୍ତ୍ର କମିଟିରେ ମଧ୍ୟ ସେ ସଦସ୍ୟ ଥିଲେ।୨୦୦୪ ମସିହାରେ ରାଧାକୃଷ୍ଣନ ସଂସଦୀୟ ପ୍ରତିନିଧିମଣ୍ଡଳରେ ଭାଗ ନେଇ ଜାତିସଂଘ ସାଧାରଣ ସଭାରେ ଭାଷଣ ଦେଇଥିଲେ। ସେ ତାଇୱାନକୁ ଯାଇଥିବା ପ୍ରଥମ ସଂସଦୀୟ ପ୍ରତିନିଧିମଣ୍ଡଳର ସଦସ୍ୟ ମଧ୍ୟ ଥିଲେ।

୨୦୦୪ ରୁ ୨୦୦୭ ମଧ୍ୟରେ, ଶ୍ରୀ ରାଧାକୃଷ୍ଣନ ତାମିଲନାଡୁରେ ବିଜେପିର ରାଜ୍ୟ ସଭାପତି ଭାବରେ କାର୍ଯ୍ୟ କରିଥିଲେ। ଏହି ଭୂମିକାରେ, ସେ ୯୩ ଦିନ ଧରି ୧୯,୦୦୦ କିଲୋମିଟର ଦୀର୍ଘ 'ରଥ ଯାତ୍ରା' ଆୟୋଜନ କରିଥିଲେ। ସମସ୍ତ ଭାରତୀୟ ନଦୀକୁ ସଂଯୋଗ କରିବା, ଆତଙ୍କବାଦର ଉନ୍ମୂଳନ, ସମାନ ନାଗରିକ ସଂହିତା ଲାଗୁ କରିବା, ଅସ୍ପୃଶ୍ୟତା ଦୂରୀକରଣ ଏବଂ ନିଶାଦ୍ରବ୍ୟର ବିପଦକୁ ମୁକାବିଲା କରିବା ଦାବିରେ ଏହି ଯାତ୍ରା ଆୟୋଜନ କରାଯାଇଥିଲା। ସେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ଦୁଇଟି ଅତିରିକ୍ତ ପଦଯାତ୍ରାର ମଧ୍ୟ ନେତୃତ୍ୱ ନେଇଥିଲେ।

୨୦୧୬ ମସିହାରେ, ଶ୍ରୀ ରାଧାକୃଷ୍ଣନଙ୍କୁ କୋଚି କୟର୍ ବୋର୍ଡର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା। ଏହି ପଦବୀରେ ସେ ଚାରି ବର୍ଷ ଧରି ରହିଥିଲେ। ତାଙ୍କ ନେତୃତ୍ୱରେ, ଭାରତରୁ କତା ରପ୍ତାନି ୨,୫୩୨ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ପରିମାଣରେ ପହଞ୍ଚିଥିଲା। ୨୦୨୦ ରୁ ୨୦୨୨ ପର୍ଯ୍ୟନ୍ତ, ସେ କେରଳରେ ବିଜେପିର ଅଖିଳ ଭାରତୀୟ ପ୍ରଭାରୀ ଦାୟିତ୍ୱ ନିର୍ବାହ କରିଥିଲେ।

୧୮ ଫେବୃଆରୀ ୨୦୨୩ରେ, ଶ୍ରୀ ରାଧାକୃଷ୍ଣନଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ଭାବରେ ନିଯୁକ୍ତ କରାଯାଇଥିଲା। ତାଙ୍କର ପ୍ରଥମ ଚାରି ମାସ ମଧ୍ୟରେ, ସେ ରାଜ୍ୟର ସମସ୍ତ ୨୪ଟି ଜିଲ୍ଲା ଭ୍ରମଣ କରି ନାଗରିକ ଏବଂ ଜିଲ୍ଲା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେ ତେଲଙ୍ଗାନାର ରାଜ୍ୟପାଳ ଏବଂ ପୁଡୁଚେରୀର ଉପରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ମଧ୍ୟ ଗ୍ରହଣ କରିଥିଲେ। ମହାରାଷ୍ଟ୍ରର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ଶ୍ରୀ ରାଧାକୃଷ୍ଣନ ରାଜ୍ୟବ୍ୟାପୀ ବ୍ୟାପକ ଭାବରେ ଯାତ୍ରା କରି ଲୋକପ୍ରତିନିଧି, ଅଧିକାରୀ, ବ୍ୟବସାୟୀ ଏବଂ ସମାଜର ବିଭିନ୍ନ ବର୍ଗଙ୍କ ସହିତ ଆଲୋଚନା କରିଛନ୍ତି।

# ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୧୨।୯(ନି.ପ୍ର.): ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ଏବଂ କାମାଖ୍ୟାନଗରର ପୂର୍ବତନ ବିଧାୟକ ତଥା ବିଜେଡି ସରକାରରେ ବରିଷ୍ଠ ମନ୍ତ୍ରୀ ଥିବା ପ୍ରଫୁଲ୍ଲ ମଲ୍ଲିକଙ୍କୁ ଦଳବିରୋଧୀ କାର୍ଯ୍ୟ ଯୋଗୁଁ ଦଳରୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦ୍ୱାରା କରାଯାଇଛି।



ପ୍ରଫୁଲ୍ଲ ମଲ୍ଲିକ, ଯିଏ ବିଜେଡିର ବରିଷ୍ଠମାନଙ୍କ ମଧ୍ୟରୁ ଜଣେ ଭାବେ ଜଣାଶୁଣା, ଦଳର ସଂଗଠନାତ୍ମକ କାର୍ଯ୍ୟରୁ ଦୀର୍ଘଦିନ ଧରି ଦୂରେଇଛନ୍ତି। ଗୁରୁବାର ସେ ଦଳର ନେତୃତ୍ୱଙ୍କୁ ଟାର୍ଗେଟ କରିଥିଲେ ଏବଂ ଦଳର ମୂଳ ଆଦର୍ଶରୁ ବିଚ୍ୟୁତି ହେବା ଓ ବିପକ୍ଷ ଭୂମିକାରେ ଅକ୍ଷମତା ଉପରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ, "ମୁଁ ଏବେ ବିଜେଡିରେ ରହିଛି, କିନ୍ତୁ ସଂଗଠନାତ୍ମକ କାର୍ଯ୍ୟରେ ଅଂଶଗ୍ରହଣ କରୁନାହିଁ। ଦଳ ସଠିକ୍ ଭାବେ ଚାଲିନଥାଏ ତେବେ ମୁଁ ଦଳଛାଡ଼ିବି।" ଏହି ନିଲମ୍ବନ ବିଜେଡିରେ ଆହୁରି ଅସ୍ଥିରତା ସୃଷ୍ଟି କରିପାରେ, କାରଣ ମଲ୍ଲିକଙ୍କ ଭଳି ବରିଷ୍ଠ ନେତାଙ୍କ ଅଭାବ ଦଳର ସଂଗଠନାତ୍ମକ ଶକ୍ତିକୁ ପ୍ରଭାବିତ କରିପାରେ। ଦଳ ନେତୃତ୍ୱ ଏପର୍ଯ୍ୟନ୍ତ ଏହି ଘଟଣାରେ କୌଣସି ଅଧିକାରୀକ ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି। ଏହା ଓଡ଼ିଶାର ରାଜନୈତିକ ମଞ୍ଚରେ ନୂତନ ଆଲୋଚନାର ବିଷୟ ହୋଇଛି।୪ଥରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ବିଜେଡିରୁ ନିଲମ୍ବନ କରାଗଲା ବୋଲି ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଆଜି(୧୨ତାରିଖ) ପୂର୍ବାହ୍ନପ୍ରାୟ ୧୦ଟା ବେଳେ ଗଣମାଧ୍ୟମକୁ ପ୍ରଦାନ କରାଗଲା । ଏହାର କିଛି ସମୟ ପୂର୍ବରୁ ପ୍ରଫୁଲ୍ଲ ମଲ୍ଲିକ ଦଳରୁ ଇସ୍ତଫା ଦେଇଛନ୍ତିବୋଲିଚର୍ଚ୍ଚାଆରମ୍ଭ ହୋଇଥିଲା । ତେବେ ପ୍ରଫୁଲ୍ଲଙ୍କୁ ନିଲମ୍ବନ ସଂକ୍ରାନ୍ତ ବିଜେଡିର କାର୍ଯ୍ୟାଳୟ ନିର୍ଦ୍ଦେଶ କପିରେ '୧୧ତାରିଖ' ଉଲ୍ଲେଖ ହୋଇଥିବାରୁ ବିଜେଡି ପ୍ରକୃତରେ ପ୍ରଫୁଲ୍ଲଙ୍କ ଇସ୍ତଫା ପତ୍ର ପାଇବା ପରେ ତାଙ୍କୁ ନିଲମ୍ବନ କରିଛି କି ବୋଲି ମଧ୍ୟ ଦଳୀୟ ମହଲରେ ଚର୍ଚ୍ଚା ଜୋର ଧରିଥିଲା । ଯାହାକୁ ଅବଶ୍ୟ ପ୍ରଫୁଲ୍ଲ ସ୍ପଷ୍ଟ କରିଛନ୍ତି । ପ୍ରଫୁଲ୍ଲ କହିଛନ୍ତି ଯେ, ' ମୁଁ ଇସ୍ତଫା ପତ୍ର ବରିଷ୍ଠ ନେତା ଦେବୀ ମିଶ୍ର ଓ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇ ସାରିବା ପରେ ସେମାନେ ଜାଲିଆତି କରି ପିଛିଲା ତାରିଖରୁ(ଗତକାଲିଠୁ) ନିଲମ୍ବନ କରିଥିବା ଦର୍ଶାଇଛନ୍ତି । ଏଥିରୁ ଗୋଟିଏ ରାଜନୀତିକ ଦଳ କିଭଳି ଚାଲୁଛି ତାହା ସ୍ପଷ୍ଟ ଜଣାପଡିଯାଉଛି ।"

# ଗିରଫ ହେଲେ ଓଏଏସ ଟପ୍ପର ତହସିଲଦାର

ଭୁବନେଶ୍ୱର,୧୨।୯(ନି.ପ୍ର.): ଓଏଏସ ଟପ୍ପର ଲାଞ୍ଚୁଆ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜମିର କିସମ ପରିବର୍ତ୍ତନ ପାଇଁ ଏକ ମ୍ୟୁଟେସନ କେସରେ ଜମି ମାଲିକଙ୍କଠାରୁ ଲାଞ୍ଚ ନେବା ଘଟଣାରେ ଭିଜିଲାନ୍ସ ତାଙ୍କୁ ବାନ୍ଧିଛି। ଅଶ୍ୱିନୀ ୨୦୧୯ ବ୍ୟାଚ୍‌ର ଓଏଏସ ଟପ୍ପର ହୋଇଥିଲାବେଳେ ସେ ସମ୍ବଲପୁର ଜିଲା ବାମରା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ନିଜ ଡ୍ରାଇଭରଙ୍କ ଜରିଆରେ ଜଣେ ଜମି ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

ସୂଚନା ଅନୁସାରେ, ଏକ ଚାଷ ଜମିକୁ ଆବାସିକ ଜମିରେ ବଦଳାଇବା ପାଇଁ ମ୍ୟୁଟେସନ କେସରେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଅଶ୍ୱିନୀ। ୨୦ ହଜାର ଟଙ୍କା ଦେଇପାରି ? ?ବେ ନାହିଁ ବୋଲି ଅଭିଯୋଗକାରୀ କହିବା ପରେ ତହସିଲଦାର ୧୫ ହଜାର ଟଙ୍କା ଦେବାକୁ କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ତହସିଲଦାରଙ୍କ ଡ୍ରାଇଭର ପି. ପ୍ରବୀଣ କୁମାର ଲାଞ୍ଚ ଅର୍ଥ ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

ଏହା ପରେ ଭିଜିଲାନ୍ସ ପକ୍ଷରୁ ପଣ୍ଡାଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ କରିଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳର ଯାଞ୍ଚ କରୁଛି ଭିଜିଲାନ୍ସ। ଭୁବନେଶ୍ୱରରେ ଥିବା ପଣ୍ଡାଙ୍କ ଆବାସିକ ଘରୁ ଭିଜିଲାନ୍ସ ଅଧିକାରୀମାନେ ୪ ଲକ୍ଷ ୭୩ ହଜାର ଟଙ୍କା ଜବତ କରିଛନ୍ତି। ସନ୍ଧ୍ୟା ସୁଦ୍ଧା ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

## ପୁଣି ଚର୍ଚ୍ଚାରେ ଅର୍ଚ୍ଚନା ନାଗ
# ଘର ଆଟାଚ୍ କଲା 'ଇଡି'



ଭୁବନେଶ୍ୱର,୧୨।୮(ନି.ପ୍ର.): ଅର୍ଥ କାରବାରକୁ ନେଇ ଦୁଇ ବର୍ଷ ପୂର୍ବରୁ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟି ଥିବା ଅର୍ଚ୍ଚନା ନାଗଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପହଞ୍ଚିଛି। 'ଇଡି'ର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ରର ଯାଞ୍ଚ କରୁଛି। ଅର୍ଚ୍ଚନାଙ୍କୁ ପୂର୍ବରୁ ଇଡି ତରଫରୁ ନୋଟିସ୍ ଜାରି ହୋଇଥିଲା।

ଇଡି ଏହି ଚଢ଼ଉ ବେଳେ ଅର୍ଚ୍ଚନା ନାଗଙ୍କ ଘରକୁ ଆଟାଚ୍ କରିଛି। ଅର୍ଚ୍ଚନାଙ୍କ ସତ୍ୟବିହାରସ୍ଥିତ ଜି+୨ କୋଠାକୁ ଆଟାଚ୍ କରିଛି। ମନି ଲଣ୍ଡରିଂ ଆଇନ ୨୦୦୨ ଆଧାରରେ ଏହି ପଦକ୍ଷେପ ନେଇଛି।

ସୂଚନାଯୋଗ୍ୟ, ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ଆଇପିସିର ବିଭିନ୍ନ ଦଫା ସହିତ ଆଇଟି ଆକ୍ଟରେ ପୁଲିସ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥି ସହିତ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୨୨, ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ଅର୍ଚ୍ଚନାଙ୍କ ବେଆଇନ କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଂଗ ସମ୍ମୁଖକୁ ଆସିବା ପରେ ଇଡି ଘଟଣାର ତଦନ୍ତ କରିଥିଲା। ୨୦୨୨, ଡିସେମ୍ବର ୧୩ରେ ଇଡି ଅର୍ଚ୍ଚନାଙ୍କୁ ଗିରଫ କରିଥିଲା। ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡା ଜେଲରୁ ବାହାରି ଥିଲେ। ତାଙ୍କୁ ନେବା ଲାଗି ସ୍ୱାମୀ ଜଗବନ୍ଧୁ ଚାନ୍ଦ ଝାରପଡା ଜେଲ୍‌ରେ ପହଞ୍ଚି ଥିଲେ। ଅର୍ଚ୍ଚନାଙ୍କ ତରଫରୁ ଆଇନଜୀବ ଜୟଦୀପ ପାଲ ମାମଲା ପରିଚାଳନା କରୁଥିଲେ।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ। ପୂର୍ବରୁ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାର ଦୁଇ ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳି ସାରିଥିବା ବେଳେ ଇଡି ମାମଲାରେ ଜାମିନ ମଞ୍ଜୁର ପରେ ଜେଲରୁ ବାହାରିବା ପାଇଁ ତାଙ୍କ ପଥ ପରିଷ୍କାର ହୋଇଥିଲା।

# ଭିଜିଲାନ୍ସ ଜାଲରେ ଜିଲା ଶ୍ରମ ଅଧିକାରୀ

ନୟାଗଡ଼,୧୨।୯(ନି.ପ୍ର.): ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତ ଶୁକ୍ରବାର ଭିଜିଲାନ୍ସ ଜାଲ ପଡିଛନ୍ତି। ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି।

ମିଳିଥିବା ସୂଚନା ମୁତାବକ,



ନୟାଗଡ଼ ବ୍ଲକ ବିରୁଡ଼ା ଗାଁର ଶ୍ରମିକ ନେତା ତଥା କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଦସ୍ୟ ଭୁବନ ଚାନ୍ଦ ହାତୀଙ୍କଠାରୁ ଶ୍ରମିକ କାର୍ଡ କରିବା ପାଇଁ ଜିଲା ଶ୍ରମ ଅଧିକାରୀ ରାଉତ ଶୁକ୍ରବାର ଲାଞ୍ଚ ନେଉଥିଲେ। ସେତିକିବେଳେ ସେ ଲାଞ୍ଚ ଟଙ୍କା ସହ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଗୋଟିଏ ଶ୍ରମ କାର୍ଡ ପିଛା ୩ ଶହ ଟଙ୍କା ଲେଖାଏ ୨୨ଟି ଶ୍ରମ କାର୍ଡ ପାଇଁ ଶ୍ରମ ଅଧିକାରୀ ରାଉତ ୬ ହଜାର ୬୦୦ ଟଙ୍କା ଦାବି କରିଥିବା ଜଣାପଡିଛି।

# ଆଜି ମଣିପୁର ଗସ୍ତ କରିବେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୧୨।୯(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ ଅର୍ଥାତ୍ ଆସନ୍ତାକାଲି ମଣିପୁର ଗସ୍ତ କରିବେ। ଏନେଇ ଅଧିକାରୀକ ଭାବରେ ନିଶ୍ଚିତ କରାଯାଇଛି। ମଣିପୁର ମୁଖ୍ୟ ସଚିବ ପୁନିତ କୁମାର ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଶାନ୍ତି, ବିକାଶର ପଥ ପ୍ରଶସ୍ତ କରିବ। ପ୍ରଧାନମନ୍ତ୍ରୀ ଶନିବାର ଦିନ ୧୨:୧୫ରେ ମିଜୋରାମର ରାଜଧାନୀ ଆଇଜଲରୁ ମଣିପୁରର ଚୁଡାଚାନ୍ଦପୁରରେ ପହଞ୍ଚିବେ। ସର୍ବପ୍ରଥମେ ଚୁଡାଚାନ୍ଦପୁରରେ ସେ ବିସ୍ଥାପିତ ଲୋକଙ୍କ ସହିତ ଆଲୋଚନା କରିବେ ଏବଂ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ।

ମେ' ୨୦୨୩ ମାସରେ ମୈତେଇ ଏବଂ କୁକି ଜନଜାତି ମଧ୍ୟରେ ହୋଇଥିବା ହିଂସା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଣିପୁରକୁ ପ୍ରଥମ ଗସ୍ତ ହେବ।

ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର



୧୩ରୁ ୧୫ପର୍ଯ୍ୟନ୍ତ ୨ ଦିନିଆ ଗସ୍ତରେ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ, ଯେଉଁଥିରେ ମିଜୋରାମ, ମଣିପୁର, ଆସାମ, ପଶ୍ଚିମବଙ୍ଗ ଏବଂ ବିହାର ସାମିଲ ରହିଛି। ଏହି ଗସ୍ତ ମିଜୋରାମରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ଆଇଜଲରେ ୯,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ବୈରାବି-ସାଇରାଙ୍ଗ ନୂତନ ରେଳ ଲାଇନର ଉଦଘାଟନ କରିବେ, ଯାହା ପ୍ରଥମ ଥର ପାଇଁ ମିଜୋରାମକୁ ଭାରତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରିବ।

ଏହା ପରେ ପ୍ରଧାନମନ୍ତ୍ରୀ ମୋଦୀ ମିଜୋରାମରୁ ମଣିପୁର ଯିବେ। ସେପ୍ଟେମ୍ବର ୧୩ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରାୟ ୧୨:୩୦ ସମୟରେ ଚୁରାଚାନ୍ଦପୁରରେ ପହଞ୍ଚି ୭,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ। ଅପରାହ୍ନ ପ୍ରାୟ ୨:୩୦ ସମୟରେ ସେ ଇମ୍ଫାଲରେ ୧୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ ଏବଂ ଏକ ସାଧାରଣ କାର୍ଯ୍ୟକ୍ରମରେ ଉଦବୋଧନ ଦେବେ।

ମଣିପୁର ପରେ ପ୍ରଧାନମନ୍ତ୍ରୀ ଆସାମ ଗସ୍ତ କରିବେ। ଆସାମର ଗୌହାଟୀରେ ଭାରତ ରତ୍ନ ଡକ୍ଟର ଭୂପେନ ହଜାରିକାଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନରେ ଯୋଗଦେବେ। ଆସାମରେ ୧୮,୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ। ଆସାମ ପରେ ପ୍ରଧାନମନ୍ତ୍ରୀ ମୋଦୀ କୋଲକାତା ଏବଂ ବିହାର ଯାଇ ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ ବୋଲି ଜଣାପଡିଛି।

# ଭାରତ ଆଗକୁ ବଢ଼ିଯିବ ଭାବି ଶୁଳ୍କ ଲଗାଯାଉଛି: ମୋହନ ଭାଗବତ

ନୂଆଦିଲ୍ଲୀ,୧୨।୯(ନି.ପ୍ର.) ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଗାଯାଇଥିବା ଶୁଳ୍କ ବୋମା ଉପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ନାଗପୁରରେ ଏକ କାର୍ଯ୍ୟକ୍ରମରେ ମୋହନ ଭାଗବତ ଆମେରିକାର ନାମ ନ ନେଇ କହିଛନ୍ତି ଯେ, ଭାରତ ଉପରେ ଭାରୀ ଶୁଳ୍କ ଲଗାଯାଇଛି କାରଣ ଆମ ଦେଶର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଏହା ଦେଖି ସେମାନେ ଭୟ କରୁଛନ୍ତି। ଆମେ ଆଗକୁ ବ ?ିଗଲେ ସେମାନଙ୍କର କ'ଣ ହେବ ବୋଲି ଭାବି ଏଭଳି ପଦକ୍ଷେପ ନେଉଛନ୍ତି।



ଶୁକ୍ରବାର ଦିନ ମୋହନ ଭାଗବତ କହିଛନ୍ତି ଯେ, 'ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବା ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେବେ।' ନାଗପୁରରେ ବ୍ରହ୍ମା କୁମାରୀ ବିଶ୍ୱ ଶାନ୍ତି ସରୋବରର ୭ମ ପ୍ରତିଷ୍ଠା ଦିବସରେ ଭାଷଣ ଦେଇ ଭାଗବତ କହିଛନ୍ତି ଯେ, 'ମହିଳାମାନଙ୍କ ନେତୃତ୍ୱାଧୀନ ବ୍ରହ୍ମା କୁମାରୀମାନଙ୍କ ପରି, ଆରଏସଏସ ମଧ୍ୟ ଆନ୍ତରିକ ଚେତନା ଜାଗ୍ରତ କରିବା ପାଇଁ କାମ କରେ। ଯେପର୍ଯ୍ୟନ୍ତ ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବେ, ସେପର୍ଯ୍ୟନ୍ତ ସେମାନେ ସମସ୍ୟାର ସମ୍ମୁଖୀନ ହେବେ। ଯଦି ଆମେ କରୁଣା ଦେଖାଇବା ଏବଂ ଭୟକୁ ଦୂର କରିବା ତେବେ ଆମର କୌଣସି ଶତ୍ରୁ ରହିବେ ନାହିଁ।'

ସେ ଆହୁରି କହିଛନ୍ତି, 'ବିଶ୍ୱରେ ଲୋକମାନେ ଭୟ କରୁଛନ୍ତି ଯେ, ଯଦି ଭାରତ ଆଗକୁ ବ ?ିଯାଏ ତେବେ ସେମାନଙ୍କର ସ୍ଥାନ ହ୍ରାସ ପାଇବ। ତୁମେମାନେ ଆମଠାରୁ ସାତ ସମୁଦ୍ର ଦୂରରେ। ?ସେଭଳି କିଛି ସଂଯୋଗ ନାହିଁ। ତଥାପି ତୁମମାନଙ୍କ ମନରେ ଏତେ ଭୟ ରହିଛି।'

# ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

ଭୁବନେଶ୍ୱର,୧୨।୯(ନି.ପ୍ର.): ଆଇଏଏସ୍ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆଇଏଏସ୍ ସ୍ତରରେ ଆଜି ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ୨୦୧୩ ବ୍ୟାଚ୍ ?ର ଆଇଏଏସ୍ ଅଫିସର ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବାର ନିର୍ଦ୍ଦେଶକ କରାଯାଇଛି। ସେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।ଆୟୁଷର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଞ୍ଜନା ପଣ୍ଡାଙ୍କୁ ଆୟୁଷର ନିର୍ଦ୍ଦେଶକ ଭାବେ ନିଯୁକ୍ତ ଦିଆଯାଇଛି। ସେ ଏବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଅବକାରୀ କମିଶନର ଥିବା ୨୦୧୭ ବ୍ୟାଚ୍‌ର ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ ବା ଓଏଜର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ବଦଳିଲା ପ୍ରସିଦ୍ଧ ବାଲିଯାତ୍ରା ନାଁ

କଟକ,୧୨।୯(ନି.ପ୍ର.): ବଦଳିଗଲା ୧୦୦୦ ବର୍ଷର ଐତିହାସିକ ସହରର ଭିନ୍ନ ପରିଚୟ ବାଲିଯାତ୍ରାର ନାଁ। ନଭେମ୍ବର ୫ରୁ ଆରମ୍ଭ ହେବାକୁ ଥିବା ବାଲିଯାତ୍ରାର ନାଁକୁ ଚଳିତ ବର୍ଷ ବଦଳାଇ ଦିଆଯାଇଛି। ଏଥର କଟକ ବାଲିଯାତ୍ରା ନାଁ ହେବ 'ଐତିହାସିକ ବାଲିଯାତ୍ରା କଟକ'। ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାଲିଯାତ୍ରା ନାଁ ପରିବର୍ତ୍ତନକୁ ନେଇ ଜିଲାପାଳ ସୂଚନା ଦେଇଛନ୍ତି। ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ବର୍ଷର ବାଲିଯାତ୍ରାରେ ଆଉ କିଛି ପରିବର୍ତ୍ତନ ବି କରାଯାଇଛି। ବାଲିଯାତ୍ରାରେ ଏଥର ଉପର ନୁହେଁ, କେବଳ ତଳ ପଡ଼ିଆରେ ଷ୍ଟଲ ଲାଗିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥର ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁଥିଲା।

# ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୨।୯(ନି.ପ୍ର.): ଦିଲ୍ଲୀରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ସେ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କୁ ଭେଟିଥିବା ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି। ଏକ୍ସ ପୋଷ୍ଟରେ ୩ଟି ଫଟୋ ସେୟାର କରାଯାଇଛି। ଫଟୋରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନଜର ଆସିଛନ୍ତି।

ଫଟୋ ସେୟାର କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲେଖିଛନ୍ତି, 'ଆଜି ନୂଆଦିଲ୍ଲୀଠାରେ ଆମ ଦଳର ମାନନୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଲି । ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।'





# ପାଠ ପାରେ ବାଧକ ସାଜିଛି ଆଧାର କାର୍ଡ

**୧୨।୯:(ମନ୍ଥନ)**ଗଜପତି ଜିଲ୍ଲା ବଡ କଲାକୋଟ ଗ୍ରାମ ପଞ୍ଚାୟତ ଜଙ୍ଗଜଙ୍ଗଲ ଗ୍ରାମରେ ଦେଖିବାକୁ ମିଳିଛି ଏକ ବିକଳ ଦୃଶ୍ୟ।ଯ ଓଡିଶା ସରକାର ଶିକ୍ଷା କୁ ସାର୍ବଜନୀନ ତଥା ଶିକ୍ଷାକୁସମ୍ପୂର୍ଣ୍ଣ ମାଗଣା କରି ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ ସ୍ଲୋଗାନ ଦେଇ ଚାଲିଥିବା ବେଳେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ପାରେ ଡୋରି ବାନ୍ଧିଛନ୍ତି ଜଙ୍ଗଜଙ୍ଗଲ ଗ୍ରାମର ବାଜନ୍ତି ଗମାଙ୍ଗଙ୍କ ବାର ବର୍ଷର ପୁଅ ସୁଜିତ ଗମାଙ୍ଗ । ପାଠ ପଢିବାକୁ ଆଗ୍ରହୀ ସୁଜିତ, ହେଲେ ଆଧାର କାର୍ଡ ହଜିଯାଇଥିବା ରୁ ସ୍ଥାନୀୟ ବିଦ୍ୟାଳୟରୁ ପଞ୍ଚମ ଶ୍ରେଣୀ ପଢିବା ପରେ ଆଉ ଉଚ୍ଚ ଶ୍ରେଣୀରେ ପଢି ପାରୁ ନାହାନ୍ତି ସୁଜିତ।ଯ ଅନେକ ଥର ଆଧାର କାର୍ଡ ପାଇଁ ଆବେଦନ କଲା ପରେ ବି ଆଧାର ମିଳୁ ନାହିଁ ତେଣୁ ଇଛା ଥାଇ ମଧ୍ୟ ଉଚ୍ଚ ଶ୍ରେଣୀରେ ନାମ ଲେଖାଇ ପାରୁ ନାହାନ୍ତି ବୋଲି ସୁଜିତ ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ସରକାର ଙ୍କ ସର୍ବ ଶିକ୍ଷା ଅଭିଯାନ କଣ ସତରେ ଏଠାରେ ବିଫଳ ହୋଇଗଲା ? ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆଧାର କାର୍ଡ ପାଇବା ପାଇଁ ଓ ସୁଜିତର ଉଚ୍ଚ ଶିକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଜଙ୍ଗଜଙ୍ଗଲ ଗ୍ରାମବାସୀ ମାନେ ଦାବି କରିଛନ୍ତି ।



# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ରଙ୍କ ଦ୍ୱାରା ଜିଲ୍ଲା ପରିଦର୍ଶନ ଓ ସମୀକ୍ଷା ବୈଠକ

ଜଗତସିଂହପୁର, **୧୨।୯:(ମନ୍ଥନ)** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ର ଅଧକ୍ଷା, ଶ୍ରୀମତି ବବିତା ପାତ୍ର ଓ ସଦସ୍ୟା, ଶ୍ରୀମତି କସ୍ତୁରୀ ମିଶ୍ର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାର ଶିଶୁ ସୁରକ୍ଷା ବିଷୟରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଶିଶୁ ମାନଙ୍କର ମୌଳିକ ଅଧିକାର ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ । ଶ୍ରୀମତି ବବିତା ପାତ୍ର, ଅଧକ୍ଷା ମହୋଦୟା କହିଥିଲେ ଯେ ଆଜିର ଶିଶୁ ବିକଶିତ ଭାରତ ର ଆଧାର, ଏଥିପ୍ରତି ଆମେ ଗୁରୁତ୍ୱ ଦେବା ଆବଶ୍ୟକ । ସେ ଶିଶୁ ଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହ ଯୋଜନା ଗୁଡ଼ିକ କିପରି ଗୋଟିଏ ଶିଶୁ ପାଖରେ ପହଞ୍ଚିବ ସେହି ଉପରେ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ । ଜିଲ୍ଲାର ଅଙ୍ଗନବାଡ଼ି ଗୁଡିକ କିପରି ସକ୍ଷମ ହୋଇପାରିବ ସେ ପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଛତୁଆ କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରି ସ୍ଥିତି ବୁଝିବା ପାଇଁ ସେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଙ୍କୁ ମଧ୍ୟ କହିଥିଲେ ଯାହା ଦ୍ୱାରା ଶିଶୁ ଟି ସଠିକ୍ ମାନର ପୋଷଣ ପାଇପାରିବ ।



ଶିଶୁ ଶ୍ରମିକ ର ହାର କମେଇବା ପାଇଁ ପ୍ରଚେଷ୍ଟା କରିବାକୁ କହିଥିଲେ । ଶିଶୁ ଆଶ୍ରମ ର ସଂଖ୍ୟା କୁ କମେଇବା ପାଇଁ ପ୍ରୟାସ ରହିବା ଦରକାର ବୋଲି କହିଥିଲେ ଯାହା ଫଳରେ ଶିଶୁ ଟି ଏକ ପରିବାର ପରିବେଶ ରେ ବଢ଼ିପାରିବ । ବ୍ଲକ୍, ତହସିଲ ଓ ପଞ୍ଚାୟତ ଅଫିସ୍ ଓ ବିଦ୍ୟାଳୟ ଗୁଡିକରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଇତ୍ୟାଦି ଉପରେ ସଚେତନତା ପ୍ରୋଗ୍ରାମ କରିବା ପାଇଁ ଉପଦେଶ ଦେଇଥିଲେ । ଉଭୟ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି ସମନ୍ୱୟରେ କାର୍ଯ୍ୟ କରିବା ଜରୁରୀ ବୋଲି କହିଥିଲେ।ଯ ଏଥି ସହିତ ସଂପୃକ୍ତ ବିଭିନ୍ନ ବିଭାଗ ର ଅଧିକାରୀ ମାନଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆଜି ସେ ପ୍ରଥମେ ତିର୍ତ୍ତୋଲ ଥାନା ଯାଇ ମହିଳା ଓ ଶିଶୁ ଡେସ୍କ ର କାର୍ଯ୍ୟଧାରା ପରିଦର୍ଶନ କରିଥିଲେ, ତତ ପରେ ତିର୍ତ୍ତୋଲ ବ୍ଲକ୍ ଅଧୀନସ୍ଥ ବଙ୍ଗାପୁର ଅଙ୍ଗନବାଡ଼ି ପରିଦର୍ଶନ କରିଥିଲେ ଓ ପରେ ବନବିହାରୀ ଛତୁଆ। କେନ୍ଦ୍ର ପରିଦର୍ଶନ କରିଥିଲେ । ଏହା ପରେ ଜଗତସିଂହପୁର ବ୍ଲକ୍ ଅଧୀନସ୍ଥ ନରେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ପୂନଙ୍ଗ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ । ଉକ୍ତ ଗସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କାହ୍ନୁଚରଣ ରାଉତ ପରିଚାଳନା କରିଥିଲେ।ଯ ଶ୍ରୀମତି କସ୍ତୁରୀ ମିଶ୍ର, ସଦସ୍ୟା ମହୋଦୟ ମଧ୍ୟ ଶିଶୁ ସୁରକ୍ଷା କୁ ଅତ୍ୟନ୍ତ ଗରୁତ୍ୱ ଭାବରେ ନେବା ପାଇଁ ସମସ୍ତଙ୍କୁ ଉପଦେଶ ଦେଇଥିଲେ । ଏହି ବୈଠକରେ ଉପସ୍ଥିତ ରହି ଡି ଏସ ପି ଶ୍ରୀ ରଶ୍ମି ରଞ୍ଜନ ଦାସ ମଧ୍ୟ ତାଙ୍କର ମନ୍ତବ୍ୟ ରଖିଥିଲେ।ଯ ଏହି ବୈଠକ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ମଙ୍ଗଳ କମିଟି ର ଅଧକ୍ଷା, କିଶୋର ନ୍ୟାୟ ବୋର୍ଡ ର ଅଧକ୍ଷ, ଜିଲ୍ଲା ଶ୍ରମ ବିଭାଗ ର ଅଧିକାରୀ, ଅତିରିକ୍ତ ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସମାଜ ସେବୀ ସମସ୍ତ ଉପସ୍ଥିତ ଥିଲେ ।

# ଶାନ୍ତିଶୃଙ୍ଖଳାର ପ୍ରଭୁଶ୍ରୀ ଗଣେଶଙ୍କ ଭସାଣି ଶେଷ

ବଲଙ୍ଗା, **୧୨।୯:(ମନ୍ଥନ)** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବଲଙ୍ଗା (ଦେଉଳିସାହି) ବାସୁଦେବ ଯୁବକ ସଂଘ ପକ୍ଷରୁ ଗୁରୁବାରଦିନ ନିଆରା ଢଙ୍ଗରେ ପ୍ରଭୁଶ୍ରୀ ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଗଣେଶ ଭସାଣି ଉତ୍ସବରେ ସବୁଠାରୁ ମନୋରମ ଦୃଶ୍ୟ ଥିଲା ଏହାର ଶୋଭାଯାତ୍ରା । ଶୋଭାଯାତ୍ରାକୁ ଦେଖିବାକୁ ବଲଙ୍ଗା ଦେଉଳିସାହି ଗ୍ରାମରେ ବହୁଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା । ସମସ୍ତେ ଭସାଣି ଶୋଭାଯାତ୍ରାକୁ ମନଭରି ଉପଭୋଗ କରିଥିଲେ । ଭସାଣି ଉତ୍ସବରେ ସୁର ଶଙ୍କର ବରହମପୁର (ଗଞ୍ଜାମ)ମ୍ୟୁଜିକ୍ ହୋଇଥିବାବେଳେ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରୁ ଆସିଥିବା ପାରମ୍ପରିକ ବାଦ୍ୟ ଓ ନୃତ୍ୟ ଯଥା ଆଦିବାସୀ ନୃତ୍ୟ, ଓଡିଶୀ, ବ୍ୟାନପାଟି, ଦାସକାଠିଆ, ରାମଲୀଳା, ବୁଢ଼ାବୁଢ଼ୀ, ବାଘ, ବାଘୁଣୀ, ଭାଲୁ, ଶଙ୍ଖୁଆ। ଦଳ, ନର୍ତ୍ତକୀ, ମହାବୀର ବାଜା, ଘୋଡା ଦଳ, ମାଦଳଦଳ, ଶୀବ ପାର୍ବତୀ, ଓଡିଶୀ ନୃତ୍ୟ, ଗୋଟିପୁଅ, ଦଶଅବତାର, ଘଂଣ୍ଟୁଆ ଦଳ, ମନଛୁଆଁ ବାଦନ ଲୋକମାନଙ୍କୁ ବେଶ ବିମୋହିତ କରିଥିଲା ।

# ଡେରାବିଶ ଗାନ୍ଧୀ ମୂର୍ତ୍ତୀ ଭଙ୍ଗା ଘଟଣାର ଅପରାଧୀଙ୍କୁ ଗିରଫ ଓ ପ୍ରତିମୂର୍ତ୍ତିର ପୁନଃସ୍ଥାପନ ଦାବି

କେନ୍ଦ୍ରାପଡ଼ା, **୧୨।୯:(ମନ୍ଥନ)** ରକ୍ତପାତ ଓ ଯୁଦ୍ଧ ବିଭୀଷିକାର ବାରୁଦ ଗଦା ଉପରେ ଠିଆ ହୋଇଥିବା ସମଗ୍ର ବିଶ୍ୱ ଏବେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ବିଚାରକୁ ଆଦର କରୁଥିବା ବେଳେ ଏବଂ ବିଶ୍ୱର ବିଭିନ୍ନ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେଉଥିବା ବେଳେ ଆମ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ବିଖଣ୍ଡିତ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଏପରି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବା ସହ କଠୋର ଦଣ୍ଡ ବିଧାନ କରିବା ନିମନ୍ତେ ଦାବି କରାଯାଇଛି। ଦେଶରେ ସର୍ବୋଦୟ ଆନ୍ଦୋଳନର ଉଦ୍ଗାତା ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ନୀଳିକଣା ବିଦ୍ୟାଳୟ ପରିସରରେ ଅବସ୍ଥାପିତ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପ୍ରତିବାଦରେ କେନ୍ଦ୍ରାପଡ଼ା ପୁରୁଣା ବସ୍ ଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ମୂର୍ତ୍ତି



ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଦାବି କରିଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଜିଲ୍ଲା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ସଭାପତିତ୍ୱ ଓ ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ଆୟୋଜିତ ଏହି ପ୍ରତିବାଦ ସଭାରେ ବିଧାୟକ ଗଣେଶ୍ୱର ବେହେରା, ଉତ୍କଳ ସର୍ବୋଦୟ ମଣ୍ଡଳ ଜିଲ୍ଲା ସଭାପତି ଅକ୍ରୁର ପଲାଇ, ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ଡ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ରମଣୀରଞ୍ଜନ ରାଉତରାୟ, ଫକୀର ଚରଣ ଖଟୁଆ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଗୟାଧର ଧଳ, ମୁକ୍ତାର ଖାଁ, ଡ. ଚୈତନ୍ୟ ଚରଣ ପରିଡା, ଆଇନଜୀବୀ ବିଜୟ ପରିଡା, ସଞ୍ଜୟ ଜେନା, ରବୀନ୍ଦ୍ର ପ୍ରସାଦ ଜେନା, ବୈଷ୍ଣବ ସ୍ୱାଇଁ, ନୃସିଂହ ତ୍ରିପାଠୀ, ଅମରେନ୍ଦ୍ର ଦାସ, ଧୀରେନ୍ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବକ୍ତବ୍ୟ ପ୍ରଦାନ କରି ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ ସହ ପ୍ରତିମୂର୍ତ୍ତିର ପୁନଃସ୍ଥାପନ ପାଇଁ ଦାବି କରିଥିଲେ।

# ପୁରୀର ୪ ଟି କେନ୍ଦ୍ରରେ ହବିଷ୍ୟାଳୀ ମା ମାନଙ୍କ ରହଣି ବ୍ୟବସ୍ଥା



ପୁରୀ, **୧୨।୯:(ମନ୍ଥନ)** ଚଳିତ ବର୍ଷ ର ହବିଷ ବ୍ରତ ଅକ୍ଟୋବର ମାସ ୭ ତାରିଖ ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ । କେବଳ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରାଯିବ। ହବିଷ୍ୟାଳୀ ମା ମାନଙ୍କୁ ୪ ଗୋଟି ରହଣି କେନ୍ଦ୍ର ଯଥା ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟସ୍ଥଳ ରେ ରଖାଯିବ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ହବିଷ ବ୍ରତ କାର୍ଯ୍ୟ ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ହବିଷ୍ୟାଳୀ ମାନଙ୍କର ସେବା କୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ଉପରୋକ୍ତ ହବିଷ୍ୟାଳୀ କେନ୍ଦ୍ର ଗୁଡିକ ହବିଷ ବ୍ରତ ଆରମ୍ଭ ପୂର୍ବରୁ ପ୍ରସ୍ତୁତ ରଖିବା, ମା ମାନଙ୍କର ଭଲ ଭାବେ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା,ସ୍ୱାସ୍ଥ୍ୟ ସେବା ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତ ଙ୍କୁ ସ୍ୱାଗତ କରି ବୃନ୍ଦାବତୀ ନିବାସ ,ବଗଲା ଧର୍ମଶାଳା , ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟ ସ୍ଥଳ ଠାରେ ହବିଷ୍ୟାଳୀ ମା ମାନଙ୍କର ରହଣି ର ବ୍ୟବସ୍ଥା କରାଯାଉଛି ଓ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀ ମାନେ ଏହାକୁ ଅନୁଧ୍ୟାନ କରିଛନ୍ତି ବୋଲି କହିଥିଲେ। ହବିଷ୍ୟାଳୀ ଯୋଜନା ଆଧାର ରେ ବୟସ୍କା ମା ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି । ତେଣୁ ସରକାରଙ୍କ ପରାମର୍ଶ କ୍ରମେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ବାକୁ ବ୍ୟବସ୍ଥା କରୁଛି । ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ,ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ,ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହାକୁ ସୁ ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯିବ।ଯମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବା ର ଆବଶ୍ୟକତା ଥିବାରୁ ବିଭାଗ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ । ତେଣୁ ଏହି କାର୍ଯ୍ୟ କୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଙ୍କୁ ପରାମର୍ଶ ଦେଇଥିଲେ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡିଆଇଜି ଅତିରିକ୍ତ ଏସ ପି ଦେବୀ ପ୍ରସାଦ ପ୍ରତାପ,ସି ଡି ଏମ ଓ ଡା ଅକ୍ଷୟ କୁମାର ଶତପଥୀ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ , କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ରାସ୍ତା ରେ ପାଇଥିବା ୨ ଲକ୍ଷ ଟଙ୍କା ର ଚେକ ଫେରାଇ ମହାନତା ଦେଖାଇଲେ ୨ ଗଣମାଧ୍ୟମ ପ୍ରତିନିଧି

ବଙ୍ଗୋମୁଣ୍ଡା, **୧୨।୯:(ମନ୍ଥନ)** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଛକ ରାସ୍ତା ରେ ପାଇଥିବା ୨ ଲକ୍ଷ ଟଙ୍କାର ଚେକ ଫେରାଇ ମହାନତା ଦେଖାଇଲେ ଅଞ୍ଚଳର ଯୁବ ୨ ଗଣମାଧ୍ୟମ ପ୍ରତିନିଧି । ସୂଚନା ଅନୁସାରେ,ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗଁରେଇ ପଞ୍ଚାୟତର ସରପଞ୍ଚ ଙ୍କ ପ୍ରତିନିଧି ଡୋଲାମଣି ଛୁରା ସେ ବ୍ୟାଙ୍କ ରେ ଟଙ୍କା ଉଠାଣ ପାଇଁ ଗ୍ରାହକ ଙ୍କ ଦସ୍ତଖତ କରି ଏକ ଚେକ ବଙ୍ଗୋମୁଣ୍ଡା ବ୍ଲକ ଛକ ଠାରେ ତାଙ୍କ ବ୍ୟାଗରୁ ଅସାବଧାନତା ବଶତଃ ଖସି ପଡିଯାଇଥିଲା । ଦୀର୍ଘ ସମୟ ଧରି



ରାସ୍ତାରେ ପଡି ଯାଇଥିଲା । ଏତିକି ସମୟରେ ସେହି ଅଞ୍ଚଳକୁ ଖବର ସଂଗ୍ରହ କରିବା ପାଇଁ କଣ୍ଟାବାଞ୍ଜି ଅଞ୍ଚଳ ର ୨ ଯୁବ ସାମ୍ବାଦିକ କଣ୍ଟାବାଞ୍ଜି ନିୟୁଜ -୭ ପ୍ରତିନିଧି ଅଶୋକ ନାରାୟଣ ଭୋଇ ଓ କଣ୍ଟାବାଞ୍ଜି ଅର୍ଗସ ନ୍ୟୁଜ ପ୍ରତିନିଧି ହୁଲେଶ୍ୱର ହଂସ ଯାଉଥିବା ବେଳେ ଚେକ ଟି ତଳେ ପଡିଥିବା ନେଇ ଦେଖିବାକୁ ପାଇଥିଲେ । ପରେ ଚେକକୁ ଆଣିଥିଲେ । ପରବର୍ତ୍ତୀ ସମୟରେ ଡୋଲାମଣି ଛୁରା ଙ୍କୁ ଫୋନ କରି ଚେକ ନେବା ପାଇଁ ଗଣମାଧ୍ୟମ କାର୍ଯ୍ୟାଳୟ କୁ ଡାକିଥିଲେ । ଚେକ ପାଇବା ପରେ ଡୋଲାମଣି ଖୁସିବ୍ୟକ୍ତ କରିଛନ୍ତି । ସେମାନେ ଚାହିଁଥିଲେ ଏହି ଚେକରୁ ଟଙ୍କା ଉଠାଣ କରିପାରିଥାନ୍ତେ । କିନ୍ତୁ ସେମାନେ ଲୋଭର ବଶବର୍ତ୍ତୀ ନ ହୋଇ ସେହି ବ୍ୟକ୍ତି ଙ୍କୁ ଫୋନ କରି ଡାକି ଚେକ ଫେରାଇଥିବାରୁ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ତରଫରୁ ଦୁଇ ସାମ୍ବାଦିକ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ମହତ କାର୍ଯ୍ୟ କୁ ବିଭିନ୍ନ ମହଲ ରେ ପ୍ରଶଂସା କରାଯାଇଛି ।

# ଚୋରା ମଦ ଜବତ ୫ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, **୧୨।୯:(ମନ୍ଥନ)** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ, ଜମ୍ବୁ ସାମୁଦ୍ରିକ ଓ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଅଠରବାଟିଆ ଗ୍ରାମର ଗୌତମ ମଳିକ(୩୮)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଅଳଭା ଗ୍ରାମର ପ୍ରମୋଦ ମଳିକ(୩୮)ଙ୍କ ଠାରୁ ୨୨ ଲିଟର ଦେଶୀ ମଦ, ମାଟିଆ ଗ୍ରାମର ସୁବାସ ମଳିକ(୫୦)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ପ୍ରଭାକରପୁର ଗ୍ରାମର ରଜତ ରାଉତ(୩୮)ଙ୍କ ଠାରୁ ୯୬୩ ଲିଟର ଦେଶୀ ରନ୍ଧା ମଦ ଓ




ପ୍ରଭାକର ପୁର ଗ୍ରାମର ଚୈତନ୍ୟ ରାଉତ(୫୭)ଙ୍କ ଠାରୁ ୨୧୨ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୨୪୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି।

# ଏ.ଇଏଫ ମାର୍କେଟ ସ୍ଥାୟି ଲକ୍ଷ୍ମିପୂଜା ମଣ୍ଡପ ସ୍ଥାପିତ

କୋରାପୁଟ, **୧୨।୯:(ମନ୍ଥନ)** ସୁନାବେଡା ଏ.ଇ.ଏଫ ମାର୍କେଟରେ ଏକ ସ୍ଥାୟି ଲକ୍ଷ୍ମି ପୁଜା ମଣ୍ଡପ ସ୍ଥାପିତ କରାଯାଇଛି, ତାହାର ନୂତନ ଗୃହକୁ ପୂଜା ଅର୍ଚ୍ଚନା କରାଯାଇଥିଲା।ମାର୍କେଟ ବାସିଙ୍କ ଦୀର୍ଘ ଦିନର ଅଭିଳାଶ ସ୍ଥାପିତ ସ୍ଥାୟି ଲକ୍ଷ୍ମି ପୂଜା ରେ ପୂରଣ ହେଲା। କାର୍ମେଟ କମିଟିର ସଭାପତି ନିରଂଜନ ପ୍ରଧାନ ଙ୍କ ବହୁ ଚେଷ୍ଟାରେ ବିଳମ୍ବ ରେ ହେଲେ ମଧ୍ୟ ସ୍ଥାପିତ ହେବାରେ ସଫଳ ହେଲା। ମାର୍କେଟ କମିଟିର ଦୀର୍ଘ ଦିନ ହେଲା ସଭାପତି ଦାୟିତ୍ୱରେ ରହି ସବୁ କାର୍ଯ୍ୟ ସୂଚାରୁ ରୁପେ ତୁଲାଉଥିବା ବେଳେ ଦୀର୍ଘ ଭର୍ଷ ହେଲା ଲକ୍ଷ୍ମି ପୂଜା ମଣ୍ଡପ ଅସ୍ଥାୟି ଭାବରେ ଏକ ଭଡା ଦୋକାନ ଚାଲି ଆସୁଥିଲା। କିଂୁ ସମୟର ପରିବର୍ତନକୁ ନେଇ ପୂର୍ବତନ ବିଧାୟକଙ୍କ କିଛି ଆର୍ଥିକ ସହାୟତା ଓ ବାହାରୁ ଅନ୍ୟାନ୍ୟ ସଂସ୍ଥାଙ୍କ ସହ ଯୋଗରେ ଏହା ସଂପର୍ଣ୍ଣ ହୋଇ ପାରିଥିବା ଜଣା ଯାଇଛି। ଏହି ମଣ୍ଡପ ନିର୍ମାଣ ଦ୍ୱାରା ସମସ୍ତ ମାର୍କେଟ ଦୋକାନ ବାଲା ଖୁସି ଥିବା ଜଣା ପଡିଛି। ସଭାପତିଙ୍କ ଅପୂର୍ବ ଚେଷ୍ଟା ପ୍ରବଳ ମନୋବଳ ସକାଶେ ଆଜି ମାର୍କେଟ ରେ ସ୍ଥାୟି ଲକ୍ଷ୍ମି ପୂଜା ମଣ୍ଡପ ଟି ଠିଆ ହୋଇ ପାରି ଥିବା ନେଇ ସମସ୍ତେ ଧନ୍ୟ ବାଦ ଦେଇଥିବା ଜଣା ପଡିଛି। ଉଦ୍ଘାଟନ ସମୟରେ ସଭାପତି ସାଙ୍ଗକୁ କମିଟିର ଉପସଭାପତି- ରବିନ୍ଦ୍ର କୁମାର ଖଟେଇ ,ସଂପାଦକ- ଏ. ସୁନିଲ, କୁମାର ନରେନ୍ଦ୍ର କୁମାର ସାହୁ, ସରତ ସେଠୀ, ବାବୁଲି, ଧମେନ୍ଦ୍ର ସିଂ, ନାରାୟଣ ପଣ୍ଡା, ଅବନୀ କୁମାର ପାଢୀ, ଶ୍ୟାମ ଟାକିରି, ଶିବ ଶଙ୍କର ନାୟକ, ସହଦେବ ସେଠୀ , ସହଦେବ ସେଠୀ, ରମେଶ ସିଓ, ବାବୁଲି କୁମାର ସିଓ, ମିଟୁ, ସଂଜୟ ଡାକୁଆ, ବିନୋଦ ଡାକୁଆ, ରବିନ୍ଦ୍ର ନାୟକ ଙ୍କ ସହିତ ମାର୍କେଟ କମିଟିର ଅନ୍ୟାନ୍ୟ କର୍ମକତାମାନେ ମଧ୍ୟ ଉପସ୍ଥିତ ରହିଥିଲେ।

# ଟ୍ରକ ଧକ୍କାରେ ମହିଳାଙ୍କ ମୃତ ସ୍ୱାମୀ ଗୁରୁତର

ପିପିଲି, **୧୨।୯:(ମନ୍ଥନ)** ପିପିଲି-ଜଟଣୀ ରାସ୍ତାର ହସନପୁର ପେଟ୍ରୋଲ ଟାଙ୍କି ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତା ମହିଳାଙ୍କ ନାମ ମମତା ପରିଡା (୩୫) ଓ ତାଙ୍କ ଘର ଡେଲାଙ୍ଗ ଥାନା ଅନ୍ତର୍ଗତ ରତାପଡ଼ା ଗ୍ରାମରେ ହୋଇଥିବା ପୋଲିସ ଠାରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାଇ, ରତାପଡା ଗ୍ରାମର ଦିଲୀପ ପରିଡା ନିଜ ବାଇକ ପଛରେ ପତ୍ନୀ ମମତା ଙ୍କୁ ବସାଇ ପିପିଲି ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ହସନପୁର ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡରେ ସେ ନିଜ ବାଇକକୁ ରଖିବାକୁ ଯାଉଥିବା ବେଳେ ହଠାତ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ରାସ୍ତା କଡ଼କୁ ମାଡି ଯାଇ ତାଙ୍କ ବାଇକକୁ ଧକ୍କା ଦେଇଥିଲା । ବାଇକରୁ ମମତା ଛିଟିକି ତଳେ ପଡିଯାଇଥିବା ବେଳେ ଟ୍ରକର ଚକା ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାରେ ତାଙ୍କ ସ୍ୱାମୀ ଦିଲୀପ ମଧ୍ୟ ଗୁରୁତର ହୋଇଥିବା ସୂଚନା ମିଳିଛି । ଏହାକୁ ନେଇ ଘଟଣା ସ୍ଥଳରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିବା ବେଳେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ପିପିଲି ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛନ୍ତି ।ଆହତ ସ୍ୱାମୀ ଦିଲୀପଙ୍କୁ ପିପିଲି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବେ ଭୁବନେଶ୍ୱର ର ଏକ ଘରୋଇ ମେଡିକାଲ ରେ ଚିକିତ୍ସିତ ହେଉଥିବା ଖବର ମିଳିଛି। ତେବେ ଏନେଇ ପିପିଲି ଥାନାରେ ସଂପୁର ଗ୍ରାମର ଚର୍ତୁଭୁଜ ପରିଡା ଙ୍କ ଲିଖିତ ଅଭିଯୋଗରେ ପିପିଲି ଥାନାରେ ୫୫୧୨୫ରେ ଏକ ମାମଲା ରୁଜୁ କରାଯାଇଛି । ମୃତ ଶରୀର କୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି । ଅନ୍ୟପଟେ ଦୃର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ଟ୍ରକକୁ ଜବତ କରି ଥାନାରେ ରଖିଯାଇଥିବା ଜଣାପଡିଛି।

# ପୁରୀରେ ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, **୧୨।୯:(ମନ୍ଥନ)** ଦୁର୍ଗାପୂଜା ଓ ଭସାଣି ଉତ୍ସବ କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ପର୍ବ । ତେବେ ଶ୍ରୀକ୍ଷେତ୍ରରେ ଦୁର୍ଗା ପୂଜା ନିଆରା ଭାବେ ପାଳନ ହେବା ସହ ସିଂହଦ୍ୱାର ଠାରେ ଭସାଣି ବା ଗୋଷାଣି ଯାତ୍ରା ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟେକ ପୂଜା କମିଟି ଓ ବିଭାଗ ଶୃଙ୍ଖଳା ର ସହ ଏହାକୁ ପରିଚାଳନା କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଗତବର୍ଷ ମାନଙ୍କ ପରି ସମସ୍ତ ଙ୍କ ସହଯୋଗ ରେ ପୂଜା ଓ ଭସାଣି ଶୃଙ୍ଖଳିତ ଓ ଭାଇଚାରାର ସହ ସମ୍ପର୍ଣ୍ଣ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏସ ପି ପ୍ରତୀକ ସିଂ ମାନ୍ୟବର କୋର୍ଟ ଓ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ଏବଂ ସମସ୍ତଙ୍କ ସହଯୋଗ ରେ ଏହି ମହାନ ପର୍ବ କୁ ଶାନ୍ତି ଶୃଙ୍ଖଳା ର ସହ ପାଳନ କରିବାକୁ ଅନୁରୋଧ କରିଥିଲେ । ଦଶହରା ଅକ୍ଟୋବର ୨ ତାରିଖରେ ଓ ଭସାଣି ଗୋଷାଣୀ ଯାତ୍ରା ଉତ୍ସବ ଅକ୍ଟୋବର ୩ ତାରିଖରେ ସିଂହଦ୍ୱାର ଠାରେ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୨୮ ତାରିଖରେ ଷଷ୍ଠୀ, ୨୯ ତାରିଖରେ ମହାସପ୍ତମୀ, ୩୦ ତାରିଖରେ ମହାଷ୍ଟମୀ, ଅକ୍ଟୋବର ୧ ତାରିଖରେ ନବମୀ ଅନୁଷ୍ଠିତ ହେବ। ପୂଜା ସମୟରେ ପ୍ରତ୍ୟେକ ପୂଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷ ଙ୍କ ଠାରୁ ବିଦ୍ୟୁତ ଯୋଗାଣ, ଅଗ୍ନି ନିର୍ବାପକ, ତୋରଣ ନିର୍ମାଣ, ମାଇକ ବ୍ୟବହାର, ମଣ୍ଡପ ସ୍ଥାନ ଇତ୍ୟାଦି ର ଅନୁମତି ନେବା ଜରୁରୀ।ଯମାନ୍ୟବର କୋର୍ଟ ଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ବିନା ଅନୁମତିରେ ପୂଜା ମଣ୍ଡପ ରେ ପୂଜା ହୋଇ ପାରିବ ନାହିଁ। ପୂଜା କମିଟି ମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବେ, ରାସ୍ତା ଅବରୋଧ ନ କରି ମଣ୍ଡପ ବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ, ସ୍ୱଚ୍ଛତା ବ୍ୟବସ୍ଥା କରିବେ।କୌଣସି ପୂଜା କମିଟି ବାଣ ଫୁଟାଇବେ ନାହିଁ।ଯଭସାଣୀ ଦିନ ସିଂହଦ୍ୱାର ଠାରେ ସମସ୍ତ ମେଢ଼ ଗୁଡିକ ଏକତ୍ରିତ ହେବେ । ସେଠାରେ ମେଢ ପ୍ରଦର୍ଶନ କରାଯିବା ପରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ମେଢ ଗୁଡିକ ପୌର ପାଳିକା ପକ୍ଷରୁ ପ୍ରସ୍ତୁତ ଶ୍ରୀ ସେତୁ ନିକଟ ମୂଷା ନଈର ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ।ଯଏଠାରେ ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ପୋଖରୀ କୁ ଉପଯୁକ୍ତ ପ୍ରସ୍ତୁତ ବ୍ୟବସ୍ଥା, କ୍ରେନ ବ୍ୟବସ୍ଥା ଓ ଯୋଗାଯୋଗ ରାସ୍ତା କୁ ମରାମତି ପୌରପାଳିକା ପକ୍ଷରୁ କରାଯିବ । ସେହିପରି ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା,ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା,ପୂଜା ଓ ଭସାଣୀ ସମୟରେ ପାନୀୟ ଜଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ବିଭାଗ ମାନେ କରିବାକୁ ଅନୁରୋଧ କରାଗଲା । ପୂଜା କମିଟି ମାନେ ଶୃଙ୍ଖଳାରକ୍ଷା ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ନିୟୋଜନ କରିବା,ସି ସି ଟିଭି ଲଗାଇବା, ପୂଜା କମିଟି ର ସ୍ୱେଚ୍ଛାସେବୀ ଙ୍କୁ ଚିହ୍ନଟ ପାଇଁ ପରିଚୟ ପତ୍ର ବ୍ୟବସ୍ଥା କରିବା କୁ ଅନୁରୋଧ କରାଯାଇଥିଲା।ଯଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ସହ ସ୍ଥାୟୀ ବିସର୍ଜନ ସ୍ଥଳ କୁ ପୂର୍ବ ପରି ଆକର୍ଷଣୀୟ କରିବାକୁ ଅନୁରୋଧ କରାଯାଇଥିଲା ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ସ୍ୱାଇଁ, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ,ଡିଆଇଜି ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ,ଶ୍ରୀକ୍ଷେତ୍ର ଗୋଷାଣି ପୂଜା କମିଟିର ଉପ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର,ଉପ ସଭାପତି ନାରାୟଣ ମହା ସୁଆର, ସମ୍ପାଦକ ଅନିରୁଦ୍ଧ ରାଉତ, ଯୁଗ୍ମ ସମ୍ପାଦକ ଗଣେଶ ମହାସୁଆର, ପ୍ରଶାନ୍ତ ମହାନ୍ତି,କୋଷାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ସଦସ୍ୟ ଶ୍ୟାମ ସୁନ୍ଦର ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଦୁର୍ଗାପୂଜା ମଣ୍ଡପ ର ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକମର୍ତ୍ତା ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଶଂଗ୍ରହଣ କରିଥିଲେ ।



# ଗୋଲିଆରେ ଦୁର୍ଗାପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା ,୧୨ ।୯:(ମନ୍ଥନ)ବୁଗୁଡା ବ୍ଲକ ଗୋଲିଅ। ଗ୍ରାମର ବଡସାହିରେ ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ବାଦ୍ୟ ବାଜଣା ସହ ଶୁଭଖୁଣ୍ଟିକୁ ଗ୍ରାମ୍ୟ ପରିକ୍ରମା ପୂର୍ବକ ପ୍ରସ୍ତାବିତ ଦୁର୍ଗା ମଣ୍ଡପଠାରେ ସ୍ଥାପନ କରାଯାଇଛି । ଉକ୍ତ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ପୁରୋହିତ ବିଭୁତି ଭୂଷଣ ହୋତା ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ



କରିଥିବା ବେଳେ କର୍ତ୍ତା ଭାବେ ନବୀନ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । ଦୁର୍ଗାପୂଜା କମିଟି ସଭାପତି ସୁନୀଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଦସ୍ୟମାନେ ସହଯୋଗ କରିଥିଲେ ।

# ଆଦର୍ଶବାଦୀ ମହାପୁରୁଷ ମହମ୍ମଦଙ୍କ ସ୍ମୃତିସଭା ସମାରୋହ ପାଳିତ

ସୋର,୧୨ ।୯:(ମନ୍ଥନ)ଅହମଦିୟା ମୁସଲିମ ସମ୍ପ୍ରଦାୟ ସୋର ଆନୁକୁଲ୍ୟରେ ହଜରତ ମହମ୍ମଦ ସଲ୍ଲମଙ୍କ ଜୀବନୀ ଉପରେ ଆଧାରିତ ସମାରୋହ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମହାଭାଗ ହଜରତ ମହମ୍ମଦ ସଲ୍ଲମଙ୍କ ବିଭିନ୍ନ ଆଦର୍ଶ ବିଷୟରେ ବର୍ଣ୍ଣନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସଭାପତିତ୍ୱ ଅବଦୁଲ ଜହୁର ଖାନ୍ କରିଥିଲେ । ପବିତ୍ର କୁରଆନ ପାଠ ସହ ବକ୍ତବ୍ୟର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାୟ ଏହା ମଧ୍ୟରେ ସୁମଧୁର ନଜମ ( ଧାର୍ମିକ ଗିତ ) ପଢି ଶ୍ରୋତାମାନଙ୍କୁ ଆନନ୍ଦିତ କରାଯାଇଥିଲା । ମୁଖ୍ୟ ବକ୍ତା ଭାବେ ବାଲେଶ୍ୱରରୁ ମୌଲାନା ନୱେଦୁଲ ଫତାଃ ଦାଇଏ ଖୁସୁସି ଓଡ଼ିଶା ଯୋଗଦେଇ ଆଦର୍ଶବାଦୀ ମହାପୁରୁଷ ହଜରତ ମହମ୍ମଦ ସଲ୍ଲମଙ୍କର ଈଶ୍ୱର ଭକ୍ତି ବିଷୟ ଉପରେ ମତାମତ ରଖିଥିଲେ । ଦ୍ୱିତୀୟ ବକ୍ତା ଭାବେ ମୌଲାନା ଶରିଫ ଖାନ୍ ମିଶନାରୀ ଇନ୍ ଚାର୍ଜ ସୋର ବକ୍ତବ୍ୟ ପ୍ରଦାନ କରି ସମାରୋହର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏତଦ୍ ବ୍ୟତୀତ ଅଜିମ ସାହେବ, ରଶିଦ ସାହେବ ମଧ୍ୟ ନିଜ ବିଚାର ରଖିଥିଲେୟ ସର୍ବ ଶେଷରେ ସଭାପତି ଅବଦୁଲ ଜହୁର ଖାନ୍ ସାହେବ ସମ୍ମାନିତ ବକ୍ତା ମାନଙ୍କର କୃତଜ୍ଞତା ଜ୍ଞାପନ କରି ସାମୂହିକ ନିରବ ପ୍ରାର୍ଥନା କରା ଯାଇଥିଲେ ।

# କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂପୁରରେ ବୈଜ୍ଞାନିକ ପଦ୍ଧତି ରେ ବ୍ରଏଲର ଚାଷ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

ଜଗତସିଂହପୁର,୧୨ ।୯:(ମନ୍ଥନ)କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଆନୁକୁଲ୍ୟରେ ଯୁବଉଦ୍ୟୋଗୀ ମାନଙ୍କ ପାଇଁ ବ୍ରଏଲର ଚାଷ ଉପରେ ଏକ ୩ ଦିନିଆ ତାଲିମ ଅନୁଷ୍ଠିତ ହୋଇଛି । ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ, ଏହି ତାଲିମରେ ତିର୍ତ୍ତୋଲ ବ୍ଲକର ବିଭିନ୍ନ ଗ୍ରାମରୁ ୨୦ ଜଣ ଯୁବଉଦ୍ୟୋଗୀ ଭାଗ ନେଇଥିଲେ । ଏହି ତାଲିମ ତା ୧୦.୦୯. ୨୦୨୫ ରିଖ ରୁ ଆରମ୍ଭ ହୋଇ ତା ୧୨.୦୯.୨୦୨୫ ରିଖରେ ସମ୍ପନ୍ନ ହୋଇଛି । ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାଣୀ ବିଜ୍ଞାନୀ ଡ. ତପନ ପଲାଇ, ପ୍ରାଣୀ




ଚିକିତ୍ସା ଅଧିକାରୀ ଡ.ଦୁର୍ଗା ପ୍ରସାଦ ମିଶ୍ର ଭାଗ ନେଇଥିବା ଚାଷୀମାନଙ୍କୁ କୁକୁଡ଼ା ପାଳନ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ । କୁକୁଡ଼ା ପାଳନରେ ଗୃହ ପରିଚାଳନା, ଖାଦ୍ୟ ପରିଚାଳନା, ରୋଗ ପରିଚାଳନା, ଟୀକାକରଣ, ପ୍ରକଳ୍ପ ପ୍ରସ୍ତୁତି ଆଦି ବିଷୟରେ ସମସ୍ତ ଜ୍ଞାନ ପ୍ରଦାନ କରାଯାଇଥିଲା । ତାଲିମ କାର୍ଯ୍ୟକ୍ରମର ୨ୟ ଦିନରେ ଗଡ଼କୁଜଙ୍ଗ ଠାରେ ଅବସ୍ଥିତ ୪୦୦୦ ବ୍ରଏଲର ଫାର୍ମ ପରିଦର୍ଶନରେ ଯାଇ ଚାଷୀ ମାନେ ଫାର୍ମ ପରିଚାଳନାର ସମସ୍ତ କାର୍ଯ୍ୟ ଦେଖି ଶିଖିଥିଲେ । ୩ୟ ଦିନରେ ଡ.ଅଜୟ କୁମାର ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଏବଂ ଡ.ଯଦୁନାଥ ପରିଡା, ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀଙ୍କ ଉପସ୍ଥିତିରେ ଭାଗ ନେଇଥିବା ଯୁବଉଦ୍ୟୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡ଼. ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ ,ସରିତା ଦାସ ସହଯୋଗ କରିଥିଲେ ।

# ଛତ୍ରପୁର ପ୍ରେସ କ୍ଲବର କର୍ମକର୍ତ୍ତା ନିର୍ବାଚନ

ଛତ୍ରପୁର,୧୨ ।୯:(ମନ୍ଥନ)ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଲାଗି ଶୁକ୍ରବାର ନିର୍ବାଚନ ଶେଷ ହୋଇଛି । ସଭାପତି ଭାବେ ସରୋଜ ସାମଲ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଅଜିତ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ, ସହ- ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ଖିରୋଦ ଚନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି । ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଲାଗି ଅନୁଷ୍ଠିତ ଏହି ନିର୍ବାଚନରେ ୨୩ ଜଣ ସଦସ୍ୟ ମତଦାନ କରିଥିଲେ । ସଭାପତି ପଦବୀ ପାଇଁ ୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସରୋଜ ସାମଲ ୧୨ ଖଣ୍ଡ ଭୋଟ ପାଇ ନିର୍ବାଚିତ



ହୋଇଥିଲେ । ସମ୍ପାଦକ ପଦବୀ ପାଇଁ ମଧ୍ୟ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଅଜିତ କୁମାର ସ୍ୱାଇଁ ୧୫ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ । କୋଷାଧ୍ୟକ୍ଷ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଖିରୋଦ ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱ ରେ ନିର୍ବାଚିତ ହୋଇଥିଲେ । ସହ ସମ୍ପାଦକ ଓ ଉପ ସଭାପତି ପଦବୀ ପାଇଁ ୨ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉଭୟେ ଉଭୟେ ସମାନ ସମାନ ଭୋଟ ପାଇଥିବାରୁ ଉଭୟଙ୍କୁ ଏକ ବର୍ଷ ଲେଖାଏଁ ପଦବୀ ପ୍ରଦାନ କରାଯାଇଛି । ଏଥିଲାଗି ଧର୍ମ ଗୁଳା କରାଯାଇଥିବା ବେଳେ ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ ଓ ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଚଳିତ ପ୍ରଥମ ବର୍ଷ ପଦବୀରେ ରହିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଉପସଭାପତି କେ. ସତ୍ୟ ନାରାୟଣ ରେଡ୍ଡୀ ଓ ସହ- ସମ୍ପାଦକ ଦେବଦତ୍ତ ପଣ୍ଡା ଆସନ୍ତା ବର୍ଷ ନିମନ୍ତେ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ନିର୍ବାଚନ ଅଧିକାରୀ ଭାବେ ଶ୍ରୀକାନ୍ତ ମହାନ୍ତି ଦାୟିତ୍ୱ ତୁଲାଇଥିଲେ ।

# ପ୍ରଦୂଷଣ ହ୍ରାସ ଉଦ୍ୟମରେ ଅନୁଗୋଳ ଦେଶରେ ତୃତୀୟ ଶ୍ରେଷ୍ଠ

ଅନୁଗୋଳ,୧୨ ।୯:(ମନ୍ଥନ)କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆନୁକୁଲ୍ୟରେ ଚାଲିଥିବା ଜାତୀୟ ସ୍ୱଚ୍ଛବାୟୁ କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକା ୩ ଲକ୍ଷରୁ କମ ଜନ ସଂଖ୍ୟା ବିଶିଷ୍ଟ ବର୍ଗରେ ଦେଶରେ ୩ୟ ଶ୍ରେଷ୍ଠ ପୁରସ୍କାର ହାସଲ କରିଛି । ପ୍ରଦୂଷଣ ହ୍ରାସ ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଆଧାରରେ ଏହି ପୁରସ୍କାର ଦିଆଯାଇଛି । ଦିଲ୍ଲୀର ଗଙ୍ଗା ଅଡିଟୋରିୟମ ରେ ଆୟୋଜିତ ଏକ ଭବ୍ୟ ସମାରୋହରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀଯୁକ୍ତ ଭୂପିନ୍ଦର ଯାଦବ ଅନୁଗୋଳ ପୌରପାଳିକାକୁ ୧୨ଲକ୍ଷ ୫୦ ହଜାର ଟଙ୍କା, ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ନଗରପାଳ ଶ୍ରୀ ଅକ୍ଷୟ କୁମାର ସାମନ୍ତ, ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ଅନୁପମା ସାହୁ, ଏବଂ ନିର୍ବାହୀ ଅଧିକାରୀ ଶ୍ରୀ ସତ୍ୟ ପ୍ରକାଶ ତ୍ରିପାଠୀ ଏହି ପୁରସ୍କାର ଗ୍ରହଣ କରିଥିଲେ । ଅନୁଗୋଳ ପୌରପାଳିକା ମୋଟ ୨୦୦ ରୁ ୧୯୧ ପଏଣ୍ଟ ହାସଲ କରି ଦେଶରେ ତୃତୀୟ ଶ୍ରେଷ୍ଠ ସ୍ଥାନ ହାସଲ କରିଛି । ଗତ ଏକ ବର୍ଷ ମଧ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନେଇ ବିଭିନ୍ନ ପଦକ୍ଷେପ ନିଆଯିବା ସହ ପରିମଳ ବିଭାଗରେ ଅଧିକ ଗାଡି ଓ ଅଧିକ କର୍ମଚାରୀ ନିୟୋଜିତ କରିବା , ସହର ମଧ୍ୟରେ ପୂର୍ବରୁ ରହିଥିବା ଡମ୍ପି ପଏଣ୍ଟକୁ ହଟାଇବା , ଜିଲ୍ଲା ପ୍ରଶାସନର ସହଯୋଗରେ ଦିନବେଳା ସହରରେ ମଧ୍ୟଦେଇ ଭାରୀଯାନ ଚଳାଚଳକୁ ବନ୍ଦ କରାଯିବା , ବାଇପାସ୍ ଦେଇ ଭାରୀଯାନକୁ ଛଡାଯିବା ଯୋଗୁଁ ସହରରେ ଭେଇକୁଲାର ଏମିସନ ଜନିତ ବାୟୁ ପ୍ରଦୂଷଣକୁ ହ୍ରାସ କରାଯାଇପାରିଛି । ସହରର ଅଧିକାଂଶ ରାସ୍ତା ପେଭର ରାସ୍ତାରେ ପରିଣତ କରାଯାଇଛି, ଯାହା ଦ୍ୱାରା ପ୍ରଦୂଷଣ କିଛି ମାତ୍ରରେ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଗ୍ରାଉଣ୍ଡ ୱାଟର କୁ ସନ୍ତୁଳିତ କରାଯାଇପାରୁଛି । ଖରାଦିନେ ସହର ଭିତରେ ରାସ୍ତାଘାଟରେ ଜଳ ସିଞ୍ଚନ କରାଯାଇଥିଲା । ଝାଡୁ ସହିତ ମେକାନିକାଲ ସୁଇପିଂ କରାଯାଇଥିଲା ଯ ବିଶେଷ କରି ଧୂଳିକଣା ପିଏମ ୧୦ କୁ ନିୟନ୍ତ୍ରଣ କରିବା ପାଇଁ ଜଳ ସିଞ୍ଚନ, ମେକାନିକାଲ ସୁଇପିଂ ଅଧିକାଂଶରେ ସହାୟତା କରିଥିଲା । ପୌରପାଳିକାରେ ନାଇଟ୍ ସୁଇପିଂ ମଧ୍ୟ କରାଯାଉଛି ଯ ସହର ଭିତରେ ବ୍ୟାପକ ବୃକ୍ଷ ରୋପଣ ମଧ୍ୟ କରାଯାଇଥିଲାୟ ଜଳବାୟୁକୁ ନିୟନ୍ତ୍ରିତ କରିବା ପାଇଁ ପୋଖରୀ ଗୁଡିକ ପୁନରୁଦ୍ଧାର କାର୍ଯ୍ୟ ପୌରପାଳିକା ହାତକୁ ନେବା ସହିତ ପ୍ରଥମ ପର୍ଯ୍ୟାୟରେ



କିଆ। ବନ୍ଧ ଏବଂ ଧୋବା ବନ୍ଧର ଉନ୍ନତି ପାଇଁ ପ୍ରୋଚେଷ୍ଟା କରାଯିବା । ଲୋକେ କିଭଳି ସହରକୁ ସଫା ରଖିବେ, ଇ-ୱେଷ୍ଟ ଦେବା ସହିତ ଶୁଖୁଲା ଓ ଓଦା ଅଳିଆ ପୃଥକ ଭାବରେ ଦେବେ, ସେଥିନେଇ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ନିୟମିତ ପ୍ରତ୍ୟେକ ଦିନ ପ୍ରଚାର ମଧ୍ୟ କରାଯାଇଥିଲା । ଏବେ ଏମଆରସି କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଏହା ଦ୍ୱାରା କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିକ ତ୍ୱରାନ୍ୱିତ ହୋଇପାରିବ । ସେହିପରି ପଲିଥିନ୍ କୁ ନିଷିଦ୍ଧ କରାଯିବା ସହ ମାଟି ଓ କାଚ ଗିଲାସରେ ଚା ଦେବାକୁ ନିୟମ କରାଗଲାୟ ପୌରପାଳିକାର ଏହି ସବୁ ବିଶେଷ ଉଦ୍ୟମ ଆଧାରରେ ଅନୁଗୋଳକୁ ପୁରସ୍କାର ଦିଆଯାଇଛି ଯ ଏହି ପୁରସ୍କାର ପଛରେ ସମସ୍ତ ପୌର ପାରିଷଦ, କର୍ମଚାରୀ ଓ ଜନସାଧାରଣ ଅକୁଣ୍ଠ ସହଯୋଗ ମଧ୍ୟ ରହିଛି ବୋଲି ଆଜି ଅନୁଗୋଳ ପୌରପାଳିକା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରକାଶ କରିଥିଲେ । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟରେ ଅନୁଗୋଳ ପୌର ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ସାହାଯ୍ୟ ଓ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପ - ନଗରପାଳ ଅନୁପମା ସାହୁ, ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ଙ୍କ ସମେତ ପରିଷଦର ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ ।

# କାକଟପୁର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

କାକଟପୁର,୧୨ ।୯:(ମନ୍ଥନ) କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକଙ୍କ ଅଧକ୍ଷତାରେ କାକଟପୁର ବ୍ଲକ ସଭାଗୃହରେ ସପ୍ତମ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ନିମନ୍ତ୍ରିତ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧିନ କୁମାର ନାୟକ,୬ନଂ ଜିଲ୍ଲାପରିଷଦ ସଭ୍ୟା ଜ୍ୟୋତ୍ସା ରାଣୀ ଦଳେଇ,୭ନଂ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ଜଗତସିଂହପୁର ସାଂସଦଙ୍କ ବ୍ଲକ ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ତହସିଲ ହେମାଙ୍ଗିନୀ ମାଝି, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ,୧୬ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ସମିତିର ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବିକଶିତ ଗାଁ ବିକଶିତ ଓଡିଶାର ପ୍ରକଳ୍ପ ଗୁଡିକ ଉପରେ ବିଶେଷ ଭାବରେ ଆଲୋଚନା କରାଯାଇ ଗୃହିତ କରାଯାଇଥିଲା ।ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ମାନଙ୍କ ସହଯୋଗ କ୍ରମେ ଅଧିବେଶନ ଶାନ୍ତିଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ନବରଙ୍ଗପୁର, ୧୨ ।୯:(ମନ୍ଥନ)ଜିଲ୍ଲା ରେ ୧୭ ସେପ୍ଟେମ୍ବର ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆରମ୍ଭ' ହେବାକୁ ଯାଉଛି । ଏହି ଅବସରରେଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଗତକାଲି ୧୧.୯.୨୦୨୫ରିଖ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ, ତଥା ମିଶନ ଶକ୍ତି ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ଓ ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ଆସନ୍ତା ସେପ୍ଟେମ୍ବର ୧୭ ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ରୋଗ ଚିହ୍ନଟ କାରଣ ଓ ସଚେତନତା ଶିବିର ଅନୁଷ୍ଠିତ ହେବ ଓ ଏହି ଅଭିଯାନରେ ନାରୀମାନଙ୍କ ଏବଂ ଶିଶୁ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରିକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ସବୁ ବୟସର ଝିଅମାନଙ୍କର (ବିଶେଷ କରି କିଶୋରୀ ମାନଙ୍କ) ମଧ୍ୟ ସ୍ୱାସ୍ଥ୍ୟ ପରିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମାଧ୍ୟମରେ କରାଯିବ ଓ ଏଥିସହିତ ରକ୍ତ ପରୀକ୍ଷା, ଅଣସଂକ୍ରମକ ରୋଗ ପରୀକ୍ଷା, ରକ୍ତ ହୀନତା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା ଇତ୍ୟାଦି , ଟୀକା କରଣ ପାଇଁ ଧାର୍ଯ୍ୟ ଗ୍ରାମ ରେ, ସ୍କୁଲ ମାଙ୍କରେ ଏବଂ ୧୦୦୦ ରୁ ଉର୍ଦ୍ଧ ଜନ ସଂଖ୍ୟା ଥିବା ଗ୍ରାମମାନଙ୍କରେ ଆୟୋଜନ କରାଯିବ ଓ ଏହି ଶିବିର ଜିଲ୍ଲାର ସମସ୍ତ ୧୦ ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ୪୦ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧ ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଓ ୨୮୯ ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ଅନୁଷ୍ଠିତ ହେବଓ ଏତତ ବ୍ୟତିତ ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଗୋଟିଏ ଲେଖାଏଁ କରାଯିବ ଓ ସମସ୍ତ ବିଭାଗର ସମନ୍ୱୟରେ ଏହି କାର୍ଯ୍ୟକ୍ରମକୁ ସଫଳତା କରିବା ପାଇଁ ଜିଲ୍ଲାପାଳ ଏହି ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ସି ଡି ଏମ ଓ ଡ଼ଃ ସନ୍ତୋଷ ପଣ୍ଡା, ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର, ଏ ଡି ପି ଏଚ ଓ ଡ଼ଃ ମଳୟ ତ୍ରିପାଠି, ଡିପିମ ଏନ୍ ଏଚ୍ ଏମ ଶଙ୍କର ଆଚାର୍ଯ୍ୟ ଙ୍କ ସମେତ ବିଭିନ୍ନ ବିଭାଗୀୟ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବୈଠକରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନା ରେ ଭାଗ ନେଇଥିଲେ ।

# ୫ ଦଫା ଦାବି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

**ନବରଙ୍ଗପୁର,୧୨ ।୯:(ମନ୍ଥନ)**ଗତ ଅଗଷ୍ଟ ୩୧ ତାରିଖ ରେ ଚିକିତ୍ସା ଅବହେଳା ରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବଡ ବାସିନୀ ଗ୍ରାମ ର ଗର୍ଭବତୀ ଆଶା କର୍ମୀ ଦଇମତି ଭତ୍ରାଙ୍କ ମୃତ୍ୟୁ ଅଭିଯୋଗ ଘଟଣାରେ ଚିକିତ୍ସା ଅବହେଳା କରିଥିବା ଡକ୍ଟର ସାଗରିକା ସ୍ୱାଇଁ ଙ୍କୁ ଗିରଫ ଦାବି ସହ ୫ ଦଫା ଦାବି ନେଇ ଜିଲ୍ଲା ଆଶା କର୍ମୀ ସଂଘ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏନେଇ ଆଶା କର୍ମୀ ଙ୍କ ଏକ ରାଲ୍ଲୀ ନବରଙ୍ଗପୁର ଷ୍ଟାଡିୟମ ନିକଟରୁ ବାହାରି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା। ଏବଂ ମୁଖ୍ୟ ଚିକିତ୍ସା ଧିକାରୀ ଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ଡକ୍ଟର ସାଗରିକା ସ୍ୱାଇଁ ଙ୍କୁ ୬ ଘଣ୍ଟା ମଧ୍ୟରେ ଗିରଫ କରିବା, ମୃତ ଆଶା କର୍ମୀ ଙ୍କ ପରିବାର କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ତରଫରୁ ଦଶ ଦଶ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ, ଆଶା କର୍ମୀ ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା ନଚେତ ସରକାରୀ ମାନ୍ୟତା ପ୍ରଦାନ ସମୟ ମଧ୍ୟରେ ମାସିକ ବେତନ ୨୪ ହଜାର ଟଙ୍କା ପ୍ରଦାନ, ଆଶା କର୍ମୀ



ଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ଦଶ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ଏବଂ ଆଶା କର୍ମୀ ଙ୍କ ଅବସର କାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ସହିତ ମାସିକ ଭତ୍ତା ୫ ହଜାର ଟଙ୍କା ପ୍ରଦାନ ଭଳି ୫ ଦଫା ସମ୍ବଳିତ ଦାବି ନେଇ ଜିଲ୍ଲା ଆଶା କର୍ମୀ ସଂଘ ର ଶହ ଶହ କର୍ମକର୍ତ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ଜରିଆ। ରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅପରପକ୍ଷରେ ଡକ୍ଟର ଙ୍କ ଚିକିତ୍ସା ଅବହେଳା ରେ ମୃତ୍ୟୁ ଅଭିଯୋଗ କୁ ଖଣ୍ଡନ କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ । ଡ଼ାଇରେକ୍ଟର ଙ୍କ ନିର୍ଦ୍ଦେଶ ପରେ ସେ ନିଜେ ଆଶା କର୍ମୀ ଙ୍କ ମୃତ୍ୟୁ ଘଟଣା ର ସେ ନିଜେ ତଦନ୍ତ କରିଥିଲେ ଏବଂ ଡକ୍ଟର ଙ୍କ ଚିକିତ୍ସା ଶୈଳୀ ଠିକ ଥିଲା ବୋଲି କହିବା ସହିତ ମା ଗର୍ଭ ରେ ଛୁଆ ର ଆକାର ବଡ଼ ହୋଇଯାଇଥିବାରୁ ସଠିକ ଭାବେ ପ୍ରସବ ସମ୍ଭବ ପର ହୋଇନଥିଲା ଯାହା ଫଳରେ ପ୍ରଚୁର ରକ୍ତସ୍ରାବ ଘଟିଥିଲା । ଡକ୍ଟର ସାଗରିକା ଆଶା କର୍ମୀ ଙ୍କୁ ରକ୍ତ ବୋତଲ ସହିତ ନବରଙ୍ଗପୁର ମେଡ଼ିକାଲକୁ ପଠାଉ ଥିଲେ ବୋଲି କହିଛନ୍ତି । ପୋଷ୍ଟ ମୋଟମ ରିପୋର୍ଟ ରେ ମଧ୍ୟ ସେଭଳି କୌଣସି ସୂଚନା ନ ଥିବା କହିଛନ୍ତି । ଯଦି ତାଙ୍କ ତଦନ୍ତ ପ୍ରକ୍ରିୟା ରେ ସନ୍ଦେହ ଅଛି ତେବେ ଅନ୍ୟ କୌଣସି ଅଧିକାରୀ ଙ୍କ ଦ୍ୱାରା ତଦନ୍ତ କରିବା ପାଇଁ କହିଛନ୍ତି ମୁଖ୍ୟ ଚିକିତ୍ସା ଧିକାରୀ ।

## ଆଦି କର୍ମଯୋଗୀ ଅଭିଯାନ ସଂପର୍କୀତ ବ୍ଲକ ସ୍ତରୀୟ ତାଲିମ ଶିବିର

୧୨ ।୯:(ମନ୍ଥନ) ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦଭାବନା ସଭା ଗୃହରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗକଲ୍ୟାଣ ବିଭାଗ ଆନୁକୁଲ୍ୟରେ ଆଦି କର୍ମଯୋଗୀ ଅଭିଯାନ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବକ୍ଲ ସ୍ତରୀୟ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ପଞ୍ଚାୟତ ସ୍ତରୀୟ ପ୍ରଶିକ୍ଷକ ମାନଙ୍କ ପାଇଁ ତାଲିମ ଶିବିର ର ଆରମ୍ଭ ହୋଇଯାଇଅଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଦୁଲେରାମ ମାରାଣ୍ଡି ଆଦି କର୍ମ ଯୋଗୀ ଅଭିଯାନ ଓ ତାଲିମ୍ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଅଧିକ ଯତ୍ନବାନ୍ ହୋଇ ନିଷ୍ଠାପର ଭାବେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରାମର୍ଶ ଦେଇଥିଲେ । ଏହି ଉଦଘାଟନୀ ତାଲିମ ଶିବିରରେ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀ ମନୋଜ ସାହୁ ଉକ୍ତ ଶିବିର ପରେ ବ୍ଲକର କୋଡିଏ ଗୋଟି ପଞ୍ଚାୟତର ହିତାଧିକାରୀ ଉନ୍ନୟନ ମୂଳକ ଯୋଜନା ନିଜେ କିପରି ପ୍ରସ୍ତୁତ କରିବେ ସେଥିପାଇଁ ପଞ୍ଚାୟତ ସ୍ତରୀୟ ପ୍ରଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ସେ ସମ୍ପର୍କ ରେ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶିକ୍ଷକ ଭାବେ , ଜିଲା ପର୍ଯ୍ୟବେକ୍ଷକ ଙ୍କ ସହ ସିଡିପିଓ ପୁଷ୍ପାଞ୍ଜଳି ସାହୁ, ଜିପିଓ ଏସ ସୂର୍ଯ୍ୟ ନାରାୟଣ ରାଓ, ଗୋଷ୍ଠୀ ସାମାଜିକ ନିରାପତ୍ତା ଅଧିକାରୀ ସତ୍ୟଜିତ ବେହେରା, କୃଷି ଅଧିକାରୀ ପଦ୍ମନାଭ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ ।

# ବାଲୁଖଣ୍ଡ ଅଭୟାରଣ୍ୟ ଝାଉଁ ଜଙ୍ଗଲ ମଝିରୁ ୧୦୦ କୋଟି ଟଙ୍କାର ବାଲି ଚୋରି

ପୁରି ,୧୨ ।୯:(ମନ୍ଥନ)ବାଲି ମାଫିଆ। ଓ ବନ ବିଭାଗ କର୍ମଚାରୀଙ୍କ ଆଖିରେ ବାଲୁଖଣ୍ଡ ଅଭୟାରଣ୍ୟ ଲୁଣା ବାଲି। ଶହ ଶହ ଏକର ନିଷେଧାଞ୍ଚଳ ବନ ବିଭାଗ ଜମିରୁ ଲୁଣା ବାଲି ଲୁଟ ଘଟଣା ଏବେ ସତ ସାମ୍ନାକୁ ଆସିଛି। ରାତି ଅଧରେ ଲୁଟ ହୋଇଛି ଲୁଣା ବାଲିୟ ମିଳି ଭଗତରେ ସରକାରୀ ଯାଗାରୁ ଚୋରି ହୋଇଛି ଲୁଣା ବାଲି। ପୁରୀ ଜିଲ୍ଲାର ବାଲୁଖଣ୍ଡ ଅଭୟାରଣ୍ୟ ଝାଉଁ ଜଙ୍ଗଲ ମଝିରୁ ଶହ ଶହ ଏକର ଲୁଣା ଜଙ୍ଗଲ ମଝିରୁ ଲୁଟ ହୋଇଛି ୧୦୦ କୋଟି ଟଙ୍କାର ବାଲି । ଏଭଳି ସଙ୍ଗିନ ଅଭିଯୋଗ ଆସିବା ପରେ ପୁରି ବନ ବିଭାଗ, ସ୍ଥାନୀୟ ପୋଲିସ ଓ ମାଇନ୍ସ ବିଭାଗ କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି । ଛଇତନା ରାମଚଣ୍ଡୀ ମେରାଇନ ଡ୍ରାଇଭ ରାସ୍ତାର ବାମ ପାର୍ଶ୍ୱରେ ତିନୋଟିରୁ ଉର୍ଦ୍ଧ୍ୱ ସ୍ଥାନରୁ ନିଷେଧାଞ୍ଚଳରୁ ଲକ୍ଷ ଲକ୍ଷ ଝାଉଁ ଗଛ କଟାଯାଇ ବେଆଇନ ଭାବରେ ଲୁଣା ବାଲି ଲୁଟ ହେବା ଘଟଣା ଅଭିଯୋଗ ଆସିବା ପରେ ସତ ସାମ୍ନାକୁ ଆସିଛି । ବାଲୁଖଣ୍ଡ ଅଭୟାରଣ୍ୟ ଧ୍ୱଂସ ହେବା ଆଶଙ୍କା ସୃଷ୍ଟି ହୋଇଛି । ମିଳୁଥିବା ଅଭିଯୋଗ ଅନୁସାରେ ପୁରି ଜିଲ୍ଲା ମେରାଇନ ଡ୍ରାଇଭ ରାସ୍ତା ଛଇତନା ଓ ରାମଚଣ୍ଡୀ ରାସ୍ତାର ବାମ ପାର୍ଶ୍ୱରୁ ଜଙ୍ଗଲ ଭିତରକୁ ରାସ୍ତା ନିର୍ମାଣ କରି ଲକ୍ଷ ଲକ୍ଷ ଝାଉଁ ଗଛ କଟା ଯାଇ ଶହ ଶହ ଏକର ନିଷେଧାଞ୍ଚଳ ବନ ବିଭାଗର ଝାଉଁ ଜଙ୍ଗଲ ମଝିରୁ ଲୁଣି ବାଲି ଚୋରି ହେବା ଘଟଣା ସାମ୍ନାକୁ ଆସିବା ପରେ ସମଗ୍ର ପୁରି ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି । ବନ ବିଭାଗ ଥାଉ ଥାଉ କିଭଳି ନିଷେଧାଞ୍ଚଳରୁ ଝାଉଁ ଜଙ୍ଗଲ କଟା



ଯାଇ ଶହ ଶହ ଏକର ଲୁଣା ବାଲି ଲୁଟ ହୋଇଛି । ଯାହା ବନ ବିଭାଗ କାର୍ଯ୍ୟ ଦକ୍ଷତା ଏବଂ ସମ୍ପୃକ୍ତି ନେଇ ପ୍ରଶ୍ନ ଉଠିଛି । ଖାଲି ବନ ବିଭାଗ ନୁହେଁ ସ୍ଥାନୀୟ ପୋଲିସ ଓ ମାଇନ୍ସ ବିଭାଗ କାର୍ଯ୍ୟ କଳାପ ଉପରେ ପୁରି ବାସୀ ସନ୍ଦେହ ପ୍ରକଟ କରିଛନ୍ତି । ଜେସିବ ମେସିନ୍ ସାହାର୍ଯ୍ୟରେ ହାଇୱା ମାଧ୍ୟମରେ ଲକ୍ଷ ଲକ୍ଷ ଟ୍ରିପ ବାଲି ଲୁଟ କରିବା ସହିତ ଝାଉଁ ଜଙ୍ଗଲ ଅଭୟାରଣ୍ୟକୁ ହ୍ରଦରେ ପରିଣତ କରିଛନ୍ତି ମାଫିଆ। ମାନେ । ଶହ ଶହ ଏକର ଜମିରୁ ଲୁଣା ବାଲି ଲୁଟ ହୋଇ କେଉଁଠିକୁ ଯାଉଥିଲା ଓ କିଏ ନେଉଥିଲା ଏହାର ହିସାବ ବନ ବିଭାଗ ରଖିଛି ତ ? ନା ବନ ବିଭାଗ ଜ୍ଞାତ ସାରରେ ବାଲୁଖଣ୍ଡ ଅଭୟାରଣ୍ୟ ନିଷେଧାଞ୍ଚଳରୁ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ହୋଇଛି । ଏ ନେଇ ଭୟରେ ସ୍ଥାନୀୟ ଲୋକମାନେ ମୁହଁ ଖୋଲୁନଥିବା ସୂଚନା ମିଳିଛି । ଏହି ବାଲି ଚୋରି ପଛରେ ବଡ ଧରଣର ରାକେଟ ଥିବା ଅନୁମାନ କରାଯାଉଛି । ନଚେତ ସରକାରଙ୍କ ବନ ବିଭାଗର ବାଲୁଖଣ୍ଡ ଅଭୟାରଣ୍ୟ ନିଷେଧାଞ୍ଚଳରୁ ଝାଉଁ ଜଙ୍ଗଲରୁ ଲୁଣା ବାଲି ଚୋରି କରିବା ଘଟଣା ଏତେ ସହଜ ନୁହେଁ । ଗୋଟିଏ ଗୋଟିଏ ସ୍ଥାନରୁ ୧୦୦ ଏକରରୁ ଉର୍ଦ୍ଧ୍ୱ ପରିମିତ ଜମିରୁ ଝାଉଁ ଜଙ୍ଗଲ ପଦା କରି ଲୁଣା ବାଲି ଲୁଟ ହୋଇଛି । ଏହି ଭଳି ବାଲୁଖଣ୍ଡ ଅଭୟାରଣ୍ୟ ଏକାଧିକ ସ୍ଥାନରୁ ନିଷେଧାଞ୍ଚଳରୁ ଶହ ଶହ ଏକର ଜମିରୁ ପାଖାପାଖି ୧୦୦ କୋଟି ଟଙ୍କାର ଲୁଣା ବାଲି ଚୋରା ଚାଲାଣ ହୋଇଥିବା ନେଇ ଅଭିଯୋଗ ହୋଇଛି । ଛଇତନା ପଟରୁ ରାମଚଣ୍ଡୀ ମେରାଇନ ଡ୍ରାଇଭ ରାସ୍ତାରେ ଆସିବା ସମୟରେ ଜଙ୍ଗଲ ମଝିକୁ ବେଆଇନ ରାସ୍ତା ନିର୍ମାଣ କରାଯାଇଥିବା ଜଳ ଜଳ ହୋଇ ଦିଶୁଛି । କିଭଳି ପୁରି ଜିଲ୍ଲା ବନ ବିଭାଗ ଓ ସ୍ଥାନୀୟ ପୋଲିସ ଏବଂ ଖଣି ବିଭାଗ ଜାଣି ପାରିଲା ନାହିଁ ନାଁ ଏହି ଲୁଣା ବାଲି ଲୁଟ ଘଟଣା ପଛରେ ଏମାନଙ୍କ ହାତ ରହିଛି ବୋଲି ଅଭିଯୋଗ ହୋଇଛି । ରାଜ୍ୟ ସରକାର ବାଲୁଖଣ୍ଡ ଅଭୟାରଣ୍ୟ ସୃଷ୍ଟି ପାଇଁ ପଚାର ଓ ପ୍ରସାର ସହିତ ନୋଟିସ ବୋର୍ଡ ମାରିବା ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଯ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ବନ ବିଭାଗକୁ ଦାୟିତ୍ୱ ଦେଇଛନ୍ତି । କିନ୍ତୁ ବାଲୁଖଣ୍ଡ ଅଭୟାରଣ୍ୟ ଝାଉଁ ଜଙ୍ଗଲ ପଦା କରି ଶହ ଶହ ଏକର ଜମିରୁ ଲୁଣା ବାଲି ଲୁଟ ହେଲା କିପରି ? ଏବଂ ପୁରି ଜିଲ୍ଲା ପ୍ରଶାସନ ପାଖରେ କିପରି ପହଞ୍ଚି ପାରିଲା ନାହିଁ । ରାମଚଣ୍ଡୀ ଥାନା ପୋଲିସ ପେଟ୍ରୋଲିଙ୍ଗ କରୁଥିବା ବେଳେ କେମିତି ଜାଣି ପାରିଲା ନାହିଁ । ଲୁଣା ବାଲି ଲୁଟ ଯୋଗୁଁ ବାଲୁଖଣ୍ଡ ଅଭୟାରଣ୍ୟ ହ୍ରଦରେ ପରିଣତ ହୋଇଛି । କୁହାଯାଉଛି ଗୋଟିଏ ହାଇୱା ପିଛା ୨୦ ରୁ ୨୫ ହଜାର ଟଙ୍କା ଦରରେ ଲୁଣା ବାଲି ବିକ୍ରି ହୋଇଛି ଯ ଯେଉଁ ମାନେ ଏହି ବାଲିରେ ଘର ନିର୍ମାଣ କରିଥିବେ ତେବେ ଘରର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି । ଏହି ଅସାଧୁ କାରବାରରେ ବନ ବିଭାଗ, ପୋଲିସ ଓ ମାଇନ୍ସ ବିଭାଗ ହାତ ଥିବା ଜଳ ଜଳ ଦିଶୁଛି । ଏହି ରାକେଟରେ କୋଣାର୍କର ଜଣେ ହାଇୱା ମାଲିକ, ନିଆଳି ଅଞ୍ଚଳର ଜଣେ ଜେସିବ ମେସିନ୍ ମାଲିକଙ୍କ ହାତ ଥିବା ନେଇ ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳରେ ଆଲୋଚନା ବିଷୟ ପାଲଟିଛି । ସେପଟେ ବାଲୁଖଣ୍ଡ ଅଭୟାରଣ୍ୟ ଜମିରୁ ଝାଉଁ ଗଛ ଲୁକ ସାଙ୍ଗକୁ ଲୁଣା ବାଲି ଲୁଟ ହେଉଛି ପୁରି ଜିଲ୍ଲା ବନ ବିଭାଗ କେବଳ ନୋଟିସ ବୋର୍ଡରେ ସିମିତ ଥିବା ନେଇ ପ୍ରଶ୍ନ ଉଠିଛି । ଏହି ଅଭିଯୋଗ ସମ୍ପର୍କରେ ବନ ବିଭାଗ, ସ୍ଥାନୀୟ ପୋଲିସ ଓ ମାଇନ୍ସ ବିଭାଗର ପ୍ରତିକ୍ରିୟା ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

ଶନିବାର ୧୩ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
SATURDAY 13 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଅଧିକ ଏକ୍ସରସାଇଜରୁ ଛାତି ଯନ୍ତ୍ରଣା

**ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**

ଆଜିକାଲି ପିଲାଙ୍କ ଠାରୁ ବୟସ୍କ ଅନେକ ନିଜ ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରାୟତଃ ଏକ୍ସରସାଇଜ କରିଥାନ୍ତି। ଆମ ଓଡ଼ିଆରେ ଏକ ଲୋକପ୍ରିୟ କଥାଟି ଅଛି – 'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ' । ଅର୍ଥାତ୍ ଶାରୀରିକ ସାମର୍ଥ୍ୟ ପାଇଁ ଯେତିକି ଆମ ପାଇଁ ଏକ୍ସଇସାଇଜ ବା ବ୍ୟାୟାମ ଦରକାର ସେତିକି ଆମେମାନେ କରିବା ଆବଶ୍ୟକ। ଅନାବଶ୍ୟକ ଭାବେ ଶକ୍ତି କ୍ଷୟ କରି ଏକ୍ସରସାଇଜ କରିବା ଦ୍ୱାରା ଅନେକ ଅନାବଶ୍ୟକ ଓ ଶରୀର ପାଇଁ କ୍ଷତିକାରୀ ସମସ୍ୟା ସୃଷ୍ଟି ହୋଇଥାଏ। ଚିକିତ୍ସା ବିଜ୍ଞାନ ହୃଦୟ ମାଂସପେଶୀରେ ରକ୍ତ ସଞ୍ଚାଳନ କମ ହେଲେ ଆଞ୍ଜାଇନା ହୁଏ। ଏହା ରକ୍ତ ଶରୀରରେ ଅମ୍ଳଜାନ ବହନ କରିବାର କାର୍ଯ୍ୟ କରିଥାଏ। ହୃଦ ମାଂସପେଶୀ ମଧ ଅମ୍ଳଜାନ ଆବଶ୍ୟକତା କରେ। ଯେତେବେଳେ ହୃଦ ମାଂସପେଶୀ ଯଥେଷ୍ଟ ଅମ୍ଳଜାନ ପାଏ ନାହିଁ, ଏହା ଇସକେମିଆ ନାମକ ଏକ ଅବସ୍ଥା ସୃଷ୍ଟି କରେ। ଏହି ଅବସ୍ଥାରେ ଆଞ୍ଜାଇନା ସମସ୍ୟା ସୃଷ୍ଟି ହୁଏ।

ଅନେକ ହୁଏତ ଜାଣିନଥାନ୍ତି ଆଞ୍ଜାଇନାରେ ଛାତି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା। ଏହା ବ୍ୟତୀତ ବେକ ଓ କାନ୍ଧ ଯନ୍ତ୍ରଣା, ପେଟ ଜ୍ୱଳନ, ଝାଳ ବାହାରିବା, ଅସ୍ତବ୍ୟସ୍ତ ଲାଗିବା ମୁଣ୍ଡ ବୁଲାଇବା, ଦେହ ଖରିବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ମୁଖରେ ଦରଜ ଅନୁଭବ ହେବା ଓ ପିଠିରେ ଯନ୍ତ୍ରଣା ହୋଇଥାଏ।

ଅତ୍ୟଧିକ ଏକ୍ସରସାଇଜ ଏହାର ମୁଖ୍ୟ କାରଣ ହୋଇଥାଏ। ଏହା ବ୍ୟତୀତ ଅଧିକ ସମୟ ଥଣ୍ଡା ସ୍ଥାନରେ ରହିଲେ, ତମାଖୁ ସେବନ କଲେ, ମଧୁମେହ ଥିଲେ, ଉଚ୍ଚରକ୍ତଚାପ, ହାଇ କୋଲେଷ୍ଟ୍ରୋଲ ଥିଲେ ଏବଂ ଇମୋସନ ଷ୍ଟ୍ରେସରେ ରହିଲେ ଆଞ୍ଜାଇନା ସମସ୍ୟା କ୍ଷଣସ୍ଥାୟୀ। ବିଶ୍ରାମ ନେଲେ ସମସ୍ୟା ଦୂର ହୋଇଯାଏ। ଯନ୍ତ୍ରଣାର ସମୟକୁ ଦୃଷ୍ଟିରେ ରଖି ଆଞ୍ଜାଇନାକୁ ୩ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଷ୍ଟେବଲ ଆଞ୍ଜାଇନା, ଅନଷ୍ଟେବଲ ଆଞ୍ଜାଇନା ଏବଂ ଭାରିଆଣ୍ଟ ଆଞ୍ଜାଇନା।

ଗୋଟିଏ ଛୋଟିଆ ପରାମର୍ଶକୁ ଗ୍ରହଣ କରନ୍ତୁ। ଅଳ୍ପ ସମୟ ବିଶ୍ରାମ ନେଲେ ଷ୍ଟେବଲ ଆଞ୍ଜାଇନା ସମସ୍ୟା ଦୂର ହେଉଥିଲାବେଳେ, ଅନଷ୍ଟେବଲ ଆଞ୍ଜାଇନାରେ ୨୦ରୁ ୪୦ ମିନିଟ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପଡ଼ିଥାଏ। କେତେକ କ୍ଷେତ୍ରରେ ଏହି ସମସ୍ୟା ଭଲ ହେବାରେ ଦୁଇଦିନ ସମୟ ଲାଗିଯାଏ। ଏହି ଅବସ୍ଥାକୁ ଭାରିଆଣ୍ଟ ଆଞ୍ଜାଇନା କୁହନ୍ତି।

ଭାରିଆଣ୍ଟ ଆଞ୍ଜାଇନାର ସମସ୍ୟା କଷ୍ଟକର ହୋଇଥାଏ। ଏଥିରେ ଅସହ୍ୟ ଛାତି ଯନ୍ତ୍ରଣା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଯାଏ। ଉପଶମ ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ସହ ବହୁ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ହୋଇଥାଏ। ଅତ୍ୟଧିକ ବ୍ୟାୟାମ କରନ୍ତୁ ନାହିଁ। ନିୟମିତ ବ୍ୟବଧାନରେ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସୁଷମ ଖାଦ୍ୟ ଓ ଯଥାସମ୍ଭବ ନିରାମିଷ ଖାଦ୍ୟ ଭଲ। ସବୁଜ ପନିପରିବା ଓ ତଟକା ଫଳ ଖୁବ ଭଲ। ନିର୍ଦ୍ଧାରିତ ସମୟରେ ଖାଇବା ଓ ଶୋଇବା ଗ୍ରହଣ କରନ୍ତୁ। କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ। ସଦାସର୍ବଦା ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। ବ୍ୟାୟାମ କରୁଥିଲେ ଅଭିଜ୍ଞ ଓ ପ୍ରଶିକ୍ଷିତ ଟ୍ରେନରଙ୍କ ଠାରୁ ଶିକ୍ଷା ଗ୍ରହଣ କରନ୍ତୁ। ଅଧିକ ଏକ୍ସରସାଇଜ କେବଳ ହୃଦରୋଗ ନୁହେଁ ହୃଦରୋଗ ସମ୍ପର୍କିତ ଅନେକ ରୋଗ ପାଇଁ କାରଣ ସାଜିଥାଏ। ତେଣୁ ଏ କ୍ଷେତ୍ରରେ ନିଜେ ନିଜ ହୃଦୟକୁ ସୁରକ୍ଷିତ ରଖି ଆପ

ଣ ଯେ ଆପଣଙ୍କ ହୃଦୟକୁ ଭଲ ପାଆନ୍ତି ତାହା ପ୍ରମାଣିତ କରନ୍ତୁ।

ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ର-ଙ୍କବସକ୍ଷ : ଯକ୍ସମଲଙ୍କସକ୍ସକ୍ଷକ୍ସବଅଶଙ୍କବସକ୍ଷ.ମକ୍ଟଙ୍କ

# ସମ୍ପାଦକୀୟ

## ରାଧାକ୍ରିଷ୍ଣନଙ୍କ ପାଇଁ ଚ୍ୟାଲେଞ୍ଜ

ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ତଥା ୧୫ତମ ଉପରାଷ୍ଟ୍ରପତି ଭାବେ ଚନ୍ଦ୍ରପୁରମ୍ ପେନୁସ୍ୱାମୀ ରାଧାକ୍ରିଷ୍ଣନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତାରେ ବିରୋଧି ମେଂଟ 'ଇଣ୍ଡିଆର ମେଂଟ' ଇଣ୍ଡିଆର ପ୍ରାର୍ଥୀ ଜଷ୍ଟିସ ବି.ସୁଦର୍ଶନ ରେଡୀଙ୍କୁ ବହୁ ଭୋଟ ବ୍ୟବଧାନରେ ହରାଇ ସେ ଉପ-ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶାସକ ଦଳର ମେଂଟ ଏନଡିଏ'ର ପ୍ରାର୍ଥୀ ଭାବେ ସେ ନିର୍ବାଚିତ ହେବାରେ କୌଣସି ସନ୍ଦେହ ନଥିଲା। ପାର୍ଲିଆମେଂଟର ୭୮୧ ଜଣ ସଦସ୍ୟଙ୍କୁ ନେଇ ଗଠିତ ଇଲେକ୍ଟୋରୋଲ କଲେଜରେ ତାଙ୍କ ସପକ୍ଷରେ ୪୨୭ ଜଣ ସଦସ୍ୟଙ୍କ ସମର୍ଥନ ଆଶା କରାଯାଉଥିଲା। ସେହିପରି ଜଷ୍ଟିସ ରେଡୀଙ୍କୁ ୩୧୫ ଭୋଟ ମିଳିବା ଆକଳନ କରାଯାଇଥିଲା। କିନ୍ତୁ ଚୂଡାନ୍ତ ଭୋଟ ଗଣତି ଫଳାଫଳ ଭିନ୍ନ ଥିଲା। ବିଜୁ ଜନତା ଦଳ (ବିଜେଡି) ସମେତ ଚାରୋଟି ଦଳ ନିର୍ବାଚନକୁ ବର୍ଜନ କରିବା ଯୋଗୁଁ ମୋଟ ଭୋଟ ସଂଖ୍ୟା ୭୬୭ ଥିଲା। ଏଥି ମଧ୍ୟରୁ ୧୫ଟି ଭୋଟ ନାକଚ ହୋଇଯିବା ଯୋଗୁଁ ମୋଟ କାଏମ ଭୋଟ ସଂଖ୍ୟା ୭୫୨କୁ ଖସି ଆସିଥିଲା। ଏଥିରୁ ପ୍ରଥମ ପସନ୍ଦରେ ରାଧାକ୍ରିଷ୍ଣନ ୪୫୨ଟି ଭୋଟ ପାଇଁ ବିଜୟୀ ଘୋଷିତ ହୋଇଥିବାବେଳେ ବିରୋଧି ମେଂଟ ପ୍ରାର୍ଥୀ ଜଷ୍ଟିସ ରେଡୀଙ୍କୁ ୩୦୦ଭୋଟ ମିଳିଥିଲା। ଏଥିରୁ ସ୍ପଷ୍ଟ ହୋଇଛି ଯେ, ବିରୋଧି ଦଳର ୧୫ଜଣ ସଦସ୍ୟ କ୍ରସ ଭୋଟିଂ କରିଥିଲେ। ବିରୋଧି ମେଂଟର ଅଂଶୀଦାର ଦଳଗୁଡିକ ଏକଜୁଟ ଥିବା ଯେତେ ଦାବି କରୁଥିଲେ, ତାହା ଭୋଟ ଗଣତି ଫଳାଫଳରୁ ଅମୂଳକ ପ୍ରମାଣିତ ହୋଇଛି। ବିରୋଧି ମେଂଟରେ ଫାଟ ରହିଛି କିମ୍ବା ବିରୋଧି ଦଳର ୧୫ ସାଂସଦ ବିକ୍ରୀ ହୋଇଯାଇଅଛି, ଏହା ନିସନ୍ଦେହରେ କୁହାଯାଇପାରିବ। ଏହା ନିସନ୍ଦେହ ଯେ, ନିର୍ବାଚନରେ ବିଜେପିର ଗୋଟି ଚାଳନା ପୁଣି ଥରେ ସଫଳ ହୋଇଛି। ବିରୋଧି ମେଂଟ ନିଜ ସାଂସଦଙ୍କୁ ଏକଜୁଟ ରଖିବାରେ ବିଫଳ ହୋଇଛି। ରାଜନୀତିରେ ବିପୁଳ ଅଭିଜ୍ଞତା ଥିବା ରାଧାକ୍ରିଷ୍ଣନଙ୍କ ଠାରୁ ଦେଶବାସୀ ବହୁତ କିଛି ଆଶା କରନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ)ର ଜଣେ ସମର୍ପିତ ସେବକ ଭାବେ ବାଲ୍ୟକାଳରୁ କାର୍ଯ୍ୟ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ଦୁଇ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଅତୀତରେ ବିଜେପିର ତାମିଲନାଡୁ ରାଜ୍ୟଶାଖାର ସଭାପତି ଭାବେ ସେ ନଦୀ ସଂଯୋଗ, ଅସ୍ପୃଶ୍ୟତା ନିବାରଣ, ଆତଙ୍କବାଦର ମୁକାବିଲା ୟୁନିୟନ ସିଭିଲ କୋର୍ଡ ପ୍ରଚଳନ ଦାବିରେ ରାଜ୍ୟରେ ୯୩ଦିନିଆ ରଥଯାତ୍ରା କରି କରି ଦଳର ମୂଳଦୁଆକୁ ଦୃଢ କରିପାରିଥିଲେ। ସେହିପରି କେନ୍ଦ୍ର ସରକାର ତାଙ୍କୁ ୨୦୨୩ରେ ଝାଡଖଣ୍ଡ ଏବଂ ୨୦୨୪ରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବରେ ନିଯୁକ୍ତି କରିଥିଲେ କିନ୍ତୁ ତାଙ୍କର ନୂତନ ଭୂମିକା ଏକ ଭିନ୍ନ ବିରକ୍ତିକର ଅବସ୍ଥା ଏଣିକି ସେ ଉପ-ରାଷ୍ଟ୍ରପତି ଭାବେ ରାଜ୍ୟସଭାର ଅଧକ୍ଷ ଭାବେ କାର୍ଯ୍ୟ କରିବେ। ରାଜ୍ୟସଭାର ଅଧକ୍ଷ ଭାବେ ତାଙ୍କର କାର୍ଯ୍ୟ, ତାଙ୍କର ରାଜନୈତିକ ତୀକ୍ଷ୍ଣଦୃଷ୍ଟିକୁ ପ୍ରମାଣିତ କରିବ। କେବଳ ଏତିକି ନୁହେଁ, ନିରପେକ୍ଷତା ଏବଂ ଗୃହର ପରିଚାଳନା ତାଙ୍କ ଦକ୍ଷତାକୁ ପ୍ରମାଣିତ କରିବ। ଉଲ୍ଲେଖଯୋଗ୍ୟ ଯେ, ବିଦାୟୀ ଉପ-ରାଷ୍ଟ୍ରପତି ଜଗଦୀଶ ଧନକରଙ୍କ ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିବସରେ ଅଚାନକ ଇସ୍ତଫା ଏବେ ବି ରହସ୍ୟାବୃତ ହୋଇରହିଛି। ଅତୀତରେ ଧନକରଙ୍କ ବିରୁଦ୍ଧରେ ପକ୍ଷପାତିତା ଅଭିଯୋଗ କରି ବିରୋଧି ଦଳର ସଦସ୍ୟମାନେ ତାଙ୍କର ବହିଃଷ୍କାର ପାଇଁ ଏକ ପ୍ରସ୍ତାବ ଗୃହରେ ଆଗତ କରିଥିଲେ। ସମ୍ଭବତଃ ରାଜ୍ୟସଭାର ଇତିହାସରେ ଏହା ପ୍ରଥମ ଘଟଣା ଥିଲା ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ଶାସକ ଓ ବିରୋଧିଦଳ ଏବେ ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହାମୁହିଁ ଅବସ୍ଥାରେ ଅଛନ୍ତି। ଯେଉଁଥିପାଇଁ କି ଗଲା ମୌସୁମୀ ଅଧିବେଶନରେ କ୍ରମାଗତ ହଟ୍ଟଗୋଳ ଯୋଗୁଁ, ରାଜ୍ୟସଭାର ମୋଟ ୬୬ପ୍ରତିଶତ କାର୍ଯ୍ୟ ଦିବସ ନଷ୍ଟ ହୋଇଥିବାବେଳେ ମାତ୍ର ୩୪ପ୍ରତିଶତ ଫଳପ୍ରଦ ହୋଇଥିଲା। କ୍ରମାଗତ ହଟ୍ଟଗୋଳ ଯୋଗୁଁ ଗୃହର ବହୁ ମୂଲ୍ୟବାନ ସମୟ ନଷ୍ଟ ହୋଇଥିବାରୁ ରାଜକୋଷରୁ କୋଟି କୋଟି ଟଙ୍କା ବରବାଦ ହୋଇଥିଲା। ଶ୍ରୀ ରାଧାକ୍ରିଷ୍ଣନ ନିଜର ଦକ୍ଷତା, ଦୂରଦୃଷ୍ଟି ଏବଂ ନିରପେକ୍ଷତା ଆୟୁଧ କରି ସମ୍ବିଧାନର ଆଦର୍ଶ, ଗୃହର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ସହ ରାଜ୍ୟସଭା ଅଧିବେଶନକୁ ଫଳପ୍ରଦ କରିପାରିବେ ଏହା ହିଁ ଦେଶବାସୀ ତାଙ୍କଠାରୁ ଆଶା କରନ୍ତି । ଏହା ହିଁ ତାଙ୍କ ପାଇଁ ଏବେ ସବୁଠାରୁ ବଡ ଚ୍ୟାଲେଞ୍ଜ ସଦୃଶ ହୋଇଛି।

# ପାଦରୁ ଜାଣନ୍ତୁ ସ୍ୱାସ୍ଥ୍ୟ

**ଡାକ୍ତର ଗୁରୁପଦ ମିଶ୍ର**

ଆପଣଙ୍କ ଶରୀର ଗଠନରେ ପାଦର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏମିତିରେ କହିବାକୁଗଲେ ଆମ ଓଡ଼ିଆରେ ଏକ ପ୍ରାଚୀନ ଲୋକ କଥା ଅଛି ତାହା ହେଉଛି – 'ଜଣଙ୍କ ପାଦରୁ ତାଙ୍କ ବ୍ୟକ୍ତିତ୍ୱ ଓ ପରିଚୟ ଜାଣିହୁଏ'। ଆମ୍ଭ ମାନଙ୍କ ଭିତରୁ ଅନେକ ପାଦର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣି ନଥାନ୍ତି, ସେ ସମ୍ପର୍କରେ ଏକ ଛୋଟିଆ ଆଲୋଚନା।

ଯଦି ଆପଣଙ୍କ ପାଦର ବୁଢ଼ା ଅଙ୍ଗୁଳି ସବୁବେଳେ ଥଣ୍ଡା ରହୁଥାଏ, ଏହାର ଏକ କାରଣ ହୋଇପାରେ ଖରାପ ରକ୍ତ ସଞ୍ଚାଳନ। ଧୂମପାନ, ଉଚ୍ଚରକ୍ତଚାପ, ହୃଦ୍ ସମ୍ବନ୍ଧୀୟ ରୋଗ ଯୋଗୁ ବି ଏହା ହୋଇପାରେ। ମଧୁମେହ ନିୟନ୍ତ୍ରଣ ବାହାରକୁ ଚାଲିଗଲେ ପାଦର ସ୍ନାୟୁ ଖରାପ ହୋଇଯାଏ। ହାଇପୋଥାଇରଏଡିଜମ୍ ଏବଂ ଏନିମିଆ ମଧ ଏହାର କାରଣ। ତେବେ ପାଦ ଥଣ୍ଡା ହେବାର କାରଣ ଏସବୁରୁ କିଛି ନା କେବଳ କୋଲ୍ଡ଼ ଫିଟ ସମସ୍ୟା ଏହା ଡାକ୍ତର ହିଁ ଚିହ୍ନଟ କରିପାରିବେ। ସେହିପରି ଯଦି ବହୁତ ସମୟ ପର୍ଯ୍ୟନ୍ତ କାମ କରିବା ପରେ ଆପଣ ଘରେ ପହଞ୍ଚୁଛନ୍ତି ଏବଂ ପାଦରେ ଯନ୍ତ୍ରଣା ହେଉଛି, ତେବେ ଏହାକୁ ଜୋତାର ଖରାପ ଫିଟିଂ ବୋଲି ଭାବି ପାରନ୍ତି। ହେଲେ ହାଇହିଲ୍ ଯୋଗୁ ଯନ୍ତ୍ରଣା ହେଉନଥିଲେ ଏହା ଷ୍ଟ୍ରେସ୍ ଫ୍ରାକ୍‌ଚର, ହାଡ଼ରେ ହାଲ୍‌କା କ୍ରାକ୍ ବା ଫାଟ ଯୋଗୁ ବି ହୋଇପାରେ। ଯଦି ମାତ୍ରାଧିକ ଏକ୍ସରସାଇଜ କରୁଥିବେ ବା ଅଧିକ ବାସ୍କେଟବଲ, ଦୌଡ଼ିବା ପରି ପରିଶ୍ରମର ଖେଳ ଖେଳୁଥିବେ – ଏହା ମଧ ପାଦ ଯନ୍ତ୍ରଣାର କାରଣ ହୋଇପାରେ। ଅଷ୍ଟିଓପୋରୋସିସ୍ ବା ଅସ୍ଥି ସୁଶୀରତା ରୋଗ ତଥା ଦୁର୍ବଳ ହାଡ଼ କାରଣରୁ ବି ପାଦ ଯନ୍ତ୍ରଣା ହୋଇପାରେ।

ଅନେକ ହୁଏତ ଜାଣିନଥାନ୍ତି ରେନଡ଼୍ସ ରୋଗରେ ପ୍ରଥମେ ପାଦର ବୁଢ଼ାଆଙ୍ଗୁଳି ଧଳା ହୋଇଯାଏ, ତା ପରେ ନୀଳ ଏବଂ ପରେ ଗାଢ଼ ଲାଲ ରଙ୍ଗର ହୋଇଯାଏ। ଏହାପରେ ପୁଣି ସାଧାରଣ ଦିଶେ। ହଠାତ ଧମନୀ ସଙ୍କୁଚିତ ହେବା କାରଣରୁ ଏହା ହୋଇଥାଏ ଯାହାକୁ ଭେସୋପାଜ୍‌ମ ବୋଲି କହନ୍ତି। ଟେନ୍‌ସନ ବା ହଠାତ୍ ତାପମାତ୍ରାରେ ପରିବର୍ତ୍ତନ କାରଣରୁ ଭେସୋପାଜମ୍ ପରି ସ୍ଥିତି ସୃଷ୍ଟି ହୋଇପାରେ। ଫଳରେ ସ୍ୱାସ୍ଥ୍ୟ ସମ୍ପର୍କିତ ଏକାଧିକ ସମସ୍ୟା ଦେଖାଯାଏ। ଅନେକ କ୍ଷେତ୍ରରେ ର୍‌ୟୁମାଟଏଡ଼ ଆର୍ଥ୍ରାଇଟିସ୍, ଥାଇରଏଡ଼ ପରି ସମସ୍ୟା ଯୋଗୁ ବି ରେନ୍‌ଡସ ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ଜଣାପଡ଼େ, କ୍ଲମ୍ବିଙ୍ଗରେ ବୁଢ଼ାଆଙ୍ଗୁଳିର ଆକାର ବଦଳେ ଏବଂ ଅନେକଥର ଅଙ୍ଗୁଳି ଉପରେ ପ୍ରଭାବ ବି ପଡ଼ିଥାଏ। ନଖ ଉପର ଦିଗରେ ଅଧିକ ଗୋଲାକାର ଏବଂ ତଳପଟକୁ ମୋଡ଼ି ହୋଇଥିବା ପରି ରହେ।

# 'ନୀରବତାରେ ଶାନ୍ତି'

**ଡାକ୍ତର ରାମ ପ୍ରସାଦ ରାୟ**

ନିରବତାର ଶକ୍ତି ଅପାର। ଏହା ଉଭୟ ମନ ଓ ତନ ପାଇଁ ଭଲ। କେହି ଜଣେ କହିଥିଲେ ନିରବତା ମଧ୍ୟରୁ ସମସ୍ତ ସୃଷ୍ଟି। ନିରବତାର ଶୂନ୍ୟତା ମଧ୍ୟରୁ ସବୁକିଛି ଜନ୍ମ ନିଏ। ନିରବତାର ସ୍ୱର ସବୁଠାରୁ ଶକ୍ତିଶାଳୀ। ତେଣୁ ନିରବତାର ଜୟଗାନ ପାଇଁ ନିରବ ଦିବସର ସୃଷ୍ଟି। ବୌଦ୍ଧ ସନ୍ନ୍ୟାସୀଙ୍କ ଦ୍ୱାରା ଅନୁପ୍ରାଣିତ ଜଣେ ମାର୍କିନ୍ ଶିଳ୍ପପତି, କିଛି ବର୍ଷ ତଳେ ସ୍ୱଦେଶରେ ସେପ୍ଟେମ୍ବର ତେରରେ ଏହି ଦିବସ ପାଳନ ଆରମ୍ଭ କରିଥିଲେ। ଆଜିର ମଣିଷ କୋଳାହଳପୂର୍ଣ୍ଣ ବାତାବରଣର ଶିକାର। ଏଭଳି ସ୍ଥିତିରେ ସାମଗ୍ରିକ ଶାନ୍ତି ପାଇଁ ଆସନ୍ତୁ ତୁନିରହି ପାଳନ କରିବା ଏହି ଦିବସ।

ପରମାତ୍ମା ବା ବ୍ରହ୍ମ ହେଉଛନ୍ତି ପରମ ଶାନ୍ତ, ସମ୍ପୂର୍ଣ୍ଣ ମୌନ। ଆତ୍ମା ଶାନ୍ତ। ଶାନ୍ତି ମୌନ। ଆତ୍ମା ମୌନ। ମୌନ ହେଉଛି ବ୍ରହ୍ମଙ୍କ ଭାଷା। ମୌନ ହେଉଛି ହୃଦୟର ଭାଷା। ମୌନ ହେଉଛି ରକ୍ଷିଙ୍କର ଭାଷା। ମୌନ ହେଉଛି ଏକ ଅପାର ଶକ୍ତି। ମୌନ ଏକ ବିରାଟ ବାଗ୍ମିତା। ନିରବ ରହିବାର ବ୍ରତକୁ ମୌନ କୁହାଯାଏ। ମୌନ ନାନା ପ୍ରକାରର। କଥା କହିବାରେ ସଂଯମ ରକ୍ଷା କରିବାକୁ ବାଙମୌନ ବୋଲାଯାଏ। ବାଗ୍ ଇନ୍ଦ୍ରିୟକୁ ନିଶ୍ଚଳ ରଖିଲେ ବାଙ୍‌ମୌନ ପାଳିତ ହୁଏ। ବୃଥା ବାକ୍ୟାଳାପ ଓ ଅଯଥା ଆଲୋଚନାରେ ଶକ୍ତି କ୍ଷୟ ହୁଏ। କିନ୍ତୁ ସାଂସାରିକ ଲୋକେ ଏହା ହୃଦୟଙ୍ଗମ କରିପାରନ୍ତି ନାହିଁ। ମୌନ ଶକ୍ତି ସଂରକ୍ଷଣ କର; ସେହି ସଂରକ୍ଷିତ ଶକ୍ତି ଦ୍ୱାରା ଆପଣ ଅଧିକ ପରିମାଣରେ ମାନସିକ ତଥା ଶାରୀରିକ କାର୍ଯ୍ୟ କରିପାରିବେ; ବହୁ ପରିମାଣରେ ଧ୍ୟାନ ମଧ କରିପାରିବେ। ମୌନ ମସ୍ତିଷ୍କ ତଥା ସ୍ନାୟୁ-ମଣ୍ଡଳକୁ ଚମତ୍କାର ଭାବରେ ଶାନ୍ତଶୀତଳ କରିଦିଏ। ମୌନବ୍ରତ ଧରିଲେ ବାକଶକ୍ତି ଧୀରେ ଧୀରେ ଓଜଃଶକ୍ତିରେ ବା ଆଧ୍ୟାତ୍ମିକ ଶକ୍ତିରେ ବଦଳିଯାଏ। ମୌନ ମନୋବଳ ବିକାଶ କରେ, ସଂକଳ୍ପର ବଳକୁ ସଂଯତ କରେ, ବାକର ଆବେଗକୁ ହ୍ରାସ କରେ ଏବଂ ମାନସିକ ଶାନ୍ତି ପ୍ରଦାନ କରେ। ମୌନ ଅବଲମ୍ବନ କଲେ, ସହନଶୀଳ ହେବାକୁ ଶକ୍ତି ମିଳେ। ମୌନର ମିଥ୍ୟ କହିବାର ସୁଯୋଗ ରହେ ନାହିଁ। ବାକ-ସଂଯମ କରିହୁଏ। ମନକୁ ନିର୍ମଳ ଓ ପବିତ୍ର ରଖି ଧ୍ୟାନ କରନ୍ତୁ। ପ୍ରଶାନ୍ତ ହୋଇ ରହନ୍ତୁ ଏବଂ ଜାଣନ୍ତୁ ଯେ, ଆପଣ ପରମାତ୍ମାଙ୍କର ଅଂଶ ବିଶେଷ। ମନକୁ ସ୍ଥିର କରନ୍ତୁ। ବିକ୍ଷୁବ୍ଧ ଚିନ୍ତା ଓ ଉଦବେଳିତ ଆବେଗକୁ ଶାନ୍ତ-ନିରବ କରିଦିଅନ୍ତୁ। ଅନ୍ତରର ଗଭୀରତମ ପ୍ରଦେଶରେ ନିମଜ୍ଜିତ ହୋଇଯାଆନ୍ତୁ। ଏବଂ ମହାନ ମୌନ ଉପଭୋଗ କରନ୍ତୁ। ଅତି ରହସ୍ୟମୟ ସେହି ମୌନ। ସେହି ଅଗାଧ ମୌନ ଭିତରେ ପ୍ରବେଶ କରିଯାଆନ୍ତୁ। ସେହି ଅନନ୍ତ ମୌନକୁ ହୃଦୟଙ୍ଗମ କରନ୍ତୁ। ସ୍ୱୟଂ ସେହି ଅସୀମ ମୌନରେ ପରିଣତ ହୋଇଯାଆନ୍ତୁ। ଜଣେ ମହାମୌନୀ ହୋଇଯାଆନ୍ତୁ। ଏହି ଧୂଳିର ଧରଣୀରେ ଏହି ଜୀବଦ୍ଦଶାରେ ଭଗବତ-ସାକ୍ଷାତକାର ପ୍ରାପ୍ତ ହୁଅନ୍ତୁ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ଦୂରଭାଷ : ୮୨୬୦୪୦୮୮୩୬**

# ବାମପନ୍ଥୀ ଆନ୍‌ଦୋଳନର ଆଦ୍ୟ ପ୍ରବର୍ତ୍ତକ

**ଡ଼କ୍ଟର ରାମଚନ୍ଦ୍ର ଦାଶ**



ସ୍ୱର୍ଗାଦପି ଗରୀୟସୀ ଦେବଭୂମି, ଜନ୍ମଭୂମି ଭାରତ ବର୍ଷ ମୁକ୍ତି ସଂଗ୍ରାମର ଅନନ୍ୟ ଅଗ୍ରଣୀ ଦୁର୍ଦ୍ଧର୍ଷ ଯୋଦ୍ଧା,ଦାରିଦ୍ର୍ୟ କଷାଘାତେ ଜର୍ଜରୀତ କୃଷକ,ଶ୍ରମିକ ସର୍ବହରା ଜନତାର ବାର୍ତ୍ତାବହ, ବାମପନ୍ଥୀ ଆନ୍‌ଦୋଳନର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ, ଉତ୍ସର୍ଗୀକୃତ ସେବା ଓ ସାଧନାର ସୁବର୍ଣ୍ଣ ଆଲେଖ୍ୟ, ନିତ୍ୟ ମୂଲ୍ୟବୋଧ ପୂର୍ଣ୍ଣ ସଫଳ ରାଜନୀତିର ଅମ୍ଳାନ ଦ୍ୟୋତକ କମ୍‌ରେଡ ପ୍ରାଣନାଥ ପଟ୍ଟନାୟକ ଅଭୂତପୂର୍ବ ବୈପ୍ଳବିକ ଚେତନା ର ଅନିର୍ବାଣର ଏକ ଆଗ୍ନେୟ ଝଲକ । ପ୍ରାଣନାଥ ଅଟନ୍ତି କ୍ରାନ୍ତିକାରୀ ଚେତନାର ଆଗ୍ନେୟ ସ୍ଫୁଲିଙ୍ଗ, ପୁଣି ସେ କମ୍ରକମନୀୟ କରୁଣାର ଶାଶ୍ୱତ ନିର୍ଝର, ମୁମୂର୍ଷୁ ଜାତିର ପ୍ରାଣର ସ୍ପନ୍ଦନ, ସ୍ୱରର ମୂର୍ଚ୍ଛନା, ସ୍ୱାଭିମାନୀ ଜାତିର ଶାଶ୍ୱତ ଅସ୍ମିତା । ସେ ଅଟନ୍ତି ପ୍ରବୀଣ ରାଜନୀତିଜ୍ଞ, ମହାନ୍ ବ୍ୟବସ୍ଥାପକ, ପ୍ରତିଷ୍ଠିତ ସାହିତ୍ୟିକ, ସ୍ୱାଭିମାନୀ, ଅଜାତ ଶତ୍ରୁ ଏବଂ ଅସୀମ ତ୍ୟାଗର ଅନନ୍ୟ ଉଦାହରଣ । ପ୍ରୋକ୍ତ ଯୁଗପୁରୁଷ, ଯୁଗଜନ୍ମା, ବିରଳ ବ୍ୟକ୍ତିତ୍ୱଙ୍କର ଧରାବତରଣ ହୁଏ ପୁରୀ ଜିଲ୍ଲାର କଣାସ ଥାନା ଅରନ୍ତଗତ ସବୁଜ ସୁନ୍ଦର ଡ଼ିମିରି ଗ୍ରାମରେ ୧୯୦୫ ସମ୍ବତ୍ସର ନଭେମ୍ବର ମାସ ୧୬ ।ରିଖ ରେ ଏକ ସର୍ବଶୁଭ ମାଙ୍ଗଲ୍ୟ ମୁହୁର୍ତ୍ତ ରେ । ଶାସ ବିଦ୍ୟାଳୟ ରେ ଶିକ୍ଷା ସମାପ୍ତ ହୁଅନ୍ତେ ୧୯୨୦ ମସିହା ରେ ଯାତ୍ରା କରନ୍ତି ସେ ପୁରୀ ଜିଲ୍ଲା ସ୍କୁଲକୁ ଉଚ୍‌ଚ୍‌ଶିକ୍ଷା ନିମିତ୍ତ । ସେଠାରେ ତାଙ୍କର ସାନ୍ନିଧ ଲାଭ ହୁଏ ତତ୍‌କାଳୀନ ବିଶିଷ୍ଟ ସାହିତ୍ୟିକ ଓ ପ୍ରତିଭା ଭଗବତୀ ଚ଼ରଣ ପାଣିଗ୍ରାହୀ, କାଳନ୍ଦୀ ଚ଼ରଣ ପାଣିଗ୍ରାହୀ ତଥା ଉଦୟ ସିଂହଙ୍କର । ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କାଳରେ ସେ ସମୟର ପ୍ରାଜ୍ଞ ବ୍ୟକ୍ତିତ୍ୱ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଦାଶ,ଡଃ.ରାଧାନାଥ ରଥ, ଡାକ୍ତର ମହେନ୍ଦ୍ର ମିଶ୍ର, ଡାକ୍ତର ରଘୁନାଥ ସାହୁ, ଲିଙ୍ଗରାଜ ମିଶ୍ର ତଥା ବର୍ଷିୟାନ୍ ସାହିତ୍ୟିକ ଡଃ.ମାୟାଧର ମାନସିଂହ ପ୍ରମୁଖ ଙ୍କ ସହ ନିବିଡ଼ ସମ୍ପର୍କ ରେ ଆସିଥିଲେ ସେ, ସେମାନଙ୍କ ଠାରୁ ସେ ଉଚ୍‌ଚ୍‌ଚାରଣ, ଆଚ଼ରଣ ସେବା, କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତା, ଆଦି ସଦ୍ ଗୁଣାବଳୀ ତଥା ଜୀବନ ଚ଼ର୍ଯ୍ୟାରେ ସେ ସମସ୍ତଙ୍କର ପ୍ରୟୋଗ ଶିକ୍ଷା କରିଥିଲେ । ଦେଶମାତୃକା କୁ ଇଂରେଜ୍ ମାନଙ୍କ ଶାସନରୁ ମୁକ୍ତ

କରିବା ପାଇଁ ୧୯୨୧ ମସିହା ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ସ୍କୁଲ କଲେଜ ବର୍ଜନ ର ଆହ୍ୱାନ ତା ମଧ୍ୟରେ ସୃଷ୍ଟି କଲା ଅଭୂତପୂର୍ବ ଦେଶପ୍ରେମ ର ଉଦ୍ ବେଳନ ସେ ବିଦ୍ୟାଳୟ ବର୍ଜନ କଲେ । ମାଟ୍ରିକ୍ ପାଶ୍ ପରେ ପ୍ରାଣନାଥ ପଟ୍ଟନାୟକ ଉଚ୍‌ଚ୍‌ଶିକ୍ଷା ନିମିତ୍ତ ରେଭେନ୍ସା କଲେଜ ଯାତ୍ରା କଲେ । ସେଠାରେ ସେ କୁଳବୃଦ୍ଧ ମଧୁସୂଦନ ଦାସ,ଡଃ.ପ୍ରାଣ କୃଷ୍ଣ ପରିଜା, ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପାଳ ଚ଼ନ୍ଦ୍ର ଦାସପ୍ରମୁଖ ବିଶିଷ୍ଟ ,ପ୍ରାଜ୍ଞ, ଯୁଗଜନ୍ମା ଓ ଯୁଗପୁରୁଷ ଆଦିଙ୍କ ନିବିଡ଼ ସମ୍ପର୍କ ରେ ଆସିଥିଲେ ।

୧୯୨୮ ମସିହା ରେ ବଙ୍ଗଳାର ବିଶିଷ୍ଟ ଜନନାୟକ ବିପିନ୍ ଚ଼ନ୍ଦ୍ର ପାଲଙ୍କ ଜ୍ୱଳାମୟୀ ଭାଷଣ ଶ୍ରବଣ କରିବାକୁ ବିନାନୁମତିରେ କଲେଜ ପରିସର ବାହାରକୁ ଯାଇଥିବାରୁ ସେ ଆର୍ଥିକ ଦଣ୍ଡରେ ଦଣ୍ଡିତ ହେଲେ ମଧ ଶିକ୍ଷା ଗ୍ରହଣ କୁ ଅଗ୍ରାଧିକାର ଦେଇଥିଲେ ।୧୯୩୦ ମସିହା ରେ ସମାରମ୍ଭ ହୁଏ ଗାନ୍ଧୀଜୀଙ୍କର ଯୁଗାନ୍ତକାରୀ ଆଇନ୍ ଅମାନ୍ୟ ଆନ୍ଦୋଳନ । ଦେଶପ୍ରେମୀ ପ୍ରାଣନାଥ – ପ୍ରାଣରେ ଜଳି ଉଠେ ଦେଶାତ୍ମବୋଧକ ର ବାଡ଼ବାଗ୍ନି, ଦେଶାତ୍ମ ପ୍ରେମେ ଉଦ୍ ବୁଦ୍ଧ ଅସଂଖ୍ୟ ଛାତ୍ର ଛାତ୍ରୀଙ୍କ ପରି ସେ ମଧ ଲୁଣ ମରା, ବିଦେଶୀ ବସ୍ତ୍ର ବର୍ଜନ ମଦ୍ୟ, ଗଞ୍ଜେଇ ବର୍ଜନ ଆଦି ବିବିଧ କାର୍ଯ୍ୟରେ ନିଜକୁ ନିୟୋଜିତ ରନ୍ତି । କଲେଜ୍ ଶିକ୍ଷା ବର୍ଜନ କରି ଆଇନ୍ ଅମାନ୍ୟ ଆନ୍ଦୋଳନ ରେ ଅଂଶ ଗ୍ରହଣ କରନ୍ତି। ଖୋର୍ଦ୍ଧା ସହର ପଲ୍ ଟଣ ପଡ଼ିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୁ ଆରମ୍ଭ ହୁଏ ତାଙ୍କର କର୍ମମୟ ସଂଘର୍ଷ କ୍ତ ରାଜନୈତିକ ଜୀବନ । ଖୋର୍ଦ୍ଧା ମାଟି ହୁଏ ତାଙ୍କର ଗୌରବୋଜ୍ଜଳ କର୍ମଭୂମି । ସେ ଗ୍ରହଣ କରିଛନ୍ତି ଗୈରିକ ବସ୍ତ୍ର ସଙ୍ଗେ ଲଣ୍ଡିତ ମସ୍ତକ ଧୃତ ଏକ ସନ୍ୟାସୀର ବେଶ ।

୧୯୩୧ ମସିହା ରେ ହେଲା ଐତିହାସିକ ଗାନ୍ଧୀ-ଇର୍ ୱିନ୍ ଚୁକ୍ତି ।ଫଳତଃ ହଜାର ହଜାର ସତ୍ୟାଗ୍ରହୀ ଙ୍କ ସଙ୍ଗେ ପ୍ରାଣନାଥ ମଧ କାରାମୁକ୍ତ ହେଲେ । ତଦନନ୍ତର ଉଚ୍‌ଚ୍‌ ଶିକ୍ଷା ନିମିତ୍ତ ସେ ପ୍ରସିଦ୍ଧ କାଶୀ ବିଦ୍ୟାପୀଠ ଯାତ୍ରା କଲେ । ସେଠାରେ ସେ ସୁନାମଧନ୍ୟ ପ୍ରାଜ୍ଞ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଙ୍କ ଶିଷ୍ୟତ୍ୱ ବରଣ କଲେ । ସେଠାରେ ସେ ଭାରତ ବର୍ଷର ବିଶିଷ୍ଟ ଜନନାୟକ ମାନ୍ୟବର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲ୍ ବାହାଦୂର ଶାସ୍ତ୍ରୀ ଙ୍କ ଉତ୍ତମ ସାନ୍ନିଧ ଲାଭ କଲେ । ଉଭୟ ଏଠାରେ ଅଧ୍ୟୟନ କରି ଶାସ୍ତ୍ରୀ ଉପାଧି ପ୍ରାପ୍ତ ହେଲେ । ଉଭୟ ଅଖଣ୍ଡ ଦେଶପ୍ରେମ ରେ ଉଦ୍ ବୁଦ୍ଧ ହେଲେ । ୧୯୩୨ ମସିହା ରେ ବିଟ୍ରିଶ୍ ସରକାର କଂଗ୍ରେସକୁ ବେଆଇନ୍ ଘୋଷଣା କରନ୍ତେ ପୁଷ୍ଟ ଆକୁମାରୀ ଠାରୁ ହିମାଚ଼ଳ ଆଇନ୍ ଅମାନ୍ୟ ଆନ୍‌ଦୋଳନ ର ତୂର୍ଯ୍ୟନାଦ ପ୍ରକମ୍ପିତ ହେଲା । ପ୍ରାଣନାଥ କାଶି ବିଦ୍ୟାପୀଠ ପରିତ୍ୟାଗ କରି ପୁରୀ ପ୍ରତ୍ୟାବର୍ତ୍ତନ କଲେ ।

ବିଦେଶୀ ବସ୍ତ୍ର ପୋଡ଼ିବା ଅଭିଯୋଗ ରେ ସେ ଜଟଣୀ ଥାନାରେ ଏକ ରାତ୍ର ଏବଂ ଖୋର୍ଦ୍ଧା ମାଜିଷ୍ଟ୍ରେଟ୍ ଙ୍କ ବିଚ଼ାରାନ୍ତେ ରାୟ ଫଳ ସ୍ୱରୂପ ଛଅ ମାସ ଜେଲ୍ ଜୀବନ କଟାଇଥିଲେ । ସ୍ୱାଧୀନତା ସଂଗ୍ରାମ ରେ ଏହା ତାଙ୍କର ଥିଲା ପ୍ରଥମ ଜେଲ୍ ଦଣ୍ଡ । ସେ ଜୀବନ କାଳ ମଧ୍ୟରେ ଦଶଥର ଜେଲ୍ ଦଣ୍ଡ ଭୋଗିଛନ୍ତି ଆନ୍‌ଦୋଳନ କରି । ଖୋର୍ଦ୍ଧା ଜେଲ୍ ଖାନାରୁ ପ୍ରାଣନାଥ ପଟ୍ଟନାୟକ ପାଟଣା କ୍ୟାମ୍ପ୍ ଜେଲ୍ କୁ ସ୍ଥାନାନ୍ତର ହେଲେ । କ୍ୟାମ୍ପ୍ ଜେଲ୍ ର ଛାତ ଓ କାନ୍ଥ ଟିଣରେ ନିର୍ମିତ ଥିବାରୁ ଅତ୍ୟାଧିକ ତାପ ଏବଂ ଅତ୍ୟଧିକ ଥଣ୍ଡାର ପ୍ରକୋପ ସହୁ ଥିଲେ ବନ୍ଦୀ ମାନେ । ଅତ୍ୟନ୍ତ ଯନ୍ତ୍ରଣା ଦାୟକ ଜୀବନ ସେ। ସେଠାରେ ପ୍ରାଣନାଥ ପଟ୍ଟନାୟକ, ଗଙ୍ଗାଧର ମିଶ୍ର, ପର୍ଶୁରାମ ପାଇକରାୟ, ଲୋକନାଥ ରାୟ, ଗତିକୃଷ୍ଣ ସ୍ୱାଇଁ, ପ୍ରମୁଖ ବନ୍ଧୁ ମାନଙ୍କୁ ଏକଜୁଟ କରି ୫୭୩୯; ବନ୍ଧୁ ସମାଜ ୫୭୩୯; ଗଠନ କଲେ । ଉଦ୍ଦେଶ୍ୟ ଥିଲା ପୁରୀ ରେ ଏକ ହୋଟେଲ ଏବଂ ଏକ ଦରଜୀ ଦୋକାନ ଚ଼ଳାଇ ଲାଭାଂଶ କୁ ୫୭୩୯; ବନ୍ଧୁ ସମାଜ ୫୭୩୯; ନିମିତ୍ତ ବ୍ୟୟ କରିବେ । ୧୯୩୩ ମସିହା ରେ ଜେଲ୍ ରୁ ଖଲାସ୍ ହୁଅନ୍ତେ ପ୍ରାଣନାଥ ପଟ୍ଟନାୟକ ଅବିଳମ୍ବେ କାଶି ବିଦ୍ୟାପୀଠ ଗମନକଲେ ଉଚ୍‌ଚୋତର ଶିକ୍ଷା ନିମିତ୍ତ । କାରଣ ସେ ଉପଲବ୍ଧି କରିଥିଲେ ଦେଶ ସେବା ପାଇଁ ଜ୍ଞାନ ପ୍ରୟୋଜନ । ସେଠାରୁ ଶାସ୍ତ୍ରୀ ପାଧି ପ୍ରାପ୍ତ ପରେ ଓଡ଼ିଶା କୁ ପ୍ରତ୍ୟାବର୍ତ୍ତନ କରି କଂଗ୍ରେସ – ସୋସାଲିଷ୍ଟଦଳ ଗଠନ କଲେ । ସେହି ବର୍ଷ ସେ ପ୍ରୋକ୍ତ ଦଳର ୫୭୩୯; ପ୍ରଥମ ସଭାପତି ୫୭୩୯; ନିର୍ବାଚ଼ିତ ହେଲେ ଏ ଥିଲା ୧୯୩୪ ମସିହା ଘଟଣା ବହୁଳ ବର୍ଷର ଏକ ବିଶିଷ୍ଟ ଘଟଣା । ଏଥିପୂର୍ବରୁ ୧୯୩୩ ମସିହା ରେ ସେ ଓଡ଼ିଶା କଂଗ୍ରେସ ସାମ୍ୟବାଦୀ ସଂଘର ଉଦ୍ୟକ୍ତା ଥିଲାବେଳେ ତାଙ୍କ ଆନୁକୁଲ୍ୟରେ ପ୍ରକାଶ ପାଇଲା ୫୭୩୯; ସାରଥି ୫୭୩୯; ପତ୍ରିକା । କମ୍ୟୁନିଷ୍ଟ ଚ଼ିନ୍ତାଧାରା ରେ ଆଞ୍ଚଳିକ ସଂକୀର୍ଣ୍ଣତା, ଧର୍ମାନ୍ଧତା, ଓ ସାଂପ୍ରଦାୟିକତା ନଥିବାରୁ ସେହି ମତବାଦ ପ୍ରତି ସେ ଆକୃଷ୍ଟ ହେଲେ ଏବଂ ୧୯୩୪ ମସିହା ଓ ୧୯୩୫ ମସିହା ରେ କମ୍ୟୁନିଷ୍ଟ ପାର୍ଟି ର ମୂଳଦୂଆ ସ୍ଥାପନ କଲେ ।

କୃଷି ଓ କୃଷକର ଉନ୍ନତି କଷ୍ଟ ? ସଚେତନତା ସୃଷ୍ଟି ପାଇଁ ୧୯୩୬ ମସିହା ରେ ଖୋର୍ଦ୍ଧା ଠାରେ ଏକ ବିରାଟ କୃଷକ ସମ୍ମ ?ଳନ ଆହ୍ୱାନ କରିଥିଲେ । କମ୍‌ରେଡ ପ୍ରାଣନାଥ ପଟ୍ଟନାୟକ ଯେଉଁ ଥିରେ ଦଶହଜାର ରୁ ଉର୍ଦ୍ଧ୍ୱ କୃଷକ ଯୋଗଦେଇଥିଲେ । ଏହି ବର୍ଷ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଆତ୍ମ ପ୍ରକାଶ କଲା । ଏଥିରେ ସଭ୍ୟ ହେବାପାଇଁ ଖୋର୍ଦ୍ଧାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଲା ପ୍ରାଣନାଥ ପଟ୍ଟନାୟକ ଏବଂ ବ୍ରହ୍ମାନନ୍ଦ ମହାନ୍ତି ଙ୍କ ମଧ୍ୟରେ ? । ପ୍ରାଣନାଥ ନିର୍ବାଚ଼ନ ରେ ବିଜୟ ଲାଭ କରିଥିଲେ । ୧୮୦୪ ମସିହା ଓ ୧୮୦୫ ମସିହା ବ ୧୮୧୭ ମସିହା ପାଇକ ସଂଗ୍ରାମ ର ବୀରତ୍ୱ କାହାଣୀ ରେ ସେ ଅତି ମାତ୍ରା ରେ ଉଦ୍ ବୁଦ୍ଧ ଥିଲେ । ୧୯୩୭ ମସିହା ରେ ତାଙ୍କର ଆହ୍ୱାନ ରେ ହଜାର ହଜାର ପାଇକ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଖୋର୍ଦ୍ଧାରାଜରାସ୍ତାରେ ଚ଼ାଲି ବିକ୍ଷୋଭ ପ୍ରଦର୍ଶନ କଲେ । କଂଗ୍ରେସ ବିଧାୟକ ଥିଲେ ମଧ ପ୍ରାଣନାଥ କମ୍ୟୁନିଷ୍ଟଚ଼ିନ୍ତାଧାରା ପ୍ରତି ଆକୃଷ୍ଟ ଥିଲେ । ତେଣୁ ସେ ଭଗବତୀ ଚ଼ରଣ ପାଣିଗ୍ରାହୀ ଓ ଗୁରୁ ଚ଼ରଣ ମହାନ୍ତି ପ୍ରମୁଖ ସଙ୍ଗେ ମିଶି ଗୁପ୍ତ କମ୍ୟୁନିଷ୍ଟ ଦଳ ଗଠନ କଲେ ।

ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଅକ୍ଳାନ୍ତ ଶ୍ରମ,ସାଧନା, ତ୍ୟାଗ ଓ ବଳିଦାନ ଫଳରେ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ଭାରତ ସ୍ୱାଧୀନ ହେଲା । ୧୯୫୨ ମସିହା ଓ ୧୯୫୩ ମସିହା ରେ ସାଧାରଣ ନିର୍ବାଚ଼ନ ପରେ ସେ କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର ୫୭୩୯; ନୂଆ ଦୁନିଆଁ ୫୭୩୯; ର ସମ୍ପାଦନା କାର୍ଯ୍ୟ ଅତ୍ୟନ୍ତ ସୁଚ଼ାରୁରୂପେ ନିର୍ବାହ କଲେ । ଏତଦ୍ ଭିନ୍ନ ୫୭୩୯; ଆସନ୍ତାକାଲି ର ସାହିତ୍ୟ ୫୭୩୯; ତାଙ୍କର ଅନବଦ୍ୟ କୃତୀ ।କଲିକତା ରେ

ଥିବା ଦୁସ୍ଥ ଓଡ଼ିଆ ମାନଙ୍କର ଦୁଃଖ ନିବାରଣ କରିବା ପାଇଁ ସଚେତନତା ସୃଷ୍ଟି କରିବାକୁ ସେ ସମୟରେ ନିୟମିତ ପ୍ରକାଶ ପାଉଥିବା ପତ୍ରିକା ୫୭୩୯; ଆସନ୍ତା କାଲି ଓ ସମାବେଶ ରେ ୫୭୩୯; ସ୍ୱଲିଖିତ ରଚ଼ନା ମାନ ପ୍ରକାଶ କରୁଥିଲେ ଏବଂ ଓଡ଼ିଆ ମାନଙ୍କର ଦାବିପତ୍ର ତତ୍‌କାଳୀନ ବଙ୍ଗଳାର ମୁଖ୍ୟମନ୍ତ୍ରୀ ବିଧାନ ଚ଼ନ୍ଦ୍ର ରାୟ ଙ୍କୁ ପ୍ରଦାନ କରିଥିଲେ । ଓଡ଼ିଶା ର ନୂତନ ବିଧାନସଭା ର ସଭ୍ୟଥିବା ଅବସରରେ ଷଢ଼େଇକଳା ଓ ଖରସୁଆଁ କୁ ଓଡ଼ିଶା ରେ ମିଶାଇ ଦେବାପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଇଥିଲେ । ୧୯୫୭ ମସିହା ଜୁନ୍ ମାସ ୧ ତାରିଖ ର ( ୦୧/୦୬/୧୯୫୭ ) । ୧୯୫୯ ମସିହା ରୁ ୧୯୬୧ ମସିହା ପର୍ଯ୍ୟନ୍ତ ସେ ବିରୋଧୀ ଦଳର ନେତା ରୂପେ ଦକ୍ଷତା ର ସହିତ ସେ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ କରିଥିଲେ ।ପରିଶେଷରେ ଏତିକି କୁହାଯାଇପାରେ ,ବିପ୍ଳବୀ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ୧୯୬୦ ମସିହା ରେ ଭାରତୀୟ ପ୍ରତିନିଧି ଦଳ ସଙ୍ଗେ ମିଶି ସେ ରଷ୍ଟ୍ର ଗ୍ରସ୍ତ କରି ଋଷିଆ ର ନେତା ବ୍ରେଜ୍ ନେଭ୍ ଓ କୋସିଜିନ୍ ଙ୍କ ସହିତ ସଂସ୍କାର ଆଲୋଚ଼ନାରେ ଅଂଶ ଗ୍ରହଣ କରିଥିଲେ । ଏହି ସମୟରେ ପୁରୀ ଠାରେ ଦରଦାମ୍ ବୃଦ୍ଧି କୁ ବିରୋଧ କରି ଗିରଫ୍ ହେଲେ ଏବଂ ବ୍ରହ୍ମପୁର ଜେଲ୍ ରେ ବନ୍ଦୀ ହେଲେ ।

:- ଜୟ ଶ୍ରୀଜଗନ୍ନାଥ :-
?ବନ୍ଦେ ଉତ୍କଳ ଜନନୀ

: ମହା ଉତ୍କଳୀୟ ସଂସ୍କୃତି :
ସାରସ୍ୱତ ଭବନ ଞ- ସ୍ତମ୍ଭକାର ଓ ପ୍ରାବନ୍ଧିକ -
ଗ୍ରାମ- ଅକରପଡା, ପୋଷ୍ଟ-ନଳୀପୁର,
ଭାୟା-ବାଲିଚ଼ନ୍ଦ୍ରପୁର, ଜିଲ୍ଲା-କଟକ
ପିନ୍ କୋଡ୍ ନଂ - ୭୫୪୨୦୫
ମୋବାଇଲ୍ ନଂ/ହ୍ୱାଟସ୍ ଆପ୍ ନଂ - ୭୭୮୯୮୩୨୫୭୭/ ୮୪୫୭୯୯୧୩୧୭



# ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ଢେଙ୍କାନାଳ ଟିମର କେନ୍ଦୁଝର ଗ୍ରସ୍ତ

ଢେଙ୍କାନାଳ,୧୨।୯:(ମନ୍ଥନ)ଢେଙ୍କାନାଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଆମେଚର ତାଇକୋଣ୍ଡୋ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଗତ ମାସରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ତାଇକୋଣ୍ଡୋ ପ୍ରତିଯୋଗିତା ଢେଙ୍କାନାଳ ସହରର ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିଥିବା ୧୨ ଜଣ ଖେଳାଳୀ ବିଭିନ୍ନ ବୟସ ଏବଂ ଓଜନ ବିଭାଗରେ ମନୋନୀତ ହୋଇଥିଲେ । ସେହି ସଫଳ ତାଇକୋଣ୍ଡୋ କ୍ରୀଡ଼ାବିତଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର କରାଯାଇ ବି. ବି. ହାଇ ସ୍କୁଲ ପରିସରରେ ଉର୍ଦ୍ଧ୍ୱତମାନର କୌଶଳ ପ୍ରଦାନ କରାଯାଇଥିଲା । ଏହି ଶିବିରରେ କୋଚ୍ ପ୍ରତାପ ନାଏକ, ଇନ୍ଦ୍ରଜିତ ସାହୁ ଉପସ୍ଥିତ ରହି କୌଶଳ ପ୍ରଦାନ କରିଥିଲେ । ଏହାପରେ ୧୦ ତାରିଖ ଢେଙ୍କାନାଳ ଟିମ କେନ୍ଦୁଝର ଗ୍ରସ୍ତ କରିଛି । ଉକ୍ତ ପ୍ରତିଯୋଗିତା ନିମନ୍ତେ ମ୍ୟାନେଜର ଭାବରେ ସରିତା ବିଶ୍ୱାଳ ଓ କୋଚ୍ ରୂପେ ପ୍ରତାପ ନାଏକ ଟିମ ସହ ଯାତ୍ରା କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ଓ ଆମେଚର ତାଇକୋଣ୍ଡୋ ସଂଘର ସମ୍ପାଦକ ମାଷ୍ଟର ଇଂ. ସୌମ୍ୟବ୍ରତ ସାହୁ ଢେଙ୍କାନାଳ ଟିମକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।




# ଲାଞ୍ଚ ନେବା ବେଳେ ଗିରଫ ହେଲେ ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ

ନୟାଗଡ଼,୧୨।୯:(ମନ୍ଥନ)ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ।ସୂଚନା ମୁତାବକ ବିରୁଡ଼ା ଗ୍ରାମର ଶ୍ରମିକ ନେତା ତଥା କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ସଦସ୍ୟ ଭୁବନ ଚନ୍ଦ୍ର ହାତୀଙ୍କ ଠାରୁ ଗୋଟିଏ ଶ୍ରମ କାର୍ଡ ପିଛା ୩ ସହ ଟଙ୍କା ଲେଖା ୨୨ ଗୋଟି ଶ୍ରମ କାର୍ଡ ପାଇଁ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ ।ତେବେ ୨୨ କାର୍ଡ ସ୍ଥାନରେ ୨୧ କାର୍ଡ କରିଥିଲେ । ୨୧ କାର୍ଡ ପାଇଁ ୬ ହଜାର ୩୦୦ ଟଙ୍କା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଭିତରେ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ଭିଜିଲାନ୍ସ ପକ୍ଷରୁ ସଠିକ ସୂଚନା ନମିଳିନଥିଲେ ସୁଦ୍ଧା ଅଧିକ ସନ୍ଧାନ ପାଇଁ ଭିଜିଲାନ୍ସ ତଦନ୍ତ କରୁଛି ।

# ଜଳେଶ୍ୱର ରାଧାଗୋବିନ୍ଦ ହୋଣ୍ଡା ସୋ ରୁମ୍ ପକ୍ଷରୁ ନୂତନ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ୨ଟି ବାଇକ୍ ଲୋକାର୍ପିତ

ଜଳେଶ୍ୱର,୧୨।୯:(ମନ୍ଥନ)ଜଳେଶ୍ୱର ସହରର ରାଧାଗୋବିନ୍ଦ ହୋଣ୍ଡା ସୋ ରୁମ୍ ପକ୍ଷରୁ ସ୍ଥାନୀୟ ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ନୂତନ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ୨ଟି ହୋଣ୍ଡା ବାଇକକୁ ଲୋକାର୍ପିତ କରାଯାଇଛି । ଉପସ୍ଥାପିକା ଏ.ଆର୍, ଆରାଧନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା,ସମ୍ମାନିତ ଅତିଥି ଭାବେ ଏରିଆ ଇନ୍ ଚାର୍ଜ ଜୟଦୀପ ସାହା,ଜୋନାଲ ହେଡ୍ ରାଜେଶ ଚୌଧୁରୀ,ସମାଜସେବୀ ସତ୍ୟେନ୍ ଶ୍ୟାମନାଗ,ରାଧାଗୋବିନ୍ଦ ହୋଣ୍ଡା ସୋ ରୁମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତପନ ଜେନା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଏହି ନୂତନ ୨ଟି ବାଇକ୍ ଯୁବ ବର୍ଗର ଅଧିକ ପସନ୍ଦ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ କମ୍ପାନୀ ପକ୍ଷରୁ ନୂତନ ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ୨ଟି ବାଇକ୍ ସିବି ହର୍ନେଟ - ୧୨୫, ସାଇନ୍ - ୧୦୦ ଡିଏକ୍ସ କୁ ମୁଖ୍ୟ ଅତିଥି ଲୋକାର୍ପଣ କରିଥିଲେ । ୨ଟି ବାଇକ୍ ର ପ୍ରଥମ ଗ୍ରାହକ ଶୁଭାଶିଷ ଗିରି ଓ ଅଶୋକ କୁମାର ଦେଙ୍କୁ ଗାଡ଼ିର ଚାବି ଓ ଉପହାର ପ୍ରଦାନ କରାଯାଇଥିଲା । ଏହାଛଡା ଲଟେରୀ ମାଧ୍ୟମରେ ଉପସ୍ଥିତ ଗ୍ରାହକ ମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଏହି ଲୋକାର୍ପଣ ଉତ୍ସବକୁ ରଧାଗୋବିନ୍ଦ ସୋ ରୁମର ମୁଖ୍ୟ ପରିଚାଳକ ଜିତେନ୍ଦ୍ର ନାଥ ମହାନ୍ତି ସୂଚାରୁ ରୁପେ ପରିଚାଳନା କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ହୋଣ୍ଡା ସୋ ରୁମର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଦଧିଚିଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠା ଦିବସ ପାଳିତ

ଫୁଲନଖରା,୧୨।୯:(ମନ୍ଥନ)କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦର ଗ୍ରାମ ସ୍ଥିତ ଦଧିଚି ଶିକ୍ଷାନୁଷ୍ଠାନର ୨୧ତମ ପ୍ରତିଷ୍ଠା ଦିବସ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସ ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଡକ୍ଟର ପ୍ରବୀଣ ତୋଗାଡ଼ିଆ, କଳିଙ୍ଗ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଡକ୍ଟର ବଦ୍ରି ପଟ୍ଟନାୟକ ଯୋଗଦେଇ ଏହି ଶିକ୍ଷାନୁଷ୍ଠାନ ଟି ସାରା ରାଜ୍ୟରେ ପ୍ରତିଷ୍ଠିତ ଲାଭ କରିବା ସହିତ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଜଣେ ଜଣେ ଦକ୍ଷ ଅଫିସର ହୋଇ ଶିକ୍ଷାନୁଷ୍ଠାନର ଖ୍ୟାତି ଅର୍ଜନ କରିବା ଦିଗରେ ସହାୟକ ହୋଇଛନ୍ତି । ଏହାଏକ ଅନୁଷ୍ଠାନ ନୁହେଁ ଗୋଟେ ଉତ୍ତମ ଯୁବସମାଜ ଗଠନ ଦିଗରେ ଏହାର ଯଥେଷ୍ଟ ଭୂମିକା ଅଛି ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ. ଏହିସମୟରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର ମନୋଜ ଦାଶ ଓ ଟ୍ରଷ୍ଟି ବବିତା ଦାଶ ମଞ୍ଚରେ ଉପସ୍ଥିତ ରହି ଅତିଥିମାନଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଦଧିଚି କଲେଜର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ । ଓଲଟପୁର ଥାନା ଓ ସଦର ଥାନାର ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ପୂର୍ତ୍ତ ବିଭାଗ ରାସ୍ତାକୁ କବଳିତ କଲାଣି ଗଛଲତା

କୋଷାଗୁମୁଡା, ୧୨।୯:(ମନ୍ଥନ)ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଠାରୁ ଫାର୍ଷାଗୁଡା ଓ ଚଟାହାଣ୍ଡି ଦେଇ ନବରଙ୍ଗପୁର ଜିଲ୍ଲା ସଦର ମହକୁମାକୁ ଜୀବାକୁ ପୂର୍ତ୍ତ ବିଭାଗର ଏହି ରାସ୍ତା ଏବେ ପଥଚାରୀଙ୍କ ପାଇଁ ଦୃଘଟଣାପର୍ବଣ ଅଞ୍ଚଳ ପାଲଟିଛି । କୋଡ଼ିଙ୍ଗା ଠାରୁ ଫାର୍ଷାଗୁଡା ଏହି ଅଧ କିଲୋମିଟର ରାସ୍ତାରେ ଗଛଲତା ମାଡି ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିବାବେଳେ ଦୃଘଟଣାରେ ପଥଚାରୀ ଲହୁଲୁହାଣ ହେଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ବାସିନ୍ଦାଙ୍କଠାରୁ ମିଳିଥିବା ଅଭିଯୋଗ ମୁତାବକ କୋଡ଼ିଙ୍ଗା ଠାରୁ ଟ୍ରିଲିଆମ୍ବଗୁଡା ପର୍ଯ୍ୟନ୍ତ ଏହି ୨୦ କିଲୋମିଟର ରାସ୍ତା ଏବେ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛ । ବିଶେଷକରି କୋଡ଼ିଙ୍ଗା ଠାରୁ ଫାର୍ଶାଗୁଡା ପର୍ଯ୍ୟନ୍ତ ଗଛଲତା ସବୁ ଉଭୟ ପାର୍ଶ୍ୱରୁ ରାସ୍ତା ଉପରକୁ ଲମ୍ବିବାରେ ଲାଗିଲାଣି । ଫଳରେ ଜଙ୍ଗଲିଆ ରାସ୍ତାର ଭ୍ରମ ସୃଷ୍ଟି କରୁଥିବା ବେଳେ ଯାନବାହାନ ଯାତାୟତ ବେଳେ ପଥଚାରୀମାନେ ଏବଂ ଗାଡିଚାଳକମାନେ ଦୁଘଟଣାର ଶିକାର ହୋଇ ଗୁରୁତ୍ତର ଆହତ ହେଉଥିବା ସୂଚନା ମିଳିଛି । ସନ୍ଧ୍ୟା କଥା ଛାଡ଼ନ୍ତୁ ଦିନବେଳା ମଧ୍ୟ ରାସ୍ତା ପାର୍ଶ୍ୱ ଦୃଶ୍ୟମାନ ହେଉନଥିବାରୁ ବାଇକ ଓ ସାଇକେଲ ଆରୋହୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ସବୁଠୁ ବେଶୀ ସମସ୍ୟା ଭୋଗୁଛନ୍ତି । ଉକ୍ତ ରାସ୍ତା ପୂର୍ତ୍ତବିଭାଗ ଅଧୀନରେ ଥିବାବେଳେ ସଫେଇ ତଥା ମରାମତି ନହେବାଯୋଗୁ ଏଭଳି ସମସ୍ୟା ହେଉଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ପୂର୍ତ୍ତବିଭାଗ ପକ୍ଷରୁ ପ୍ରତିବର୍ଷ ମରାମତି ଓ ସଫେଇ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି । ହେଲେ ଏଠି ସଫେଇ କରିବାକୁ ବିଭାଗ କୁଣ୍ଠାବୋଧ କାହିଁକି ।

# ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ନୂତନ ଆଇ.ଆଇ.ସିଙ୍କୁ ସମ୍ବର୍ଦ୍ଧନା ଓ ଆଲୋଚନା

ଫୁଲନଖରା, ୧୨।୯:(ମନ୍ଥନ) କଟକ ସଦର ଥାନାରେ କିଛି ଦିନ ତଳେ ନିଯୁକ୍ତି ପାଇଥିବା ନବାଗତ ଆଇ.ଆଇ.ସି ତୁଷାରକାନ୍ତ ସେଠୀଙ୍କୁ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍ତରୀୟ ଫୁଲତୋଡା ସୌଜନ୍ୟମୂଳକ ଭାବେ କର୍ମକର୍ତ୍ତାମାନେ ସାକ୍ଷାତ କରି ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏକ ଫଟୋ ଚିତ୍ର ପ୍ରଦାନ କରାଯାଇଛି । ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ କିପରି ନ୍ୟାୟ ମିଳିବ ଏବଂ ସଦର ଥାନା ଅଞ୍ଚଳରେ ଆଇନ ଭଙ୍ଗ କରୁଥିବା ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହିତ ଏହି ଥାନା ଅଞ୍ଚଳରେ ଫୁଲନଖରା - ନିଆଳୀ ରାସ୍ତା, ମହିଧରପଡ଼ା - ଗୋବିନ୍ଦପୁର ରାସ୍ତା, ପ୍ରତାପନଗରୀ କାକଟପୁର ବ୍ରାଞ୍ଚ କେନାଲ, ଶଙ୍ଖତ୍ରାସ ,ଖଲର୍ଦ୍ଧା,କୋରକୋରା ରାସ୍ତା ,ଗୋପାଳପୁରରୁ ଖଲର୍ଦ୍ଧା ନଈ ବନ୍ଧ ରାସ୍ତା,ବାଲିକୁଦା- କାଜିପାଟଣା ରାସ୍ତା,ନାଗବାଲି ବମ୍ପକୁଦ ରାସ୍ତା, ବଡଝରିଲୋରୁ ଗଙ୍ଗେଶ୍ୱର ରାସ୍ତା,କୁରାଙ୍ଗପ୍ରଧାନରୁ ଶୁଦ୍ଧାନନ୍ଦ ଇଞ୍ଜିନିୟରିଂ କଲେଜ ରାସ୍ତା ପ୍ରଭୃତି ଅଞ୍ଚଳକୁ ଥାନା ତରଫରୁ ଅଧିକ ରୁ ଅଧିକ ପାଟ୍ରୋଲିଂ କରିବା ପାଇଁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏସବୁ ସମ୍ବେଦନଶୀଳ ବିଷୟ ପ୍ରତି ଥାନା ଆଇ.ଆଇ.ସି ଆପ୍ରାଣ ଚେଷ୍ଟା କରି ସଦର ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ବୋଲିପ୍ରତିଶ୍ରୁତିଦେଇଛନ୍ତି । ଏହି ଆଲୋଚନାଚକ୍ରରେ ସଙ୍ଗଠନର ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ,ସଭାପତି ଲଳିତ କୁମାର ଦାଶ, ସମ୍ପାଦକ ଅମିତ କୁମାର ପରିଜା,ଧୀରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ,ପ୍ରଭାସ ମଙ୍ଗରାଜ,ଗଣେଶ ସାହୁ,ଅଜୟ କୁମାର ବେଉରା,ନିରଞ୍ଜନ ମହାନ୍ତି, ଧରଣୀଧର ବେହେରା, ମୁରଲୀଧର ନାୟକ, ପ୍ରଶାନ୍ତ କୁମାର ନାୟକ, ଆଶିଷ ରଂଜନ ସ୍ୱାଇଁ, ସୁବ୍ରତ ବିଶ୍ୱାଳ ,ଅଶୋକ କୁମାର ରଥ, ସତ୍ୟରଞ୍ଜନ ଦାସ ମହାପାତ୍ର,ଦେବାଶିଷ ଦାସ, ବାବୁଲି ଭୋଇ ,ଆଶିଷ ସାହୁ, ହେମନ୍ତ କୁମାର ମଲ୍ଲିକ, ଚିନ୍ମୟ ମହାରଣା, ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।




# କାକଟପୁର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

କାକଟପୁର,୧୨।୯:(ମନ୍ଥନ) କାକଟପୁର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକଙ୍କ ଅଧକ୍ଷତାରେ କାକଟପୁର ବ୍ଲକ ସଭାଗୃହରେ ସପ୍ତମ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ନିମନ୍ତ୍ରିତ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧିନ କୁମାର ନାୟକ,୬ନଂ ଜିଲ୍ଲାପରିଷଦ



ସଭ୍ୟା ଜ୍ୟୋସ୍ନା ରାଣୀ ଦଳେଇ,୭ନଂ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ଜଗତସିଂହପୁର ସାଂସଦଙ୍କ ବ୍ଲକ ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ତହସିଲ ହେମାଙ୍ଗିନୀ ମାଝି, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ,୧୬ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ଥିଲେ । ପଞ୍ଚାୟତ ସମିତିର ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବିକଶିତ ଗାଁ ବିକଶିତ ଓଡିଶାର ପ୍ରକଳ୍ପ ଗୁଡିକ ଉପରେ ବିଶେଷ ଭାବରେ ଆଲୋଚନା କରାଯାଇ ଗୃହିତ କରାଯାଇଥିଲା । ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ମାନଙ୍କ ସହଯୋଗ କ୍ରମେ ଅଧିବେଶନ ଶାନ୍ତିଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା ।

# ୧୧ ତମ ଓଡିଶା କୃଷକ ସଭା ନୟାଗଡ଼ ଜିଲ୍ଲା ସମ୍ମିଳନୀ

ନୟାଗଡ଼,୧୨।୯:(ମନ୍ଥନ)ନୟାଗଡ଼ ଶିକ୍ଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କୃଷକ ସଭାର ପତାକା କୁ ଗୋଲକ ବିହାରୀ ମୁଦୁଲି ଉତୋଳନ କରିବା ପରେ ସହିଦ ବେଦିରେ ପୁଷ୍ପମାଲ୍ୟ ଦେବା ପରେ ରାଜ୍ୟ ସଭାପତି ଜନ୍ମେଶ୍ୱର ସାମନ୍ତରା ଅନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ,ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର ଚିଠା ପ୍ରସ୍ତାବ ଆଗତ କରିଥିଲେ ।ଉକ୍ତ ପ୍ରସ୍ତାବ ୧୨ ଜଣ ପ୍ରତିନିଧି ଆଲୋଚନା କରିବା ପରେ ପ୍ରସ୍ତାବ ଗୃହୀତ ହୋଇଥିଲ । ତା ସହିତ ଚାଷୀ ମାନଙ୍କ ବିରୁଦ୍ଧରେ ହୋଇଥିବା ବିଭିନ୍ନ ଚାଷୀ ବିରୋଧୀ ଆଇନ ବିଷୟରେ ଆଲୋଚନା ହୋଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାମୀନାଥନ କମିଶନ ନୀତିକୁ କାର୍ଯକାରୀ କରୁ ନଥିବାରୁ ସମ୍ମିଳନୀ ଏହାକୁ ନିନ୍ଦା କରିଥିଲା । ସଠିକ ସମୟରେ ସାର ଯୋଗାଣ, ଫସଲ ବୀମା, କୃଷିରୁଣ ଚାଷୀ ଙ୍କୁ ନମିଳିବାରୁ ଚାଷୀମାନେ ବିଭିନ୍ନ ଅସୁବିଧାର ଶିକାର ହେଉଛନ୍ତି । ତା ବିରୋଧ ରେ ଜିଲ୍ଲା ରେ ଦୁର୍ବାର ଆନ୍ଦୋଳନ କରିବା ପାଇଁ ସ୍ଥିର କରାଯାଇ ଆଗାମୀ ତିନି ବର୍ଷ ପାଇଁ ଏକ ୧୭ ଜଣିଆ କମିଟି ଗଠନ କରାଗଲା । ସଭାପତି ହରିଶ୍ଚନ୍ଦ୍ର ମିଶ୍ର, ସମ୍ପାଦକ ପବିତ୍ର କୁମାର ଇନ୍ଦ୍ରଜିତ, କୋଷାଧକ୍ଷ ଗଦାଧର ପ୍ରଧାନ ନିର୍ବାଚିତ ହୋଇଥିଲେ ।ଶେଷରେ କୃଷକ ସଭାର ପୂର୍ବତନ ରାଜ୍ୟ ସଭାପତି ଅଭିରାମ ବେହେରା ଉଦଯାପନୀ ଭାଷଣ ଦେବାପରେ ସମ୍ମିଳନୀ କାର୍ଯ୍ୟ ଶେଷ କରାଯାଇଥିଲା ।



# ପିପିଲି କଲେଜ ରେ ଜାତୀୟ ସେବା ଯୋଜନାର ପ୍ରବେଶ ଉତ୍ସବ ଅନୁଷ୍ଠିତ

ପିପିଲି,୧୨।୯:(ମନ୍ଥନ)ପିପିଲି କଲେଜ ପରିସରରେ +୩ ଶ୍ରେଣୀର ଜାତୀୟ ସେବା ଯୋଜନା ତଥା ଏନ୍ଏସ୍ଏସ୍ ପ୍ରବେଶ କାର୍ଯ୍ୟକ୍ରମ ଓ ପ୍ରେରଣା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।କଲେଜର ଅଧକ୍ଷ ସଦାଶିବ ଦାଶ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ର ପ୍ରଶାସକ ପ୍ରାଧାପକ ଭବେଶ ପ୍ରସାଦ ତ୍ରିପାଠୀ ଓ ଏନ୍ଏସ୍ଏସ୍ ପ୍ରାକ୍ତନ ଅଧିକାରୀ ଅଧାପକ ସଂଗ୍ରାମ କେଶରୀ ପରିଡ଼ା, ସଙ୍ଗୀତ ଅଧାପକ ଡକ୍ଟର ସଚ୍ଚିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱଚ୍ଛାସେବୀ ହେବା ପାଇଁ ପ୍ରେରଣା ମୁଳକ ବକ୍ତବ୍ୟ ଦେଇଥିଲେ । ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟ ରଖି ସମାଜ ରେ ସେବା ଯୋଗାଇ ଦେବା ପାଇଁ ଅତିଥିମାନେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ କୁ ଏନ୍ଏସ୍ଏସ୍ ଅଧିକାରୀ ଅଧାପକ ବାନାମ୍ବର ସୁବୁଦ୍ଧି ଓ ଅଧାପିକା ସୁଶ୍ରୀ ସଙ୍ଗୀତା ପଶ୍ଚିମକବାଟ ପରିଚାଳନା କରିଥିବା ବେଳେ +୨ ଏନ୍ଏସ୍ଏସ୍ ଅଧିକାରୀ ଅଧାପକ ଜ୍ୟୋତି ପ୍ରକାଶ ସିଂଗ୍ରାଇନ୍ ଉପସ୍ଥିତ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ +୩ ର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

# ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ମା' ଙ୍କର ମାଟି ଅନୁକୂଳ

ଢେଙ୍କାନାଳ,୧୨।୯:(ମନ୍ଥନ)ବିଶ୍ୱ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଉତ୍ସବ ଆସନ୍ତା ଅକ୍ଟୋବର ମାସ ୦୬ ତାରିଖଠାରୁ ୯ଦିନ ବ୍ୟାପ ଢେଙ୍କାନାଳ ସହରରେ ଅନୁଷ୍ଠିତ ହେବ । ଏଥି ପାଇଁ ରାଧା-ଅଷ୍ଟମି ଠାରୁ ସହର ମଧ୍ୟରେ ଥିବା ୩୮ ଗୋଟି ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ମା' ଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ବ୍ରାହ୍ମଣି ନଦୀକୁଳରୁ ମାଟି ଅନୁକୁଳ ଆରମ୍ଭ କଲେଣି । ଗତ ରାଧାଅଷ୍ଟମି ଦିନ ପ୍ରଥମେ ଶ୍ରୀ ଶ୍ରୀ ମଉଡମଣୀ ରାଜଲକ୍ଷ୍ମୀ ମୀନା ବଜାର ପୁଜାପତିଷ୍ଠାନ ଓ ଗଣେଷ ବଜାର ପୁଜା ପ୍ରତିଷ୍ଠାନ ପାରମ୍ପରିକ ରିତୀନିତୀ ଅନୁଯାୟୀ ମାଟି ଅନୁକୁଳ କରିଛନ୍ତି । ତେବେ ଆଜି ସୁନିଆ ଅବସରରେ ଅନ୍ୟ ସମସ୍ତ ପୁଜା ପ୍ରତିଷ୍ଠାନ ମାନଙ୍କ ତରଫରୁ ସ୍ଥାନୀୟ ବ୍ରାହ୍ମଣୀ ନଦୀ କୂଳ କମଗରାଘାଟ ନିକଟରୁ ଘଣ୍ଟ ବାଦ୍ୟ ସହ ପୂଜାଅର୍ଚ୍ଚନା କରାଯାଇ ମା'ଙ୍କ ମୁର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କରାଯାଇଛି । ଏହି ଅବସରରେ ପୂଜକ ଓ କର୍ତା ମାନେ ପ୍ରଥମେ ମା'ଙ୍କର ଷୋଡଶ ପୂଜା ବିଧି କରି ଭୋଗ ଲାଗି କରାଯାଇ ମାଟି ଅନୁକୂଳ ଉତ୍ସବ ଆରମ୍ଭ କରିଥିଲେ । ଏହି ସୁନିଆ ଉତ୍ସବରେ ସହର ମଧ୍ୟରେ ଥିବା ପ୍ରମୁଖ ପୁଜାପ୍ରତିଷ୍ଠାନ କାଞ୍ଚନ ବଜାର, ଲକ୍ଷ୍ମୀବଜାର, ମହାବୀର ବଜାର, ଜୁବୁଲିଟାଉନ(୧), ଅମଲାପଡା ବସଷ୍ଟାଣ୍ଡ, ଗୁଡିଆନାଳୀ, ଦୁର୍ଗାବଜାର,ଜବହାରଚୌକ, ଆନନ୍ଦ ବଜାର, ଷ୍ଟେସନ ବଜାର, କାରିଗର ସାହି, କୈବଲ୍ୟ ବଜାର, ଗୋପବନ୍ଧୁ ବଜାର, ଚନ୍ଦନ ବଜାର ସମେତ ଅନ୍ୟ ସମସ୍ତ ପୁଜାପ୍ରତିଷ୍ଠାନ ମାଟି ଅନୁକୁଳ କରିଛନ୍ତି । ଏହି ମାଟି ଅନୁକୂଳ ବେଳେ ସବୁ ପୁଜାପ୍ରତିଷ୍ଠାନର ସଭାପତି,ସମ୍ପାଦକ ସହିତ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ ।

# ଗୁଆଳି ମାଇନର କେନାଲ ରାସ୍ତା ଅବସ୍ଥା ଶୋଚନୀୟ ,ତୁରନ୍ତ ମରାମତି କରିବାକୁ ଦାବି

ଫୁଲନଖରା,୧୨।୯:(ମନ୍ଥନ)ଭୁବନେଶ୍ୱର ପ୍ରାଚୀ ଡିଭିଜନ - ପ୍ରତାପ ନଗରୀ ଜଳ ସମ୍ପଦ ଉପର୍ନିବାହୀ ଅଧିକାରୀ ଓ ମହିଧରପଡା ଜଳସେଚନ ସେକ୍ସନ ଅଫିସ ଅଧିନରେ ଗୁଆଳି ମାଇନର କେନାଲ । ଏହି ମାଇନର କେନାଲଟି ତ୍ରିନାଥ ବଜାର-ଓଲଟପୁର ମାଇନର କେନାଲ ଜଗନ୍ନାଥପୁର ଠାରୁ ବାହାରି ଗୁଆଳି ଗ୍ରାମକୁ ଯାଇଅଛି । ପ୍ରାୟ ୧ କି.ମି ରୁ ଉର୍ଦ୍ଧ୍ୱ ହେବ ଏହି ମାଇନର କେନାଲ । ଏହି କେନାଲ ବନ୍ଧ ରାସ୍ତା ଦେଇ ଗୁଆଳି,ମହାନ୍ତିପାଟଣା ଓ ଜଗନ୍ନାଥପୁର ଗ୍ରାମର ଶହ ଶହ ଲୋକ, ସ୍କୁଲ ଛାତ୍ର ଛାତ୍ରୀମାନେ ଦୈନନ୍ଦିନ ଯାତାୟାତ କରିଥାନ୍ତି । ଦୁଇ ବର୍ଷ ତଳେ ଏହି ବନ୍ଧ ରାସ୍ତାଟି ପିଚୁ କାର୍ଯ୍ୟ କରାଯାଇଥିଲେ ମଧ୍ୟ ସେହି କାର୍ଯ୍ୟ ଠିକାଦାର ଠିକ୍ ଭାବେ କରି ନଥିବାରୁ ବା ଯନ୍ତ୍ରୀ ମାନେ କାର୍ଯ୍ୟ ସମୟରେ ଉପସ୍ଥିତ ରହି ଠିକ୍ ତଦାରଖ କରିନଥିବାରୁ ରାସ୍ତା ଉପରୁ ବ୍ଲାକ ମେଟାଲ ତାଡି ହୋଇ ଖାଲ ଖମା ସୃଷ୍ଟି ହୋଇଛି । ଫଳରେ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି । ତୁରନ୍ତ ଏହି ରାସ୍ତା ମରାମତି ପାଇଁ ଗୁଆଳି ଗ୍ରାମର ସୁରେନ୍ଦ୍ର ଛୋଟରାୟ, ହୃଷୀକେଶ ଛୋଟରାୟ,ଘନଶ୍ୟାମ ପାତ୍ର,ଧୀରେନ୍ଦ୍ର ଛୋଟରାୟ, ସୁନିଲ ଘଡ଼େଇ, ଚନ୍ଦନ ଭଗତ,ଜଗନ୍ନାଥପୁର ଗ୍ରାମର ବଙ୍ଗାଳୀ ଚରଣ ପରିଜା,ହେମନ୍ତ ମଲ୍ଲିକ ,ବାବୁଲି ଭୋଇ,ମହାନ୍ତିପାଟଣା ଗ୍ରାମର ରବିନ୍ଦ୍ର ସାହୁ, ଚଗଲି ଆଚାର୍ଯ୍ୟ ପ୍ରମୁଖ ଦାବି କରିଛନ୍ତି ।



# ଜଗତସିଂହପୁର ଜିଲ୍ଲା କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଗତସିଂହପୁର,୧୨।୯:(ମନ୍ଥନ) ଶିକ୍ଷା କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାରା ରାଜ୍ୟ ରେ ଜଗତସିଂହପୁର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଲୋକସେବା ଭବନ ରେ ଆୟୋଜିତ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ୨୦୨୫ ରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଜଗତସିଂହପୁର ଜିଲ୍ଲା କୁ ସମ୍ମାନିତ କରିଛନ୍ତି । ପ୍ରକାଶ ଥାଉ କି, ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନିୟମିତ ତଦାରଖ ରେ ରେ ଜିଲ୍ଲା ଅବିରତ ଭାବେ ଶିକ୍ଷା କ୍ଷେତ୍ର ରେ ଗୌରବ ସୃଷ୍ଟି ସହ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଥିବା ରୁ ଏହି ପୁରସ୍କାର ପ୍ରାପ୍ତ ହୋଇଛ । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଆଜି ମୁଖ୍ୟମନ୍ତ୍ରୀ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି । ଏହି ସଫଳତା ଯୋଗୁଁ ରାଜ୍ୟରେ ଜଗତସିଂହପୁର ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଅଛ ।

# ମଣ୍ଡଳ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

କେନ୍ଦ୍ରାପଡ଼ା,୧୨।୯:(ମନ୍ଥନ) ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଏକ ମଣ୍ଡଳ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ତଥା ମଦ୍ରାସାର ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସହିତ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଗଠନ ପାଇଁ 'ସିଦ୍ଧି ଓ ଲକ୍ଷ୍ୟ' ନାମକ ଏକ ବ୍ଲୁପ୍ରିଣ୍ଟର ଉନ୍ମୋଚନ କରାଯାଇଥିଲା । କେନ୍ଦ୍ରାପଡ଼ା ସହ ମଣ୍ଡଳ ଅଧିକାରୀ ବଳଦେବ ପ୍ରସାଦ ଜେନାଙ୍କ ଅଧକ୍ଷତାରେ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହ ମଣ୍ଡଳ ଅଧିକାରୀ ରଞ୍ଜନ କିଶୋର ରାଉତରାୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବ୍ଲକ ଏମ ଆଇ ଏସ, ସମସ୍ତ ସିଆର୍ସିସିମାନେ ଯୋଗ ଦେଇଥିଲେ । ଏହି ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନ କରାଯାଇଥିଲା ଏବଂ ମଣ୍ଡଳ ଶିକ୍ଷା ଅଧିକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ କି କୌଣସି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପାଠ ପଢା ଛାଡ଼ି ମଣ୍ଡଳଶିକ୍ଷା କାର୍ଯ୍ୟାଳୟକୁ ଆସିବା ଦରକାର ନାହିଁ । ଯାହାର ଯାହା ସମସ୍ୟା ଅଛି ସିଆରସିସି ମାନଙ୍କ ଜରିଆରେ ଜଣାନ୍ତୁ । ତୁରନ୍ତ ସମାଧାନ କରାଯିବ । ଶ୍ରୀ ମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକକୁ ଶିକ୍ଷା କ୍ଷେତ୍ରରେ ଆଗେଇନବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମ ଯଥା 'ଏକ ପେଡ୍ ମା କେ ନାମ' , 'ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ' କାର୍ଯ୍ୟକ୍ରମ ତଥା 'ଅନଲାଇନ' କାର୍ଯ୍ୟକ୍ରମରେ କିପରି କେନ୍ଦ୍ରାପଡା ବ୍ଲକ ଅନ୍ୟ ସମସ୍ତ ବ୍ଲକ୍ ତୁଳନାରେ ଆଗରେ ରହିବ । ଏଥିରେ ସମସ୍ତଙ୍କ ଅବଦାନ ଅତୁଳନୀୟ ବୋଲି ଶ୍ରୀ ମନ୍ତ୍ରୀ କହିଥିଲେ । ସବୁ ସିଆରସିସିମାନେ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରିବା ଓ ଉଚିତ୍ ସମ୍ମାନ ପ୍ରଦର୍ଶନ କରିବା ପାଇଁ ମଧ୍ୟ ଶ୍ରୀ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଶେଷରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଶୈକ୍ଷିକ ପ୍ରଗତିକୁ ଆକଳନ କରି ତାହାର ଉଚିତ୍ ସମାଧାନ କରିବା ପାଇଁ ଶ୍ରୀ ମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ 'ସିଦ୍ଧି ଏବଂ ଲକ୍ଷ୍ୟ' କାର୍ଯ୍ୟକ୍ରମର ଉନ୍ମୋଚନ କରାଯାଇଥିଲା । ଏହି ନୂତନ ଶୈକ୍ଷିକ କାର୍ଯ୍ୟକ୍ରମରେ କିଛି ଶିକ୍ଷା ଓ ସହ ଶିକ୍ଷା କ୍ଷେତ୍ରର ମାନକ ପ୍ରସ୍ତୁତ କରାଯାଇଛି । ଯଦ୍ୱାରା ଏହାକୁ ଅନୁସରଣ କରି ସମସ୍ତ ପର୍ଯ୍ୟବେକ୍ଷକ ତଥା ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସି, ସହ ମଣ୍ଡଳ ଶିକ୍ଷା ଅଧିକାରୀ ଏବଂ ମଣ୍ଡଳ ଶିକ୍ଷା ଅଧିକାରୀ ବିଦ୍ୟାଳୟରେ ପିଲାମାନଙ୍କ କ୍ଷେତ୍ରରେ ଏହାକୁ ଯଥା ସମ୍ଭବ ପ୍ରୟୋଗ କରିବେ ଓ ଦୁଇ ମାସରେ ଥରେ ଏହାର ପୁନରାଲୋଚନ କରାଯିବ । ଏହିପରି ଭାବରେ ସମସ୍ତ ଶିକ୍ଷକ ସମାଜକୁ ନିଜ ନିଜ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସହିତ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ହେଇପାରିବ ବୋଲି ଶ୍ରୀ ମନ୍ତ୍ରୀ ଆଶା ପ୍ରକଟ କରିଥିଲେ ।





# ଇଫେକା ୟୁନିଟ୍‌କୁ ସିଆଇଆଇ ପୂର୍ବାଞ୍ଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାର

ପାରାଦୀପ,୧୨।୯ (ନି.ପ୍ର) : ପାରାଦୀପ ଉପକଣ୍ଠରେ ଥିବା ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସାର କାରଖାନା ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପେରେଟିଭ୍ ଲିମିଟେଡ୍ (ଇଫେକା) ପାରାଦୀପ ୟୁନିଟ୍‌କୁ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଦ୍ୱାରା ୨୦୨୪-୨୫ ବର୍ଷ ନିମେନ୍ତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରେର ଉଲ୍ଲେଖନୀୟ ପ୍ରଦର୍ଶନ ନିମେନ୍ତ ବୃହତ୍ତ ଉତ୍ପାଦନ କ୍ଷେତ୍ର ବଗର୍ରେ ସମ୍ମାନଜନକ ସିଆଇଆଇ ପୂର୍ବାଂଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ (ଏସଏଚଇ) ପୁରସ୍କାର ପ୍ରଦାନ କରାଯାଇଛି ।



କୋଲକାତାର ଆଇଟିସି ସୋନାରଠାରେ ଅନୁଷ୍ଠିତ ୧୯ତମ ସୁରକ୍ଷା ଅଲୋଚନାଚକ୍ର ଏବଂ ପ୍ରଦର୍ଶର୍ନୀ ଚଳିତ ମାସ ୧୧ ଓ ୧୨ ତାରିଖ ଦୁଇ ଦିନିଆ ସମାରୋହରେ ସିଆଇଆଇ ପୂର୍ବାଂଚଳ ସୁରକ୍ଷା ସବ୍ କମିଟି ଏବଂ କାର୍ଯ୍ୟନିର୍ବାହୀ ନଦ୍ଦେଶକ ସିଇଏସସି ଲିମିଟେଡ୍ ସ୍ନେହାସିସ୍ ସମାଦାରଙ୍କ ଠାରୁ ଇଫେକାର ଅଗ୍ନି ଏବଂ ସୁରକ୍ଷା ବିଭାଗର ଯୁଗ୍ମ ସାଧାରଣ ପରିଚାଳକ ରଂଜିତ୍ କୁମାର ସ୍ୱାଇଁ ଓ ଡେପୁଟି ମ୍ୟାନେଜର ଆଦିଲ ଓାକର ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ । ସମଗ୍ର ବିଶ୍ୱେର ଫସେଫଟିକ୍ ସାର ଉତ୍ପାଦନ କ୍ଷେତ୍ରେର ସର୍ବାଗ୍ରେ ଥିବା ଭାରତୀୟ କୃଷକ ସାର ସମବାୟ ଲିମଟେଡ୍ (ଇଫେକା) ପାରାଦୀପ ୟୁନିଟ୍ କାର୍ଯ୍ୟଦକ୍ଷତା ନିମେନ୍ତ ୨୦୨୪-୨୫ ମସିହା ପାଇଁ ସିଆଇଆଇ ପୂର୍ବାଂଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରବେଶ (ଏସଏଚଇ) ପୁରସ୍କାର ହାସଲ କରି ପନର୍ବାର ନିଜର ସ୍ୱାତନ୍ତ୍ରତା ଜାହିର କରିଛି । ପ୍ରକାଶଥାଉକି, ସିଆଇଆଇ ଦ୍ୱାରା ବୃହତ୍ତ ସ୍କେଲ ଉତ୍ପାଦନ ବଗର୍ରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରବେିଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ଇଫେକା ପାରାଦୀପ ୟୁନିଟ୍‌ର ଉତ୍କୃଷ୍ଟ ପ୍ରଦଶର୍ନକୁ ସ୍ୱୀକୃତି ଦେଇଥାଉ ।

# ନୂଆପାଟଣାଠାରେ "ସାଇଟ୍ରସ୍"ର ନୂତନ ଶୋ ରୁମ୍ ଖୋଲିଲା



ନୂଆପାଟଣା,୧୨।୯ (ନି.ପ୍ର) : ଓଡିଶାର ପ୍ରିୟ ପୁରୁଷ ବ୍ରାଣ୍ଡ "ସାଇଟ୍ରସ୍" କ୍ଲୋଥିଂ ଷ୍ଟୋର୍ ଏହାର ନୂତନ ଷ୍ଟୋର୍ ନୂଆପାଟଣାଠାରେ ଶୁଭ ଉଦ୍‌ଘାଟନ କରିବା ସହ ଏହାର ସଫଳତାର କାହାଣୀ ଜାରି ରଖିଛି। ଚଳିତ ବର୍ଷ ଫେବୃୟାରୀ ମାସରେ ଭୁବନେଶ୍ୱର, ପୁରୀ ଓ ଅନୁଗୁଳଠାରେ ମାତ୍ର ୪୮ଘଣ୍ଟା ବ୍ୟବଧାନରେ "ସାଇଟ୍ରସ୍"ର ତିନୋଟି ନୂତନ ଷ୍ଟୋର୍ ଆରମ୍ଭ କରାଯାଇ ରେକର୍ଡ ସୃଷ୍ଟି ହୋଇଥିଲା ଏବଂ ଗ୍ରାହକମାନଙ୍କଠାରୁ ଜବରଦସ୍ତ ପ୍ରତିକ୍ରିୟା ମିଳିଥିଲା। ଷ୍ଟୋର୍‌କୁ ଆହୁରି ବିସ୍ତାର କରିବାର ପ୍ରତିଶୃତିକୁ ପୂରଣ କରି ସାଇଟ୍ରସ୍ ନୂଆପାଟଣାଠାରେ (୬୦୦ବର୍ଗଫୁଟ)ର ଏକ ନୂତନ ଆଉଟଲେଟ୍ ଖୋଲିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଷ୍ଟୋର୍‌ର ଉଦ୍‌ଘାଟନ କରିଥିଲେ। ସାଇଟ୍ରସ୍ କ୍ଲୋଥିଂର ପରିଚାଳନା ନିର୍ଦ୍ଦେଶକ ହିତେଶ ଜୈନ୍ ଏବଂ ସାଇଟ୍ରସ୍ କ୍ଲୋଥିଂର ସିଏମ୍‌ଓ ତଥା ରିଟେଲ୍ ମୁଖ୍ୟ ସୟମ୍ ସିଂଘବିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ଏଥିରେ ଫ୍ରାଞ୍ଚାଇଜ୍ ଡିଷ୍ଟ୍ରିବ୍ୟୁଟର ଶ୍ୟାମ ସୁନ୍ଦର ସନ୍ଥାଲିଆ, ଫ୍ରାଞ୍ଚାଇଜ୍ ଡିଷ୍ଟ୍ରିବ୍ୟୁଟର ଉମେଶ ଅଗ୍ରୱାଲ ଏବଂ ସାଇଟ୍ରସ୍‌ର ଫ୍ରାଞ୍ଚାଇଜ୍ ମାଲିକ ଜିତେନ୍ଦ୍ର କରନ୍ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସାଇଟ୍ରସ୍ ଏହାର ଫେଷ୍ଟିଭ ଅଫର ମଧ୍ୟ ଘୋଷଣା କରିଥିଲା। ଯେଉଁ ଗ୍ରାହକକମାନେ ୪,୯୯୯ କିମ୍ବା ତା ଠାରୁ ଅଧିକ ମୂଲ୍ୟର ପୋଷାକ କିଣିବେ ସେମାନେ ଏକ ଆକର୍ଷଣୀୟ ଲକି ଡ୍ର ପାଇଁ ଯୋଗ୍ୟ ବିବେଚିତ ହେବେ। ପ୍ରତ୍ୟେକ ଷ୍ଟୋର୍‌ରେ ଜଣେ ଭାଗ୍ୟବାନ ଗ୍ରାହକଙ୍କୁ ୩୨ ଇଞ୍ଚର ଏଲଇଡି ଟିଭି ପ୍ରଦାନ କରାଯିବ ଏବଂ ପାଞ୍ଚଟି ସାଇଟ୍ରସ୍ ଷ୍ଟୋର୍‌ରେ ଜଣେ ମହା ପୁରସ୍କାର ବିଜେତାଙ୍କୁ ଏକ ରୟାଲ ଏନ୍‌ଫିଲ୍ଡ ହଣ୍ଟର ମୋଟର ସାଇକେଲ ମିଳିବ।

# ତନେଇରା ପକ୍ଷରୁ ଫେଷ୍ଟିଭ୍ କଲେକ୍ସନ 'ମିଆରା'



ଭୁବନେଶ୍ୱର,୧୨।୯: ହାଉସ୍ ଅଫ୍ ଟାଟାର ମହିଳା ଏଥେନିକ୍ ୱେର୍ ବ୍ରାଣ୍ଡ ତନେଇରା ଏହାର ଫେଷ୍ଟିଭ୍ କଲେକ୍ସନ 'ମିଆରା' ସହିତ ପାର୍ବଣକୁ ସ୍ୱାଗତ କରିଛି। ସଂସ୍କୃତ ଶବ୍ଦ 'ମାୟା'ରୁ ଅନୁପ୍ରାଣିତ ଯାହାର ଅର୍ଥ ଭ୍ରମ ତଥା ଯାଦୁଗରୀ, 'ମିଆରା' ଆକର୍ଷଣୀୟ ଡିଜାଇନ୍ ଏବଂ ମୋଟିଭ୍ ମାଧ୍ୟମରେ ସ୍ୱପ୍ନ, ପରିବର୍ତ୍ତନ ଏବଂ କାଳ୍ପନିକ ଜଗତକୁ ପରିକଳ୍ପନା କରେ। ରେଶମ, ସୂତା, ଟସର ଏବଂ ବିବିଧ ବୟନ ପରମ୍ପରାର ମିଶ୍ରଣରେ ପ୍ରସ୍ତୁତ ଏହି କଲେକ୍ସନ ସୁଲଭ ମୂଲ୍ୟରେ ବହୁବିଧ ଡ୍ରେପ୍ ପ୍ରଦାନ କରେ, ଯାହା ପ୍ରତ୍ୟେକ ଉତ୍ସବ ଅବସର ପାଇଁ ଉପଯୁକ୍ତ। ଉତ୍ସବର ଯୋଶ୍‌କୁ ବଢ଼ାଇବା ପାଇଁ ତନେଇରା ପରମ୍ପରା ଏବଂ ଚିନ୍ତାଶୀଳତାକୁ ମିଶ୍ରଣ କରୁଥିବା ସଙ୍କେତ ଭାବେ ଡିଜାଇନ୍ କରାଯାଇଥିବା ଅଫରଗୁଡ଼ିକୁ ଉନ୍ମୋଚନ କରିଛି। ଷ୍ଟୋର୍‌ରେ ୧୦,୦୦୦ ଟଙ୍କା କିମ୍ବା ଅଧିକ ବ୍ୟୟ କରୁଥିବା ଗ୍ରାହକ ପ୍ରତି ୧୦,୦୦୦ ଟଙ୍କାର ବ୍ୟୟ ଉପରେ ୧,୦୦୦ ଟଙ୍କାର ଗିଫ୍ଟ ଭାଉଚର ପାଇବେ। ଏହା ପରବର୍ତ୍ତୀ କ୍ରୟ ସମୟରେ ରିଡିମ୍ ହେବ। ଏହାସହିତ ୫୦,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ମୂଲ୍ୟର କ୍ରୟ କରୁଥିବା ଗ୍ରାହକ ପାଇବେ ୦.୨ ଗ୍ରାମ୍‌ର ଏକ ତନିସ୍କ ଗୋଲ୍ଡ କଏନ୍। ସେପ୍ଟେମ୍ବର ୫ରୁ ଏ ଅଫର ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ମାସ ୨୦ ତାରିଖ ପର୍ଯ୍ୟନ୍ତ ବୈଧ, ଯାହା ସମୃଦ୍ଧି ଏବଂ ଉତ୍ସବର ଆନନ୍ଦକୁ ପ୍ରତିଫଳିତ କରୁଛି। ଏହି ଅଫରଗୁଡ଼ିକ ତତ୍କାଳ ଆନନ୍ଦ ଆଣିଛି। ତନେଇରା ଏଭଳି ସମ୍ପତ୍ତି ତିଆରି କରିବାରେ ବିଶ୍ୱାସ କରେ, ଯାହା ସମୟ ସହିତ ବୃଦ୍ଧି ପାଇଥାଏ। ଯଦି ଆପଣ କେବେ ଏକ ଉପଯୁକ୍ତ ଶାଢ଼ି ପାଇଁ ଇଚ୍ଛା କରିଥାନ୍ତି, ସେତେବେଳେ ତନେଇରାର ଗୋଲ୍‌ଡେନ୍ କୋକୁନ୍ କ୍ରୟ ଯୋଜନା ଆପଣଙ୍କୁ ପ୍ରତ୍ୟେକ ସୋପାନର ନିକଟତର କରିଥାଏ। ଏହି ଅଭିଯାନ ଗ୍ରାହକଙ୍କୁ ସେମାନଙ୍କ ମନପସନ୍ଦର ଡ୍ରେପ୍, ହାତ ବୁଣା ସୌନ୍ଦର୍ଯ୍ୟର ଯାଦୁକୁ ଅନୁଭବ କରିବାକୁ ଆମନ୍ତ୍ରଣ କରୁଛି। ଏହାଦ୍ୱାରା କମ୍ପାନି ଏଭଳି କିଛି ସ୍ମୃତି ତିଆରି କରିବାର ଅବସର ଦେଉଛି, ଯାହାକୁ ଜୀବନକାଳ ପାଇଁ ସାଇତି ରଖାଯାଇପାରିବ। ଏ ପରିପ୍ରେକ୍ଷୀରେ ଟାଇଟନ କମ୍ପାନି ଲିମିଟେଡ୍‌ର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଶାହ ଗୌରବ କ୍ରିଷ୍ଣା କୁହନ୍ତି, ବର୍ଷର ସବୁଠାରୁ ଆନନ୍ଦର ସମୟ ହେଉଛି ପୂଜା। ଏହା ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ରଖିଥାଏ। ଏଥର ପାର୍ବଣରେ ଆମେ 'ମିଆରା'କୁ ଉନ୍ମୋଚନ କରି ଅତ୍ୟନ୍ତ ଆନନ୍ଦିତ। ଏହା ଏଭଳି ଏକ ସମ୍ଭାର, ଯାହା ପ୍ରତ୍ୟେକ ସୂତ୍ରରେ କଳ୍ପନା ଏବଂ ଐତିହ୍ୟର ଆନନ୍ଦକୁ ମୂର୍ତ୍ତିମନ୍ତ କରିଥାଏ। ପାର୍ବଣର ଯୋଶ୍‌କୁ ଆଖି ଆଗରେ ରଖି ଆମର ଅଗରତାଲା ଷ୍ଟୋର୍‌ର ଏହି ଯାତ୍ରାରେ ଏକ ପ୍ରମୁଖ ଅଂଶ ରହିଛି। ସାଂସ୍କୃତିକ ଗର୍ବ ଏବଂ ପରମ୍ପରାକୁ ସୁନ୍ଦର ଭାବେ ପ୍ରତିଫଳିତ କରୁଥିବା ସହରରେ ଗ୍ରାହକଙ୍କୁ ସେବା ଯୋଗାଇବା ପାଇଁ ଏହା ଆମକୁ ସକ୍ଷମ କରୁଛି। ବଜାରରେ ସେଣ୍ଟିମେଣ୍ଟ ମଜଭୁତ ରହିଥିବାରୁ ଆମେ ଏଥର ପାର୍ବଣ ଋତୁ ନେଇ ଢେର ମାତ୍ରାରେ ଆଶାବାଦୀ ଅଛୁ ଏବଂ ଦୃଢ଼ବିଶ୍ୱାସ ରହିଛି ଯେ, ଆମ ଗ୍ରାହକମାନେ 'ମିଆରା' କଲେକ୍ସନର ବିବିଧତା ଏବଂ ସୁନ୍ଦରତାକୁ ପସନ୍ଦ କରିବେ। ଆମର ଏକ୍ସକ୍ଲୁସିଭ୍ ଅଫର ଏବଂ ଗୋଲ୍‌ଡେନ୍ କୋକୁନ ପର୍ଚେଜ୍ ପ୍ଲାନ୍ ସହିତ ଆମେ ଏଥର ପାର୍ବଣ ଋତୁକୁ ଅଧିକ ଅର୍ଥପୂର୍ଣ୍ଣ ଏବଂ ଗ୍ରାହକଙ୍କ ଆଶାକୁ ପୂରଣ କରିବାକୁ ଆଶାବାଦୀ ଅଛୁ। ତନେଇରାରେ ଆମେ ବିଶ୍ୱାସ କରୁ ଯେ, ପ୍ରତ୍ୟେକ ଶାଢ଼ି ଏକ ସ୍ୱତନ୍ତ୍ର କାହାଣୀ କୁହେ ଏବଂ ଏହି ଅଭିଯାନଗୁଡ଼ିକ ସହ ଆମେ ଗ୍ରାହକଙ୍କୁ ସେମାନଙ୍କ ନିଜ ନିଜ କାହାଣୀ ତିଆରି କରିବାକୁ ଆମନ୍ତ୍ରଣ କରୁଛୁ। ହାତବୁଣା କାରିଗରୀର ପ୍ରତିଶ୍ରୁତି ଏବଂ ଟାଟାର ଭରସା ସହ ତନେଇରା ୬ ଗଜର ଅନନ୍ତ ସୌନ୍ଦର୍ଯ୍ୟକୁ ସଂରକ୍ଷଣ କରେ ଏବଂ ଏହାସହିତ ମାଲିକାନା ଓ ଆନନ୍ଦର ଉତ୍ସବମୁଖୀ ପଥଗୁଡ଼ିକୁ ପରିକଳ୍ପନା କରେ।

# ଆଦିବାସୀ ନାରୀଙ୍କୁ ସଶକ୍ତ କରୁଛି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍



କଳିଙ୍ଗନଗର,୧୨।୯: ଟାଟା ଷ୍ଟିଲ୍ ବିର୍ସା ମୁଣ୍ଡା ପୁନର୍ବାସନ କଲୋନୀ, ଗୋବରଘାଟିର ଦୁଇଜଣ ଆଦିବାସୀ ଗୃହଣୀ — ମୀରା ସୋୟ ଓ ରେସ୍ମା ଜାମୁଦା, ନିକଟରେ ମହାରାଷ୍ଟ୍ରର ଔରଙ୍ଗାବାଦ ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଅଇଏଚଏମ)ରେ ୧୦ ଦିନିଆ 'ଦକ୍ଷତା ବିକାଶ କର୍ମଶାଳା' ସମ୍ପୂର୍ଣ୍ଣ କରିଛନ୍ତି । ଏହି କର୍ମଶାଳା, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ ଇଣ୍ଡିଆନ୍ ହୋଟେଲସ କମ୍ପାନୀ ଲିମିଟେଡ୍ (ଅଇଏଚସିଏଲ)ଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।

ମୀରା ସୋୟ ଓ ରେସ୍ମା ଜାମୁଦା, ୧୯ ଜଣିଆ ଗୃହିଣୀଙ୍କ ଦଳର ଏକ ଅଂଶ ଥିଲେ, ଯେଉଁମାନେ ସାତଟି ଭିନ୍ନ ବର୍ଗ (ଅସୁର, ମହାଦେବ କୋଳି, ରାଭା, ହୋ, ସନ୍ଥାଳ, ଉରାଓଁ ଓ କର୍ବି)ର ପ୍ରତିନିଧିତ୍ୱ କରୁଥିଲେ। ଯେଉଁମାନେ କି ଓଡିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ମେଘାଳୟ ଓ ମହାରାଷ୍ଟ୍ର ଆଦି ଅଞ୍ଚଳରୁ ଆସିଥିଲେ। ଗତ ଆଠ ବର୍ଷ ଧରି, ଏହି ଦୁଇଜଣ ମହିଳା ଜାମଶେଦପୁରର ସମ୍ବାଦ – ଆଦିବାସୀ ସମ୍ମିଳନର ଟ୍ରାଇବାଲ୍ କୁଇଜିନ୍ ପ୍ରୋଗ୍ରାମ୍ ଓ କଳିଙ୍ଗନଗରର ଆଦିବାସୀ ପରିଚୟ ପ୍ରୋଗ୍ରାମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଆସୁଛନ୍ତି।

ସେମାନଙ୍କର ରୋଷେଇ କୌଶଳ, ସେମାନଙ୍କୁ ବିଗତ ପାଞ୍ଚ ବର୍ଷରେ ପ୍ରାୟ ୬.୭୫ ଲକ୍ଷ ଟଙ୍କାର ରୋଜଗାର କରିବାରେ ସହାୟତା କରିଛି । ସେମାନେ ଗୁରୁ କୋଲ ଲାକୋ ବୋଦ୍ରା ଜୟନ୍ତୀ, ବିର୍ସା ମୁଣ୍ଡା ଜନ୍ମଜୟନ୍ତୀ ଓ ହୋ ନବବର୍ଷ ଉତ୍ସବ ପରି ଅନେକ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଉତ୍ସବରେ ଆଦିବାସୀ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଦାନ କରିଥାନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହଯୋଗରେ, ମୀରା ସୋୟ ଓ ରେସ୍ମା ଜାମୁଦା ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ପ୍ରତୀକ ସାଜିପାରିଛନ୍ତି।

# ବେଦାନ୍ତ ଆଇରନ୍ ଓର୍ ପକ୍ଷରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

ଭୁବନେଶ୍ୱର,୧୨।୯ (ନି.ପ୍ର) : ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା (ଆଇଓଓ) କୋଇଡାର ଆଇଟିଆଇର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାରେ ଡିଜିଟାଲ ସାକ୍ଷରତାର ଗୁରୁତ୍ୱ ଉପରେ ଏକ ସଚେତନତା ଅଧିବେଶନ ମାଧ୍ୟମରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ୨୦୨୫ ପାଳନ କରିଛି। ଚଳିତ ବର୍ଷର ସାକ୍ଷରତା ଦିବସର ବିଷୟବସ୍ତୁ ଥିଲା "ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା"। ସଚେତନତା ଅଧିବେଶନ ମାଧ୍ୟମରେ ଏହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

କର୍ମଚାରୀ ସ୍ୱେଚ୍ଛାସେବକ ପ୍ରୟାସ ସେବାର ଏକ ଅଂଶ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବିତ ନାୟକ, ମୁଖ୍ୟ ସିଏସଆର-ବେଦାନ୍ତ ଆଇଓଓ ଏବଂ ଏଚଆର ଦଳର ଲିଓ ଗଡୱିନ୍ ଡିଜିଟାଲ ସାକ୍ଷରତାର ବ୍ୟବହାରିକ ଦିଗ ଉପରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେମାନେ ଡିଜିଟାଲ ଦକ୍ଷତା ଏବଂ ଡିଜିଟାଲ ସାକ୍ଷରତା କିପରି ଶିକ୍ଷା, କ୍ୟାରିଅର ଏବଂ ଦୈନନ୍ଦିନ ସୁଯୋଗକୁ ଆକାର ଦେଉଛି ଏବଂ ସ୍ଥିର ନିଯୁକ୍ତି ସୁରକ୍ଷିତ କରିବା ସହିତ ଆଇଟି କ୍ଷେତ୍ର ଭୂମିକା, ଡିଜିଟାଲ ମାର୍କେଟିଂ ଚାକିରି, ଇ-କମର୍ସ ଏବଂ ଅନଲାଇନ୍ ବ୍ୟବସାୟ ଚଳାଇବା ଏବଂ ବିଭିନ୍ନ ସରକାରୀ ଡିଜିଟାଲ ସେବା ପ୍ରବେଶ ପାଇଁ ପଥ ଖୋଲିବାରେ ସାହାଯ୍ୟ କରୁଛି ତାହା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ, ବେଦାନ୍ତ ଆଇରନ୍ ଓର୍ ଓଡ଼ିଶାର ସିଓଓ ବିଶ୍ୱନାଥ ସାହୁ କହିଲେ,ବେଦାନ୍ତ ଆଇଓଓ ବିଶ୍ୱାସ କରେ ଯେ, ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ସବୁଠାରୁ ଶକ୍ତିଶାଳୀ ବାହକ। ଆଜିର ବିଶ୍ୱରେ, ଡିଜିଟାଲ ସାକ୍ଷରତା ପାରମ୍ପରିକ ସାକ୍ଷରତା ପରି ମୌଳିକ। ଏହି ଦକ୍ଷତା ସହିତ ଯୁବବର୍ଗମାନଙ୍କୁ ସଶକ୍ତ କରି, ଆମେ ସମାଜକୁ 'ଫେରସ୍ତ' ଦେବା ଏବଂ ଏକ ଉଜ୍ଜ୍ୱଳ, ଆତ୍ମନିର୍ଭରଶୀଳ ଭବିଷ୍ୟତ ଗଠନରେ ସ୍ଥାନୀୟ ଗୋଷ୍ଠୀ ସହିତ ସହଭାଗୀ ହେବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରୁଛୁ। ଏହି ଅବସରରେ ଆଇଟିଆଇ କୋଇଡାର ପ୍ରିନ୍ସିପାଲ୍ ଶ୍ରୀମତୀ ହେନାମାଳିନୀ ମହାନ୍ତି କହିଲେ, ଡିଜିଟାଲ ସାକ୍ଷରତା ଆମ ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ ଦିଗନ୍ତ ଖୋଲି ଦେଉଛି। ଆଜି, କୋଇଡାର ଆମର ଯୁବପିଢ଼ି ଡିଜିଟାଲ ଯୁଗରେ ଶିଖିବା, ଅନୁକୂଳନ କରିବା ଏବଂ ସୁଯୋଗ ହାସଲ କରିବାକୁ ଆଗ୍ରହୀ। ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା ଦ୍ୱାରା ସମର୍ଥିତ ଏହିପରି କାର୍ଯ୍ୟକ୍ରମଗୁଡ଼ିକ ଆମର ଶ୍ରେଣୀଗୃହ ଶିକ୍ଷାଦାନକୁ ପରିପୂରକ କରେ ଏବଂ



ଛାତ୍ରଛାତ୍ରୀମାନଙ୍କୁ ବଡ଼ ଚିନ୍ତା କରିବା, ଉଚ୍ଚ ଲକ୍ଷ୍ୟ ରଖିବା ଏବଂ ଆଧୁନିକ କ୍ୟାରିଅର ପାଇଁ ପ୍ରସ୍ତୁତ ହେବାକୁ ପ୍ରେରଣା ଦିଏ। ଆମ ଅଂଚଳରେ ଶିକ୍ଷା ପାଇଁ ସେମାନଙ୍କର ନିରନ୍ତର ସମର୍ଥନ ପ୍ରକୃତରେ ଆମର ଭବିଷ୍ୟତକୁ ସୁଦୃଢ଼ କରୁଛି। ବେଦାନ୍ତ ଆଇଓଓ ଦୁର୍ଗମ ଅଂଚଳରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ଭାବରେ କାର୍ଯ୍ୟ କରିଆସୁଛି। ଏହା ପ୍ରତିକାରାତ୍ମକ ଶ୍ରେଣୀ, ଶିକ୍ଷଣ ସାମଗ୍ରୀର ଯୋଗାଣ, ଏବଂ ଏକ ଉତ୍ସର୍ଗୀକୃତ ସ୍କୁଲ ବସ୍ ସେବା ଦ୍ୱାରା ସ୍କୁଲ ଛାଡିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରୁଛି।

# ଡେଲିଭରି ବେଗ ଦୁଇ ଗୁଣରୁ ଅଧିକ ବୃଦ୍ଧି କରିବା ପାଇଁ ଓଡିଶାରେ ଆମାଜନର ନିବେଶ

ଭୁବନେଶ୍ୱର,୧୨।୯ (ନି.ପ୍ର) : ଆସନ୍ତା ସେପ୍ଟେମ୍ବର ୨୩ ତାରିଖରୁ ଆରମ୍ଭ ହେଉଥିବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ପୂର୍ବରୁ ଆମାଜନ ଇଣ୍ଡିଆ ଓଡିଶାରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା, ଗ୍ରାହକଙ୍କ ପାଇଁ ଅତୁଳନୀୟ ମୂଲ୍ୟ, ବେଗ ଓ ଚୟନ ଆଣିବା ପାଇଁ ପ୍ରସ୍ତୁତ ହୋଇଛି। ଏହାର ଭିତିଭୂମିକୁ ସୁଦୃଢ କରି ଆମାଜନ ଇଣ୍ଡିଆ ଭୁବନେଶ୍ୱରରେ ଏକ ନୂଆ ଫୁଲ୍‌ଫିଲମେଂଟ ସେଂଟର ସହିତ ଏହାର ଅପରେଶନ୍ସ ନେଟ୍‌ୱର୍କକୁ ସମ୍ପ୍ରସାରଣ କରିଛି, ଯାହା ରାଜ୍ୟର ୧୭୦୦୦ରୁ ଅଧିକ ସେଲରମାନଙ୍କୁ ଅଧିକ ଦ୍ରୁତ ବେଗରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ସଶକ୍ତ କରିଛି, ଏଥିସହିତ ଏହା ଅଂଚଳରେ ଶତାଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହାସହିତ ରାଜ୍ୟରେ ଆମାଜନର ପରିଚାଳନା ନେଟ୍‌ୱର୍କରେ ଏବେ ଆଉ ଏକ ନୂଆ ଫୁଲଫିଲମେଂଟ ସେଂଟର, ଏକ ସର୍ଟେଶନ ସେଂଟର, ୨୫୦ରୁ ଅଧିକ



ଆଇ ହାଭ୍ ସ୍ପେଶ (ଆଇଏଚଏସ) ଷ୍ଟୋର ଓ ୬୦ରୁ ଅଧିକ ଡେଲିଭରି ଷ୍ଟେସନ ସାମିଲ ହୋଇଛି। ଏହି ନିବେଶଗୁଡିକ ଆମାଜନକୁ ଭୁବନେଶ୍ୱରର ଗ୍ରାହକଙ୍କୁ ସମାନ ଓ ପରବର୍ତ୍ତୀ ଦିନ ୨ ଗୁଣ ଅଧିକ ଉତ୍ପାଦ ଡେଲିଭର କରିବାକୁ ସକ୍ଷମ କରିବା ସହିତ ବାର୍ଷିକ ଆଧାରରେ ସେମ୍-ଡେ ଡେଲିଭରି ୧୯୦%ରୁ ଅଧିକ ବୃଦ୍ଧି ପାଇବ ଏବଂ ନେକ୍ସଟ ଡେ ଡେଲିଭରି ୧୨୦%ରୁ ଅଧିକ ବୃଦ୍ଧି ହେବ। ଗ୍ରାହକମାନେ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ସମୟରେ ଦ୍ରୁତତମ ବେଗରେ ଓ ଉନ୍ନତ ମୂଲ୍ୟରେ ପ୍ରଦାନ କରାଯାଉଥିବା ବିସ୍ତୃତ ସିଲେକ୍ସନ ପାଇଁ ସପିଂ କରିପାରିବେ। ଏହି ସମୟରେ ସ୍ମାର୍ଟଫୋନ, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ, ବିୟୁଟି, ହୋମ୍ ଏସେନ୍ସିଆଲ୍‌ସ, ଗ୍ରୋସରୀ ସମେତ ସମସ୍ତ ଲୋକପ୍ରିୟ ବର୍ଗଗୁଡିକରେ ଆକର୍ଷଣୀୟ ଡିଲ୍ ଉପଲବ୍ଧ ରହିବ। ଚଳିତ ପାର୍ବଣ ଋତୁରେ ପ୍ରାଇମ ମେମ୍ବରମାନେ ମାଗଣା ଓ ଦ୍ରୁତ ଡେଲିଭରି, ସ୍ୱତନ୍ତ୍ର ସଂଚୟ, ୟର୍ଲି ଆକ୍‌ସେସ, ମନୋରଞ୍ଜନ କ୍ଷେତ୍ରରେ ରିହାତି ସମେତ ଏକାଧିକ ଲାଭ ପାଇପାରିବେ। ୩୯୯ ଟଙ୍କାରୁ ଆରମ୍ଭ ହେଉଥିବା ବାର୍ଷିକ ମେମ୍ବରସିପ ସହିତ ଆମାଜନ ପ୍ରାଇମକୁ ଆପଣଙ୍କର ପ୍ରତ୍ୟେକ ଦିନକୁ ଉତମ କରିବା ପାଇଁ ଡିଜାଇନ କରାଯାଇଛି। ପ୍ରାଇମ ମେମ୍ବରମାନେ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡର ବ୍ୟବହାର କରି ଆମାଜନ ଡଟ୍ ଇନରେ ସମସ୍ତ କ୍ରୟ ଉପରେ ୫%ର ଅନ୍‌ଲିମିଟେଡ କ୍ୟାଶବ୍ୟାକ ପାଇପାରିବେ, ଯାହା ସପିଙ୍ଗକୁ ଆହୁରି ଅଧିକ ରିୱାର୍ଡିଙ୍ଗ କରୁଛି। ଏହି ଅବସରରେ ଆମାଜନ ପ୍ରାଇମର ସିନିଅର ମ୍ୟାନେଜର ପଲ୍ଲବୀ ସିଂହ କହିଛନ୍ତି, "ଚଳିତ ପାର୍ବଣ ଋତୁରେ ପ୍ରାଇମ ମେମ୍ବରମାନେ ୨୪ ଘଂଟା ପୂର୍ବରୁ ସେପ୍ଟେମ୍ବର ୨୨ ତାରିଖରେ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲକୁ ଉପଭୋଗ କରିପାରିବେ। ସ୍ୱତନ୍ତ୍ର ଡିଲ, ନୂଆ ଲଂଚ ଗୁଡିକ ପାଇଁ ୟର୍ଲି ଆକ୍‌ସେସ ଓ ଏକାଧିକ ଅତିରିକ୍ତ ଲାଭଗୁଡିକ ସହିତ ଜଣେ ପ୍ରାଇମ ମେମ୍ବର ହେବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ।

# ପୋଷଣ ମାସକୁ ପାଳନ କରନ୍ତୁ ସଠିକ୍ ଆହାର ସହିତ

ଭୁବନେଶ୍ୱର,୧୨।୯ (ନି.ପ୍ର) : ଏକ ସନ୍ତୁଳିତ ଆହାର ଉତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ, ଏବଂ ଚଳିତ ବର୍ଷର ପୋଷଣ ମାସର ଥିମ 'ଖାଦ୍ୟ ଆମ ସମସ୍ତଙ୍କୁ ସଂଯୋଗ କରିଥାଏ' ସଂଯୋଗ ସ୍ଥାପନ କରିବାରେ ଖାଦ୍ୟର ଭୂମିକାକୁ ପ୍ରଦର୍ଶିତ କରିଛି। ନିଜର ଦିନକୁ ଆଲମଣ୍ଡ, ଫଳ ଓ ଖାଦ୍ୟଶସ୍ୟ ଭଳି ପୋଷଣରେ ସମୃଦ୍ଧ ଖାଦ୍ୟ ସହ ଆରମ୍ଭ କରିବା ଦ୍ୱାରା ତାହା ଶାରୀରିକ ଶକ୍ତି ଓ ସୁସ୍ଥତା ବୃଦ୍ଧି କରିଥାଏ। ଜିଙ୍କ, ମ୍ୟାଗ୍ନେସିୟମ, ଆଇରନ ଓ ଭିଟାମିନ ଇ ଭଳି ୧୫ଟି ଜରୁରୀ ପୋଷଣ ତତ୍ତ୍ୱରେ ସମୃଦ୍ଧ କାଲିଫର୍ଣ୍ଣିଆ ଆଲମଣ୍ଡ ସାମଗ୍ରିକ ସୁସ୍ଥତାରେ ସହଯୋଗ କରିବା ପାଇଁ ଏକ ସରଳ ମାଧ୍ୟମ ଅଟେ। ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିସନ (ଆଇସିଏମଆର-ଏନଆଇଏନ) ମଧ୍ୟ ଭାରତୀୟଙ୍କ ପାଇଁ ଜାରି କରିଥିବା ଆହାର ମାର୍ଗଦର୍ଶିକାରେ ଉତମ ସ୍ୱାସ୍ଥ୍ୟ ପାଇଁ ଆଲମଣ୍ଡର ନିୟମିତ ସେବନ ପାଇଁ ପରାମର୍ଶ ଦେଇଛି। ପ୍ରତିଦିନ ଆଲମଣ୍ଡ ଖାଇବା ଦ୍ୱାରା ତାହା ଓଜନ ପରିଚାଳନା କରିବା, ହୃଦୟ ସ୍ୱାସ୍ଥ୍ୟ ଭଲ ରଖିବା ଓ ରକ୍ତ ସର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।



ଆଲମଣ୍ଡର ଉପକାରିତା ସମ୍ପର୍କରେ ବଲିଉଡ ଅଭିନେତ୍ରୀ ସୋହା ଅଲୀ ଖାନ କହିଛନ୍ତି, "ମୁଁ କିଛି ହାଲୁକା ଓ ପୋଷଣଯୁକ୍ତ କାଲିଫର୍ଣ୍ଣିଆ ଆଲମଣ୍ଡ ଖାଇବା ସହ ମୋ ସକାଳର ଆରମ୍ଭ କରିଥାଏ ଯାହା ମୋତେ ଅନେକ ସମୟ ପର୍ଯ୍ୟନ୍ତ ଶକ୍ତିସମ୍ପନ୍ନ ଓ ସନ୍ତୁଷ୍ଟ ରଖିଥାଏ। ଯାତ୍ରା ସମୟରେ ମଧ୍ୟ ମୁଁ କାଲିଫର୍ଣ୍ଣିଆ ଆଲମଣ୍ଡର ଏକ ଛୋଟ ବକ୍ସ ସବୁବେଳେ ମୋ ସହ ରଖିଥାଏ। ଏହା ଭୋକ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଓ ମୋର ପ୍ରତିଦିନର ପୋଷଣ ଆବଶ୍ୟକତାକୁ ପୂରା କରିଥାଏ। ଚଳିତ ଜାତୀୟ ପୋଷଣ ମାସରେ ମୁଁ ସମସ୍ତଙ୍କୁ ଆଲମଣ୍ଡ ଭଳି ପୋଷଣଯୁକ୍ତ ଖାଦ୍ୟ ସହ ନିଜର ଦିନ ଆରମ୍ଭ କରିବାକୁ ପ୍ରୋତ୍ସାହିତ କରୁଛି।"



# ଭେନୁଗୋପାଳଙ୍କୁ ବିପୁଳ ସ୍ୱାଗତ

ଭୁବନେଶ୍ୱର,୧୨।୯ (ନି.ପ୍ର) : ସଂସଦର ପବ୍ଲିକ ଆକାଉଣ୍ଟ କମିଟିର ଅଧକ୍ଷ କେ ସି ଭେନୁଗୋପାଳଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଙ୍ଗ କମିଟି ଓଡ଼ିଶାକୁ ୩ ଦିନିଆ ଗସ୍ତରେ ଆସି ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପୁରୀରେ ହେବାକୁ ଥିବା ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) ଶ୍ରୀ କେ ସି ଭେନୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନ କୁ ୧୪ ସେପ୍ଟେମ୍ବର ରବିବାର ଅପରାହ୍ନ ୨ଟା ୩୦ରେ ଆସି ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତ୍ତା, ସୃଜନ ପର୍ଯ୍ୟବେକ୍ଷକ , ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟାମାନଙ୍କୁ ଉଦବୋଧନ ଦେବେ। ସୂଚନାଯୋଗ୍ୟ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧକ୍ଷତାରେ ହେବାକୁ ଥିବା ପିଏସି ବୈଠକରେ ସାଂସଦ ଓ ସମସ୍ତ



ବିଧାୟକ ମଧ ଯୋଗଦେବେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ - ବିଭାଗ - ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପି ସି ସି ପର୍ଯ୍ୟବେକ୍ଷକ ଯୋଗଦେବେ। କୋଲକତା ଠାରେ ଅନୁରୂପ ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ଭେନୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି ଶ୍ରୀଦାସ ଓ ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅନୁରୂପ ଭାବେ ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅରବିନ୍ଦ ଦାସ, ବିଶ୍ୱଜିତ୍ ଦାଶ, ୟାଶିର ନାୱାଜ୍, ରାଜୀବ ପଟ୍ଟନାୟକ, ପ୍ରଦୀପ ମହାପାତ୍ର, ରଜନୀ ମହାନ୍ତି, ଅଜୟ ମହାପାତ୍ର, ଦୀପକ ମହାପାତ୍ର, ଅଜୟ ସାହୁ, ମହମ୍ମଦ ଗୁଲଫାମ, ଆଲୋକ ଦାଶ, ବଳରାମ ନନ୍ଦ, ସୁରଜ୍ ରାଉତ୍, ଜଗଦୀଶ ଗଜେନ୍ଦ୍ର, ଅମରେଶ ପରିଡ଼ା, ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ମଧ ସ୍ୱାଗତ କରିଥିଲେ। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଯୁବ କଂଗ୍ରେସ କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

# ମହିଳା କଂଗ୍ରେସର ସଦସ୍ୟତା ଅଭିଯାନ ସଭା

# ଜନନୀ ଆଗରେ ଦୁନିଆ ନତମସ୍ତକ

ଭୁବନେଶ୍ୱର,୧୨।୯ (ନି.ପ୍ର) : ଜାତୀୟ ମହିଳା କଂଗ୍ରେସ ଆନୁକୂଲ୍ୟରେ ଆରମ୍ଭ ହୋଇଛି ମହିଳା ସଦସ୍ୟତା ଗ୍ରହଣ ଅଭିଯାନ। ସଦସ୍ୟତା ଅଭିଯାନ ବର୍ତ୍ତମାନ ସାରା ଦେଶର ସମସ୍ତ ରାଜ୍ୟରେ ବେଶ ଜୋରସୋରରେ ଚାଲିଛି । ସେଇ ପରିପେକ୍ଷୀରେ ପ୍ରଦେଶ ମହିଳା କଂଗ୍ରେସ ତରଫରୁ କଂଗ୍ରେସ ଭବନଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।




ସଭାରେ ଉଦବୋଧନ ଦେଇ କଂଗ୍ରେସର ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଜନନୀ ଆଗରେ ସମସ୍ତ ବ୍ରହ୍ମାଣ୍ଡ ନତମସ୍ତକ, ଜନନୀ ହେଉଛି ସୃଷ୍ଟିକର୍ତ୍ତା। ତେଣୁ ଦଳର ନାରୀଶକ୍ତି ଯଦି ନିଜକୁ ଉପଯୋଗ କରେ, ଆମେ କଂଗ୍ରେସକୁ ସବୁଠୁ ଶକ୍ତିଶାଳୀ ଦଳ କରିବା ସହିତ ଦେଶକୁ ମଧ ବିକଶିତ କରିବା ସମ୍ଭବ। ଆମକୁ ସଦସ୍ୟତା ଗ୍ରହଣ ତୃଣମୂଳ ସ୍ତରରୁ କରିବାକୁ ପଡ଼ିବ। ତେବେ ଯାଇ ଆମ ଦଳର ମୂଳଦୁଆ ଶକ୍ତିଶାଳୀ ହେବ।

ମହିଳା କଂଗ୍ରେସକୁ କିଭଳି ସୁଦୃଢ଼ କରାଯିବ ଏବଂ ଆହୁରି ଅଧିକ ଶକ୍ତିଶାଳୀ କରାଯିବା ସହ ଅଧିକରୁ ଅଧିକ ମହିଳା ମାନଙ୍କୁ କଂଗ୍ରେସ ସଂଗଠନ ସହ ଯୋଡ଼ା ଯାଇ ପାରିବ ସେ ବିଷୟରେ ପିସିସି ସଭାପତି ଭକ୍ତ ଚରଣ ଦାସ ଆଲୋକପାତ କରିଥିଲେ। ସେ ମଧ ଭୋଟ ଚୋରି ପ୍ରସଙ୍ଗ ଓ ସମ୍ବିଧାନ ବଞ୍ଚାଅ ବିଷୟରେ ପ୍ରତି ଘରେ ବାର୍ତ୍ତା କିପରି ପହଞ୍ଚିବ ସେ ବିଷୟରେ ଅବଗତ କରିଥିଲେ।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ମହିଳା କଂଗ୍ରେସ ସଦସ୍ୟତା ଗ୍ରହଣ ଅଭିଯାନ ପୂରା ଦମରେ ଚାଲିଛି। ପ୍ରତ୍ୟେକ ସଦସ୍ୟ ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି ଏବଂ ଆମେ ଅତିଶୀଘ୍ର ଲକ୍ଷ୍ୟ ହାସଲ କରିବୁ ବୋଲି ପ୍ରକାଶ କରିଥିଲେ। ଏଆଇସିସି ପକ୍ଷରୁ ମିଡ଼ିଆ ଲିଙ୍କରେ କେମିତି ସଦସ୍ୟତା ଗ୍ରହଣ କରାଯାଏ ତାହା ପ୍ରଦର୍ଶିତ କରିବା ସହ ସଭାନେତ୍ରୀ ସଦସ୍ୟତା ଅଭିଯାନରେ କଣ ସବୁ ଅସୁବିଧାର ସାମ୍ନା କରିବାକୁ ପଡୁଛି ସଦସ୍ୟା ମାନଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ। ମହିଳା କଂଗ୍ରେସ ସଦସ୍ୟତା ଗ୍ରହଣ ଅଭିଯାନ ଆଲୋଚନା ସଭାରେ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହ ମହିଳା କଂଗ୍ରେସ ଅଧକ୍ଷା ମିନାକ୍ଷୀ ବାହିନୀପତି ଏବଂ ସମସ୍ତ ବରିଷ୍ଠ ଏବଂ କନିଷ୍ଠ ମହିଳା ସଦସ୍ୟା ଉପସ୍ଥିତ ଥିଲେ ।

# କଟକ ମେଡିକାଲ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ

କଟକ, ୧୨।୯ (ନି.ପ୍ର) : କଟକ ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ନୂତନ କର୍ମକର୍ତା ଚୟନ ହେବା ସହ ଏକ ପ୍ରସ୍ତୁତି ବୈଠକ ସିଟି ହସ୍ପିଟାଲ ସଭା ଗୃହରେ ଆଜି(ଶୁକ୍ରବାର) ରାଜ୍ୟ ସଭାପତି ପୁର୍ଣଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତ୨୮-୦୫-୨୦୨୫ରେ କର୍ମଚାରୀ ସଂଘର ସମ୍ପାଦକ ଏସ କେ ମଂଜୁର ଦାଇତ୍ୱ ଗ୍ରହଣ କରିଥିଲେ । ମାତ୍ର ୩ ମାସ ପରେ ତାଙ୍କର ବ୍ୟକ୍ତିଗତ ସମସ୍ୟା ପାଇଁ ସେ ପଦବୀରୁ ଇସ୍ତଫା ଦେଇଥିଲେ । ଯାହାପାଇଁ ଆଜି ତାଙ୍କ ସ୍ଥାନରେ ନୂତନ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଶତପଥୀ ଏବଂ ଯୁଗ୍ମ ସମ୍ପାଦକ ଭାବେ ପୁର୍ନବାର ଏସ କେ ମଂଜୁରଙ୍କୁ ଦାଇତ୍ୱ ଦିଆଯାଇଛି । ଆଗାମୀ ଦିନରେ ସଙ୍ଘର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସଠିକ ଢଙ୍ଗରେ ପରିଚାଳନା କରିବା ସହ



ଜିଲ୍ଲା ମାନଙ୍କରେ ଥିବା କର୍ମଚାରୀ ମାନଙ୍କ ସମସ୍ତ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦିଆଯିବ ବୋଲି ରାଜ୍ୟ ସମ୍ପାଦକ ପ୍ରଶନ୍ନ ସାମଲ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଗୋଛାୟତ ମମତା ସାହୁ, ଏମ ଡ଼ି ଲିୟାକତ ଅଲ୍ଲୀ, ଯୁଗ୍ମସମ୍ପାଦକ ଅଶୋକ ଦାସ, ମାନସ ସାହୁ, ନନ୍ଦ କିଶୋର ନାୟକ, ସନ୍ତୋଷ ନାୟକ, ସରସ୍ୱତୀ ନାୟକ, ଚଂଚଳା ସ୍ୱାଇଁ, ଗଜଲକ୍ଷ୍ମୀ ନାୟକ, ପ୍ରଭାତୀ ନାୟକ, ବିଶ୍ୱରଂଜନ ଦଳାଇ, କୁନା ବାରିକ, ଅଲେଖ ନିଶଙ୍କୁ, ରବୀନ୍ଦ୍ର ପ୍ରଧାନ, ଜଳଧର ମହାନ୍ତି, ଚିନ୍ତାମଣି ରାଉତ, ମାହାଙ୍ଗା ଅଂଚଳରୁ ଦେବଦତ ମିଶ୍ର, ଶିବ ପରିଡ଼ା, ଅଶୋକ ପରିଡା, କାଳନ୍ଦୀ ମହାନ୍ତି, ମାନସ ନାୟକ, ରବି ନାୟକ ପ୍ରମୁଖ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ପିପିଲିରୁ ବାଲ୍ୟ ବିବାହ ଅଟକାଇ ନାବାଳିକାକୁ ଉଦ୍ଧାର କଲେ ପ୍ରଶାସନ

ପିପିଲି,୧୨।୯ (ନି.ପ୍ର) : ପିପିଲିରେ ବାଲ୍ୟ ବିବାହ ଅଟକାଇଲେ ଜିଲ୍ଲା ପ୍ରଶାସନ । ପିପିଲି ଲକ୍ଷ୍ମୀନାରାୟଣ ପୁର ରେ ଏକ ୧୫ ବର୍ଷୀୟା ନାବାଳିକା ସହ ବାହାଘର ହେଉଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ଚଢ଼ାଉ କରିଛି ଚାଇଲ୍ଡ ହେଲ୍ପଲାଇନ । ପୁରୀ ଜିଲ୍ଲା ଚାଇଲ୍ଡ ହେଲ୍ପଲାଇନ , ପିପିଲି ପୋଲିସ ଓ ପିପିଲି ଶିଶୁ ମଙ୍ଗଳ ଅଧିକାରୀଙ୍କ ତତ୍ୱାବଧାନରେ ଘଟଣା ସ୍ଥଳରେ ପହଞ୍ଚି ଏହି ବାଲ୍ୟ ବିବାହ କୁ ଅଟକାଇଥିଲେ । ସେଠାରୁ ନାବାଳିକା କୁ ଉଦ୍ଧାର କରିଥିବା ବେଳେ ବିବାହ ରେ ସାମିଲ ହୋଇଥିବା ପୁଅ ସହ ଅନ୍ୟମାନଙ୍କୁ ପିପିଲି ଥାନାକୁ ଆଣିଥିଲେ । ତେବେ ନାବାଳିକା ଜଣଙ୍କ ୧୫ ବର୍ଷ ହୋଇଥିବା ବେଳେ ତାଙ୍କୁ ଜଣେ ୨୩ବର୍ଷୀୟ ଯୁବକ ସହିତ ବିବାହ କରାଯାଉଥିଲା । ପିପିଲି



ଲକ୍ଷ୍ମୀନାରାୟଣପୁର ରେ ଏହି ବିବାହ ର ସମସ୍ତ ଆୟୋଜନ ସରିଥିବା ବେଳେ ବିବାହ କୁ ଅଟକାଇଥିଲେ ବୋଲି ପିପିଲି ବ୍ଲକ ଶିଶୁ ମଙ୍ଗଳ ଅଧିକାରିଣୀ ମମତା ନାୟକ କହିଛନ୍ତି । ତେବେ ଉଦ୍ଧାର କାର୍ଯ୍ୟ ରେ ପୁରୀ ସିଡବ୍ଲୁସି ସୁପରଭାଇଜର ଚନ୍ଦନ ରାହା, ସଦସ୍ୟା ଅଭିଲିପ୍ ପଟ୍ଟନାୟକ, ଭବାନୀ ଶଙ୍କର ପଲେଇ ଙ୍କ ସହ ପିପିଲି ପୋଲିସ ସହଯୋଗ କରିଥିଲେ । ତେବେ ଉଦ୍ଧାର ନାବାଳିକା କୁ ଜିଲ୍ଲା ଶିଶୁ ସୁଧାର ଗୃହ କୁ ପଠାଯାଇଥିବା ବେଳେ ଯୁବକ ଙ୍କ ବିରୋଧ ରେ ମାମଲା ରୁଜୁ କରାଯିବ ବୋଲି ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି ।

# ମୁଖ୍ୟଯନ୍ତ୍ରୀ ଏସ କେ ହବିବୁର ରେହେମାନ ସମ୍ବର୍ଦ୍ଧିତ

କଟକ, ୧୨।୯ (ନି.ପ୍ର) : ଦୈନିକ ଓଡିଆ ଖବରକାଗଜ ହିମତର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟରେ ଆଜି (ଶୁକ୍ରବାର) ଅନୁଷ୍ଠିତ ହୋଇଯାଇଛି । ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ଉପାଧକ୍ଷ ରଜନୀକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଦଘାଟକ ଭାବେ ପଣ୍ଡିତ ପ୍ରବୋଧ ମିଶ୍ର, ମୁଖ୍ୟଅତିଥି ଖଣି ଓ ଲଘୁଜାତୀୟ ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମ୍ମାନିତ ଅତିଥି ଭାରତୀୟ ଜନତା ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇ ହିମତ ଖବରକାଗଜର ଉତରତୋର କାମନା କରିଥିଲେ । ଖବରକାଗଜର ସମ୍ପାଦକ କମଳାକାନ୍ତ ଦାଶ ବାର୍ଷିକ ବୀବରଣୀ ପାଠ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ହିମତ ଉତ୍କର୍ଷତା ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଓଡିଶା ସରକାରଙ୍କ ବିଦ୍ୟୁତ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଏସ କେ ହବିବୁର ରେହେମାନ ହେଉଛନ୍ତି ଅନ୍ୟତମ । ଦକ୍ଷ ପ୍ରଶାସକ ଭାବେ ତଥା ନିଷ୍ଠାବାନ ସରକାରୀ କର୍ମଚାରୀ ହିସାବରେ ନିଜର ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରି ଆସିଥିବା ଅବସରରେ ହିମତ ପରିବାର ତରଫରୁ ତାଙ୍କୁ ହିମତ ଉତ୍କର୍ଷତା ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା ।



# ମୁଣ୍ଡମୁହାଁଣ ଗ୍ରାମରେ ସୋଆ ଆଇନ ମହାବିଦ୍ୟାଳୟ ଏନ୍ଏସ୍ଏସ୍ ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ଉଦ୍ଘାଟିତ

ଭୁବନେଶ୍ୱର,୧୨।୯ (ନି.ପ୍ର) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍ଏନ୍ଆଇଏଲ୍) ଏନ୍ଏସ୍ଏସ୍ ଶାଖା ପକ୍ଷରୁ ସୋମବାର ଜଟଣୀ ବ୍ଲକ୍‌ର ମୁଣ୍ଡମୁହାଁଣ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯିବା ସହ ଏକ ସାତ ଦିନିଆ ସ୍ୱତନ୍ତ୍ର ସେବା ଶିବିର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍‌ର କାର୍ଯ୍ୟକ୍ରମ ସଂଯୋଜକ ଡଃ କମଳ ଲୋଚନ ମହନ୍ତ, ସାହିତ୍ୟିକ ତଥା ପରିବେଶବିତ୍ ଶ୍ରୀ ରମାକାନ୍ତ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ବିଷ୍ଣୁପ୍ରିୟା ଦାଶ ଏବଂ କାର୍ଯ୍ୟ ଅଧିକାରୀ ସହପ୍ରାଧ୍ୟାପକ ଶ୍ରୀ ଅମ୍ବରୀଶ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଶିବିର ମାଧ୍ୟମରେ ବିଧି ଶାସ୍ତ୍ର ବିଭାଗର ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ମୌଳିକ ଆଇନ ସହାୟତାର ବିଭିନ୍ନ ଦିଗ ବିଷୟରେ ଶିବିର ଓ ପଦଯାତ୍ରା ଆଦି କାର୍ଯ୍ୟକ୍ରମର ଯୋଜନା କରାଯାଇଛି। ଏହି ସାତ ଦିନ ମଧ୍ୟରେ ଗ୍ରାମୀଣ ପରିବେଶରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା ସହ ସାମୁହିକ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ହାତକୁ ନେବାର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

କଳାହାଣ୍ଡି,୧୨।୯ (ନି.ପ୍ର) : କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଦିନ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କଲମପୁର ବ୍ଲକ ଉପାଧକ୍ଷ ଚିନ୍ତାମଣି ବେହେରା ମୁଖ୍ୟ ଅତିଥି , ସମ୍ମାନିତ ଅତିଥି ଭାବରେ କନିଷ୍ଠ ଯନ୍ତ୍ରୀ କିରଣ କୁମାର ଷଣ୍ଢ,ଗୋଷ୍ଠୀ ଅର୍ଥ ପରାମର୍ଶ ଦାତା ନିଖିଲେସ ପାତ୍ର,ସାଂସଦ ପ୍ରତିନିଧି ଅରୁଣ ଜଗରିଆ,ବିଧାୟକ ପ୍ରତିନିଧି ସୁଶିଲ ରାଉତ,ବ୍ଲକ ଅଧକ୍ଷା ପ୍ରତିନିଧି ଘନଶ୍ୟାମ ନାଏକ,ବିଜମରା ପଞ୍ଚାୟତ ସରପଞ୍ଚ ବାଳକୃଷ୍ଣ ଧ.ମାଝୀ,ବନ୍ଧକନା ପଞ୍ଚାୟତ ସରପଞ୍ଚ ହିମାଦ୍ରି ବାଗ,ସମିତି ସଭ୍ୟା ରିନା ମାଝୀ,କୋଟାଗାଁ ସରପଞ୍ଚ ଚନ୍ଦନ ପଣ୍ଡା,ମଣ୍ଡଳ ସରପଞ୍ଚ ତ୍ରୟମ୍ବକ ଭୋଇ ପ୍ରମୁଖ ମଞ୍ଚାସିନ ଥିଲେ। ଶିବିରରେ ବ୍ଲକର ୧୧ଗୋଟି ପଞ୍ଚାୟତରୁ ଆସିଥିବା ୩୮୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର , ଅସ୍ଥିଶଲ୍ୟ ବିଭାଗ ପଞ୍ଜିକରଣ ୧୦୫,ମାନସିକ ବିଭାଗ ୩୧,କର୍ଣ୍ଣ ଓ ଗଳା ୯୫,ଚକ୍ଷୁ ବିଭାଗ ୫୯ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ୯୮ ଜଣ ପଞ୍ଜିକରଣ କରିଥିବା ବେଳେ ୩୦ ଜଣଙ୍କୁ ବସ୍ ?ପାସ,୨୭ ଜଣଙ୍କୁ ଟ୍ରେନ ପାସ ଏବଂ ଟ୍ରାଇ ସାଇକେଲ ପାଇଁ ୫ ଜଣ ଆବେଦନ,ଡିଆରଆଇ ଲୋନ ପାଇଁ ୩ ଜଣ,ଚଷମା ପାଇଁ ୭ଜଣ,ଘର ପାଇବା ପାଇଁ ୫ଜଣ ଆବେଦନ କରିଥିଲେ। ନୂତନ ଭତ୍ତା ମଧ୍ୟରୁ ମଧୁବାବୁ ଭତ୍ତା ୫୦ ଜଣଙ୍କୁ ଏବଂ ଇନ୍ଦିରାଗାନ୍ଧି ଜାତୀୟ ଭତ୍ତା ଯୋଜନାରେ ୫୧ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ମିଶନ ଶକ୍ତି ବିଭାଗରୁ ୧୫ ଗୋଟି ସ୍ୱଂୟ ସହାୟିକା ଗୋଷ୍ଠୀ କୁ ଆବର୍ତ୍ତନ ପାଣ୍ଠି ଦିଆଯାଇଥିଲା।କଲମପୁର ତହସିଲ କାର୍ଯ୍ୟାଳୟ ତରଫରୁ ୧୦ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପ୍ରମୋତେସ କଶ୍ୟପ ପଣ୍ଡା,ଚକ୍ଷୁ ବିଭାଗର ନିବେଦିତା ମହାରଣା,ମାନସିକ ବିଭାଗ ଅନନ୍ତ ଚରଣ ମେହେର,କର୍ଣ୍ଣ ଓ ଗଳା ଶ୍ରିଧାର୍ଥ ଜେନା , ମାନସିକ କର୍ମୀ ଅନାୟତ ମହମ୍ମଦ,ଶ୍ରାବଣ ବିଦ୍ ଆରାଧନା ବେହେରୁକ, ଟେଲି ମେଡ଼ିସିନ ନିବେଦିତା ସାହୁ,ଏମ ଆଇ ନିବାସ ଚନ୍ଦ୍ର ସାହୁ,ଭୌତିକ ଚିକିତ୍ସକ ସମ୍ବିତ ସ୍ୱରୂପ ପଣ୍ଡା,ପି ଏଣ୍ଡ ଓ ମନୋଜ କୁମାର ସେଠୀ,ପ୍ରୋଗ୍ରାମ ଆସିଷ୍ଟାଣ୍ଡ ଲକ୍ଷପତି ପୁଝାରୀ,କନିଷ୍ଠ ସହାୟକ ରବୀନ୍ଦ୍ର ବେହେରା,ଡାଟା ଏଣ୍ଟ୍ରି ଅପ୍ରେଟର ଆଶୁତୋଷ ପ୍ରଧାନ ପ୍ରମୁଖ ଶିବିରରେ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ଏହି ଶିବିରରେ ବ୍ଲକର ବିଭାଗୀୟ ଅଧିକାରୀ ବୈକୁଣ୍ଠ ବାଗ ସମେତ ବ୍ଲକ କର୍ମଚାରୀ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏ.ଡି.ଓ,ଜି.ଆର.ଏସ ମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତଟ ରେଳପଥ ହକି ଟିମ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍‌ର ବିଜେତା




ଭୁବନେଶ୍ୱର,୧୨।୯ (ନି.ପ୍ର) : ପୂର୍ବତଟ ରେଳପଥ ହକି ଟିମ ଓଡ଼ିଶା ହକି ସଂଘ (HAO) ଦ୍ୱାରା ଆୟୋଜିତ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ୨୦୨୫ ର ଟାଇଟଲ ବିଜେତା ହୋଇଛି। ୬ ରୁ ୧୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍ ରେ ରାଜ୍ୟର ୩୬ ଟି ଦଳ ଅଂଶଗ୍ରହଣ କରିଥିଲେ, ଯାହା ଓଡ଼ିଶାର ହକି ପ୍ରତିଭାର ଗଭୀରତା ଓ ପ୍ରସାରକୁ ପ୍ରଦର୍ଶନ କରିଥିଲା। ସୁନ୍ଦରଗଡ଼ ଦଳ ବିପକ୍ଷରେ ହୋଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ, ପୂର୍ବତଟ ରେଳପଥ ହକି ଦଳ ତାଙ୍କ ପ୍ରେରଣାଦାୟକ ଅଧିନାୟକ ଶ୍ରୀ ଅମିତ ରୋହିଦାସଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଶ୍ରୀ ରୋହିଦାସଙ୍କ ଉଲ୍ଲେଖନୀୟ ହ୍ୟାଟ୍-ଟ୍ରିକ୍ ଗୋଲ୍ ଦଳକୁ ଏକ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବାର ଏକ ସମୃଦ୍ଧ ପରମ୍ପରା ରହିଛି। ବର୍ଷ ବର୍ଷ ଧରି ଏହି ଜୋନର କ୍ରୀଡାବିତ୍ ମାନେ କେବଳ ଭାରତୀୟ ରେଳବାଇ ପାଇଁ ନୁହେଁ ବରଂ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଏବଂ ଭାରତ ପାଇଁ ମଧ କ୍ରମାଗତ ଭାବରେ ଗୌରବ ଆଣିଛନ୍ତି। ଚତୁର୍ଥ ସିନିୟର ପୁରୁଷ ଐଇଙ୍ଗ ହକି ରାଜ୍ୟ ଚାମ୍ପିଅନସିପ ୨୦୨୫ ରେ ଏହି ବିଜୟ ପୂର୍ବତଟ ରେଳପଥର କ୍ରୀଡା ଐତିହ୍ୟରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡିଛି ଏବଂ କ୍ରୀଡା ମାଧମରେ କ୍ରୀଡା ଉତ୍କର୍ଷତା, କ୍ରୀଡାବିତ ମାନଙ୍କର ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

# ଘରୋଇ ବସ ମାଲିକଙ୍କ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ଆଲୋଚ଼ନା ବୈଠକ

## ଦାବିପୂରଣ ନହେଲେ ରାସ୍ତାରେ ବସ୍‌ରୋକ୍ ଆନ୍ଦୋଳନ ପାଇଁ ଚେତାବନୀ

ବ୍ରହ୍ମପୁର,୧୧।୯(ନି.ପ୍ର.): ଉପକଣ୍ଠ ଅଞ୍ଚଳ ମାଣ୍ଡିଆପଲ୍ଲୀ ହନୁମାନ ମନ୍ଦିର ଠାରେ ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବସ ମାଲିକ ସଙ୍ଘ ସଭାପତି ସନ୍ତୋଷ ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସହରରେ ଯାତ୍ରୀ ମାନଙ୍କ ପାଇଁ ଯାତାୟାତ ଓ ଟ୍ରାଫିକ ସମସ୍ୟା ଭଳି ଅନ୍ୟ ବହୁ ସମସ୍ୟା ଗୁଡ଼ିକ ଉପରେ ମାଲିକ ମାନଙ୍କ ମଧ୍ୟରେ ଆଲୋଚ଼ନା ହୋଇଥିଲା। ସେହିପରି ପ୍ରମୁଖ ସମସ୍ୟା ଗୁଡ଼ିକ ମଧ୍ୟରେ ସମାଧାନ ପାଇଁ ସମୂହ ଦାବି ଯଥା ଗେଟ୍ ? ବଜାର ଫ୍ଲାଏଓଭର୍ ନିର୍ମାଣ ସମୟରେ ଗୋସାଇଁନୂଆଗାଁ ଓ ଇଞ୍ଜିନିୟରିଂ ସ୍କୁଲ୍ ଦିଗରୁ ଆସୁଥିବା ବସ୍ ? ଗୁଡ଼ିକୁ ଗୋଇଲୁଣ୍ଡି କୋର୍ଟପେଟା ରାସ୍ତାରେ ଯାତାୟାତ ଅନୁମତି ଦିଆଯାଉ। ଏହାଦ୍ୱାରା ଯାତ୍ରୀ ଉପକୃତ ହେବେ ଏବଂ ବସ୍ ମାଲିକଙ୍କ ବ୍ୟବସାୟ ବଞ୍ଚି ରହିବ, ହଳଦିଆପଦର ବସ୍ ଟର୍ମିନାଲ୍ ଯିବାକୁ ବାଧ କଲେ ବସ୍ ଚ଼ଳାଚ଼ଳ ବନ୍ଦ କରିଦେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବସ୍ ମାଲିକ ସଂଘର ସଦସ୍ୟ ମାନଙ୍କ ଦ୍ୱାରା ନିଷ୍ପତି ନିଆଯାଇଥିବା ସଭାପତି ସନ୍ତୋଷ ପତି କହିଛନ୍ତି। ତେବେ ଗୋଟିଏ ପଟେ ଫ୍ଲାଏ ଓଭର୍ ନିର୍ମାଣ ବେଳେ ବସ୍ ଷ୍ଟାଣ୍ଡକୁ ହଳଦିଆପଦର ସ୍ଥାନାନ୍ତର ପାଇଁ ପ୍ରଶାସନ ଚ଼ିନ୍ତା କରୁଥିବା ବେଳେ, ବସ୍ ମାଲିକ ସେଠାକୁ ଯିବାକୁ ଅମଙ୍ଗ ଥିବା ଦେଖିବାକୁ ମିଳିଥିବା ବେଳେ, ଫାଷ୍ଟ ଗେଟ୍ ଠାରେ ଅସ୍ଥାୟୀ ବସ୍ ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୭୫ ପ୍ରତିଶତ ବସ୍ ସେଠାରେ ଅଟକି ରହିବ, ଅବଶିଷ୍ଟ ୨୫ ପ୍ରତିଶତ ବସ୍ ଏବେ ଯେଉଁଭଳି ନୂଆ ବସଷ୍ଟାଣ୍ଡ ଆସୁଛନ୍ତି ସେଭଳି ଆସିଲେ ମଧ୍ୟ କୌଣସି ସମସ୍ୟା ରହିବ ନାହିଁ ବୋଲି ସମ୍ପାଦକ ଶ୍ରୀ ସମୀର ମିଶ୍ର କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅତିଥି ରୂପେ ଏମଭିଆଇ ମହୋଦୟ ଯୋଗଦେଇ ବସ୍ ଯାତାୟାତ ଓ ଯାତ୍ରୀ ତଥା ରାସ୍ତା ଅବରୋଧ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚ଼ନା ସହ ସେଗୁଡ଼ିକ ସମାଧାନ ଦିଗରେ ବହୁ ଉପଦେଶ ଦେଇଥିଲେ । ଏହି ଅବସରରେ ଯଦି ବସ୍ ଷ୍ଟାଣ୍ଡ ହଳଦିଆପଦର ସ୍ଥାନାନ୍ତର ହୁଏ ତେବେ ଯାତ୍ରୀ ମାନେ ବିଭିନ୍ନ କଷ୍ଟ ଭୋଗିବା ସହ ରାତ୍ର ସମୟରେ ସହରକୁ ଫେରିବାରେ ଅସୁରକ୍ଷିତ ମନେ କରିଥିବା ଅଭିଯୋଗ କରିଥିଲେ । ତେଣୁ ବସ୍ ମାଲିକ ସଂଘର ପୂର୍ଣ୍ଣ ସହଯୋଗ ନେଇ ପ୍ରଶାସନ ନୂଆ ବସ୍ ?ଷ୍ଟାଣ୍ଡରୁ ଯାତାୟାତ ଅନୁମତି ଦେଉ ବୋଲି ସଂଘ ଦାବି କରିଛି। ସମସ୍ତ ସହଯୋଗ ଓ ପ୍ରତିଶ୍ରୁତି ସତ୍ତ୍ୱେ ପ୍ରଶାସନ ହଳଦିଆପଦର ଯିବାକୁ ବାଧ କଲେ ମାଲିକ ମାନେ ବସ୍ ବନ୍ଦ କରିବେ ଏବଂ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ଚେତାବନୀ ଦେଇଛି। ଏହି ବୈଠକରେ ଗଞ୍ଜାମ ଜିଲ୍ଲାର ବହୁ ଘୋରାଇ ବସ୍ ମାଲିକ ମାନେ ଉପସ୍ଥିତ ଥିଲେ।



# ଭାରତ ଉପରେ ଲଗାଇଦିଅ ୧୦୦% ଟାରିଫ୍ - ଟ୍ରମ୍ପ

ନୂଆଦିଲ୍ଲୀ : ଜାରି ରହିଛି ଟ୍ରମ୍ପଙ୍କ ଟାରିଫ୍ ବିବାଦ । ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁ ବୋଲି ଦାବି କରୁଥିବା ବେଳେ ଅନ୍ୟ ପଟେ ସେ ଭାରତ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଚେତାବନୀ ଦେଇଥିବା ଖବର ସାମ୍ନାକୁ ଆସିଛି । ଆମେରିକା ଭାରତ ଏବଂ ଚ଼ୀନ ଉପରେ ଆର୍ଥିକ ଚ଼ାପ ବୃଦ୍ଧି କରି ରୁଷ ଉପରେ ଚ଼ାପ ବୃଦ୍ଧି କରିବାକୁ ନୂଆ ଯୋଜନା କରୁଥିବା ଜଣାପଡିଛି । ୟୁରୋପୀୟ ସଂଘ ପରେ, ରାଷ୍ଟ୍ରପତି ଟ୍ରମ୍ପ ଜି-୭ ଦେଶମାନଙ୍କୁ ଭାରତ ଏବଂ ଚ଼ୀନ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଅପିଲ୍ କରିଛନ୍ତି।

ଟ୍ରମ୍ପ ଚ଼ାହୁଁଛନ୍ତି ଯେ, ଜି-୭ ଦେଶଗୁଡିକ ରୁଷରୁ ତୈଳ କ୍ରୟ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରି ଭାରତ ଏବଂ ଚ଼ୀନ ଉପରେ ଆର୍ଥିକ ଚ଼ାପ ସୃଷ୍ଟି କରନ୍ତୁ। ଏଥିପାଇଁ ସେ ଜି-୭ ଦେଶର ଅର୍ଥମନ୍ତ୍ରୀମାନଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ଏକ ବୈଠକ ମଧ୍ୟ କରିବେ। ଜି-୭ ରାଷ୍ଟ୍ରପତି କାନାଡା, ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ଲାଗୁ କରିବା ପାଇଁ ଅପିଲ୍ ଏବଂ ବୈଠକକୁ ନିଶ୍ଚିତ କରିଛନ୍ତି। କାନାଡା ଏହା ମଧ୍ୟ କହିଛି ଯେ, ଏହା ରୁଷର ଯୁଦ୍ଧ କରିବାର କ୍ଷମତା ଉପରେ ଚ଼ାପ ବୃଦ୍ଧି କରିବ। ଏଥିପାଇଁ ନିଆଯିବା ପଦକ୍ଷେପ ବୈଠକରେ ଆଲୋଚ଼ନା କରାଯିବ।

# ୩୦ ସୁଦ୍ଧା ସରିବ ଡିଜିଟାଲ କୃଷି ସର୍ବେକ୍ଷଣ କାର୍ଯ୍ୟ

ଭୁବନେଶ୍ୱର, ୧୨।୯: ରାଜ୍ୟରେ ଚ଼ାଲୁ ରହିଥିବା ଡିଜିଟାଲ କୃଷି ସର୍ବକ୍ଷଣ-୨୦୨୫ କାର୍ଯ୍ୟ ଅଗ୍ରଗତି ସଂପର୍କରେ ଆଜି ମୁଖ୍ୟ ଶାସନ ସଚ଼ିବ ଶ୍ରୀ ମନୋଜ ଆହୁଜା ସମୀକ୍ଷା କରିଥିଲେ । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚ଼ିବ ଡଃ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍‌ସେନା, କୃଷି ବିଭାଗର ଅନ୍ୟ ପଦାଧିକାରୀ ଏବଂ ଓକାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ ।

ଚ଼ଳିତ ମାସ ସେପ୍‌ଟେମ୍ବର ୧୦ ତାରିଖ ସୁଦ୍ଧା ଡିଜିଟାଲ କ୍ରପ୍ ସର୍ଭେ କାର୍ଯ୍ୟ ଅଗ୍ରଗତି ତଥ୍ୟରୁ ଜଣାଯାଇଛି ଯେ, ରାଜ୍ୟର ୩୦ ଟି ଜିଲ୍ଲାର ମୋଟ ଚ଼ିହ୍ନଟ ୨ କୋଟି ୯୪ ଲକ୍ଷ ୭୨ ହଜାର ୩୭୪ ସଂଖ୍ୟକ ପ୍ଲଟ ମଧ୍ୟରୁ ମୋଟ ୨ କୋଟି ୪୯ ଲକ୍ଷ ୮୪ ହଜାର ୫୪ ଟି ପ୍ଲଟ ସର୍ବକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହାକି ମୋଟ ପ୍ଲଟ ସଂଖ୍ୟାର ୮୫ ପ୍ରତିଶତ । ଏଥିପାଇଁ ୨୮ ହଜାର ୮୬୭ ଜଣ ସର୍ଭୟରଙ୍କୁ ନିୟୋଜିତ କରାଯାଇ ଅଦ୍ୟାବଧି ୧ କୋଟି ୫୪ ଲକ୍ଷ ୮୦ହଜାର ୬୭୫ ଟି ପ୍ଲଟ ସର୍ବକ୍ଷଣ କରିସାରିଛନ୍ତି । ଯାହାକି ୫୨.୫୩ % ଏବଂ ସେଥିରୁ ୪୯.୩୦ % ସର୍ବେକ୍ଷଣ ଅନୁମୋଦନ କରାଯାଇଛି । ଅନୁମୋଦନ କରାଯାଇନଥିବା ଡିଜିଟାଲ ସର୍ବକ୍ଷଣ ମଧ୍ୟରୁ ଜଣାଯାଇଛି ଯେ, ସେଥିରେ ସର୍ବକ୍ଷଣରେ କେତେକ ଅସାମଞ୍ଜସ୍ୟ ପରିଲ୍ଲକ୍ଷିତ ହୋଇଛି । ଚ଼ାଷ ଅନୁସାରେ ଜମିର ଠିକ୍ ଭାବରେ ଫଟୋ ନିଆଯାଇନଥିବା, ଫସଲ ସମୟରେ ଫଟୋ ନିଆନଯାଇ ଫସଲ ପୂର୍ବରୁ ଫଟୋ ନିଆଯାଇଥିବା, ଗୋଟିଏ ପ୍ଲଟରୁ ଫଟୋ ନିଆଯାଇ ଅନ୍ୟ ପ୍ଲଟ ତଥ୍ୟରେ ଫଟୋ ଅପଲୋଡ କରାଯାଇଥିବା, ଏକା ସର୍ବକ୍ଷଣକାରୀ ଗୋଟିଏ ପ୍ରକାର ଫଟୋକୁ ଏକାଧିକ କେତେକ ପ୍ଲଟ ପାଇଁ ବ୍ୟବହାର କରିଥିବା, ପଡିଆ ଭୂମି ଯାଗାରେ ଧାନ ଚ଼ାଷ ହୋଇଥିବା ଦର୍ଶାଇଥିବା ଭଳି ସର୍ବକ୍ଷଣରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି । ଏହି ତ୍ରୁଟିକୁ ଗୁରୁତର ସହିତ ନେଇ ଏହାକୁ

ସୁଧାରିବା ସହ ଏଭଳି ତ୍ରୁଟି କରିଥିବା ସର୍ଭୟର, ସୁପରଭାଇ ତଥା ସଂପୃକ୍ତ ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚ଼ିବ ନିର୍ଦ୍ଦେଶ ଦେଇଛନ୍ତି ।



ଆସନ୍ତା ସେପ୍‌ଟେମ୍ବର ୩୦ ତାରିଖ ସୁଦ୍ଧା ସର୍ବକ୍ଷଣ କାର୍ଯ୍ୟ ସାରିବା ଏବଂ ସୁପରଭାଇଜରମାନଙ୍କୁ ଶତ ପ୍ରତିଶତ ସର୍ବକ୍ଷଣ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବ୍ଲକ ସ୍ତରୀୟ, ଜିଲ୍ଲାସ୍ତରୀୟ ଟିମକୁ ଦିଆଯାଇଥିବା ନିର୍ଦ୍ଦେଶନାମା ଅନୁସାରେ ସର୍ବକ୍ଷଣ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି କୌଣସି ସ୍ଥଳରେ ସର୍ବକ୍ଷଣରେ ତଥ୍ୟରେ ମିଥ୍ୟା ବା ଠକେଇ କରାଯାଇଥିବା ଜଣାପଡେ, ସେହି ସର୍ଭୟରମାନଙ୍କୁ ସେମାନଙ୍କର ପ୍ରାପ୍ୟ ମିଳିବ ନାହିଁ ଓ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା କୃଷି ବିଭାଗ ପ୍ରମୁଖ ଶାସନ ସଚ଼ିବ ଜଣାଇଛନ୍ତି । ଆହୁରି ମଧ୍ୟ ଯଦି ତ୍ରୁଟି କରିଥିବା କୌଣସି ସର୍ଭୟରଙ୍କୁ ସର୍ଭକ୍ଷଣ ବାବଦରେ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡେ, ତେବେ ସଂପୃକ୍ତ ସୁପରଭାଇଜର ଓ ଅନ୍ୟ ସଂପୃକ୍ତ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷି ବିଭାଗ ସଚ଼ିବ ପ୍ରକାଶ କରିଛନ୍ତି । କୃଷି ବିଭାଗ

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ରାଜଭାଷା ସପ୍ତାହ ଆୟୋଜିତ

ଭୁବନେଶ୍ୱର, ୧୨ ସେପ୍‌ଟେମ୍ବର ୨୦୨୫:ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ରାଜଭାଷା ସପ୍ତାହ ଉତ୍ସାହଭରା ପରିବେଶରେ ଆୟୋଜନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସରଳ ଭାବଗତ ସଂଯୋଗ ସୁନିଶ୍ଚିତ କରିବା ଓ ଭାଷାଗତ ତାରତମ୍ୟକୁ ଦୂର କରିବା ପାଇଁ



ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଚ଼ାର-ପ୍ରସାରର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ ।

ଶ୍ରୀ ତ୍ରିପାଠୀ ମଧ୍ୟ କହିଛନ୍ତି ଯେ, ସରଳ ସଂଯୋଗ ପ୍ରଣାଳୀ ଓ ଭାରତରେ ଯୋଗାଯୋଗରେ ଥିବା ଭାଷାଗତ ତାରତମ୍ୟକୁ ହିନ୍ଦୀର ପ୍ରଚ଼ାର-ପ୍ରସାର ମାଧ୍ୟମରେ ସେତୁ ବନାଇପାରିବ । ସେ ଗୋଟିଏ ଭାଷାରେ ଯୋଗାଯୋଗର ଆବଶ୍ୟକତା ବିଷୟରେ ଉଲ୍ଲେଖ କରି ଭାରତୀୟ ସମିଧାନର ପ୍ରତି ଆମର ଦାୟିତ୍ୱ ପୁରଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚ଼ାଳନା) ଶ୍ରୀ ପି. କେ. ବେହେରା ଓ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତ୍ତିଭୂମି) ଶ୍ରୀ ସୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚ଼ାରୀମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ରାଜଭାଷା ଅଧିକାରୀ ଶ୍ରୀମତୀ ଉଷା ରାଣୀ ପରିଚ଼ାଳନା କରିବା ସହ ରାଜଭାଷା ବିଭାଗ ଦ୍ୱାରା ହିନ୍ଦୀର ବ୍ୟବହାର ବୃଦ୍ଧି ପାଇଁ ହୋଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚ଼ନା ଦେଇଥିଲେ ।

# ସମ୍ ହସ୍ପିଟାଲ୍ ବ୍ରହ୍ମପୁରରେ ଜଟିଳ କ୍ୟାନସର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ

ଭୁବନେଶ୍ୱର, ୧୨/୯ : ବ୍ରହ୍ମପୁର ସ୍ଥିତ ସମ୍ ହସ୍ପିଟାଲ୍‌ରେ ଏକ ଜଟିଳ ହେଡ୍ ଆଣ୍ଡ ନେକ୍ କ୍ୟାନ୍ସର ରିସେକ୍ସନ୍ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ କରାଯାଇଥିବା ବେଳେ ଦକ୍ଷିଣ ଓଡ଼ିଶାର ରୋଗୀ ମାନଙ୍କ ନିମନ୍ତେ ନୂତନ ଆଶା ସଂଚାର ହେବା ସହ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମାଇଲ ଖୁଂଟ ସୃଷ୍ଟି ହୋଇଛି।

ଜଣେ ୬୯ ବର୍ଷୀୟ ପୁରୁଷଙ୍କର ଦକ୍ଷିଣ ପାର୍ଶ୍ୱ ଗାଲ ମଧ୍ୟରେ ଥିବା ଅଂଶରେ କ୍ୟାନ୍ସର ସୃଷ୍ଟି ହୋଇ ଜଟିଳ ସ୍ୱାସ୍ଥ୍ୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହାର ଅସ୍ତ୍ରୋପଚାର କରାଯାଇଥିଲା। ଏହା ଏକ ଜଟିଳ ଅସ୍ତ୍ରୋପଚାର ଥିଲା ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି।

ଏହି ଅସ୍ତ୍ରୋପଚାର ୬ ଘଂଟା ପର୍ଯ୍ୟନ୍ତ ଚାଲିଥିବା ବେଳେ ସୃଷ୍ଟି ହୋଇଥିବା ଟ୍ୟୁମରଟି ଅଧିକ ମାତ୍ରାରେ ଜଟିଳ ପରିସ୍ଥିତି ସୃଷ୍ଟି କରିଥିବାରୁ ଏବଂ ମୁହଁ ଖୋଲି ପାରୁ ନଥିବାରୁ ଏହି ଅସ୍ତ୍ରୋପଚାର ଖୁବ୍ ଆହ୍ୱାନପୂର୍ଣ୍ଣ ଥିଲା। ତେବେ ଏତେ ସବୁ ସମସ୍ୟା ସତ୍ତ୍ୱେ



ଅସ୍ତ୍ରୋପଚାରଟି ବିନା କୌଣସି ସମସ୍ୟାରେ ସମ୍ପନ୍ନ କରାଯାଇଥିଲା।

ଅସ୍ତ୍ରୋପଚାର ପରେ ରୋଗୀ ଜଣକ ସୁସ୍ଥ ହେବାରେ ଲାଗିଛନ୍ତି ଏବଂ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତରିତ ହୋଇଛନ୍ତି।

ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜି ବିଭାଗର କନ୍‌ସଲଟାଂଟ ଡାକ୍ତର ସାଇରୁଦ୍ର ଏସ. ପୁହାଣଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିବା ବେଳେ ଏହି ଟିମ୍‌ରେ ପ୍ଲାଷ୍ଟିକ୍ ଆଣ୍ଡ ରି-କନଷ୍ଟ୍ରକ୍ଟିଭ୍ ସର୍ଜନ୍ ଡାକ୍ତର ସୁଧାକର ଜେନା, ଆନେସ୍‌ଥେସିଓଲୋଜିଷ୍ଟ ଡାକ୍ତର ଶୁଭ୍ରଜିତ ସାହୁ, କ୍ରିଟିକାଲ୍ କେୟାର ସ୍ପେଶିଆଲିଷ୍ଟ ଡାକ୍ତର ପ୍ରତ୍ୟୁଷକାନ୍ତି ମିଶ୍ର ଏବଂ ଡାକ୍ତର ପ୍ରିୟଙ୍କା ସାମିଲ ଥିଲେ। ସମ୍ ହସ୍ପିଟାଲ୍ ବ୍ରହ୍ମପୁରର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ ଏହି ସଫଳ ଅସ୍ତ୍ରୋପଚାର ନିମନ୍ତେ ଡାକ୍ତରୀ ଟିମ୍ ଏବଂ ସମସ୍ତ ଅସ୍ତ୍ରୋପଚାର କକ୍ଷର କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ସଫଳତା ନିମନ୍ତେ ନିଜର ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ କ୍ୟାନ୍ସରର ସମସ୍ତ ଚିକିତ୍ସା ନିମନ୍ତେ ମେଡିକାଲ୍ ଅଙ୍କୋଲୋଜି ଏବଂ କେମୋଥେରାପି ସେବା ଗତ ୬ ମାସ ଧରି ହସ୍ପିଟାଲରେ ଉପଲବ୍ଧ ହୋଇପାରିଛି।

# ସୃଷ୍ଟି ହେଲା ଲଘୁଚ଼ାପ କ୍ଷେତ୍ର

ଭୁବନେଶ୍ୱର : ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚ଼ାପ କ୍ଷେତ୍ର । ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗର ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳରେ ସୃଷ୍ଟି ହୋଇଛି ଲଘୁଚ଼ାପ କ୍ଷେତ୍ର । ଏହା ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଆଡକୁ ଗତି କରିବ । ଏଥିସହ ସଂଲଗ୍ନ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଛତିଶଗଡ ଆଡକୁ ୪୮ ଘଣ୍ଟା ମଧ୍ୟରେ ଗତି କରିବ। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି। ଆଗାମୀ ୨ ଦିନରେ ଦକ୍ଷିଣ ଓଡିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି ।

# ଯବାନଙ୍କ ଗୁଳିରେ ୨ ମାଓବାଦୀ ନିପାତ

ମାଲକାନଗିରି: ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ପୁଣି ଏନକାଉଣ୍ଟର ହୋଇଛି। ଏହି ଏନକାଉଣ୍ଟରରେ ୨ ଜଣ ନକ୍ସଲ ନିପାତ ହୋଇଛନ୍ତି। ଏଥିସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା ଯେ ବିଜାପୁର ଜିଲ୍ଲାର ଦକ୍ଷିଣ ପଶ୍ଚିମ ଅଂଚ଼ଳରେ ମାଓବାଦୀ କ୍ୟାମ୍ପ କରି ରହିଛନ୍ତି।

ତୁରନ୍ତ ଯବାନ ଅପରେସନ ଆରମ୍ଭ କରିଦେଇଥିଲେ। ଆଜି ସକାଳୁ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଅତର୍କିତ ଗୁଳି ଚ଼ଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ୨ ନକ୍ସଲଙ୍କର ମୃତଦେହକୁ ଠାବ କରିବା ସହ ୩୦୩ ବନ୍ଧୁକ ସହ ବିପୁଳ ମାତ୍ରାରେ ବିସ୍ଫୋରକ ଜବତ କରିଛି ।ପୁଲିସ କହିବା ଅନୁସାରେ ଜଂଗଲରେ ଯବାନ ସର୍ଚ୍ଚ ଅପରେସନ କରୁଥିବାରୁ ସଠିକ ରିପୋର୍ଟ ଯବାନ ଫେରିବା ପରେ ହିଁ ଦିଆଯାଇପାରିବ ବୋଲି କୁହାଯାଇଛି। ପ୍ରକାଶ ଥାଉକି ଗତକାଲି ଏନକାଉଣ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ସମେତ ୧୦ କ୍ୟାଡର ନକ୍ସଲଙ୍କର ମୃତ୍ୟୁ ହୋଇଥିଲା, ଯାହାକି ଗରିଆବନ୍ଦ ଅଂଚ଼ଳରେ ଏହା ଦ୍ୱିତୀୟ ବଡ ଘଟଣା। ଗତ ୭ ମାସ ତଳେ ଏହି ମେନପୁର ପାହାଡରେ ହିଁ ପୁଲିସ ଏନକାଉଣ୍ଟରରେ କେନ୍ଦ୍ରୀୟ କମିଟି ସଦସ୍ୟ ଚ଼ାଲପତି ନିହତ ହୋଇଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କରିଥିବା ଟାର୍ଗେଟ ପାଖେଇ ଆସୁଥିବା ବେଳେ ନକ୍ସଲ ମଧ୍ୟ ମୂଳପୋଛ ହେବେ ବୋଲି କୁହାଯାଇଛି।

# ଚ଼ଳିତ ପାର୍ବଣ ଋତୁରେ ସମସ୍ତ ପୂଜା ପେଣ୍ଡାଲରେ ଆଇନ ସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ: ଟିପିଡବ୍ଲୁଓଡିଏଲ୍

TPWODL
TP WESTERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

ବଲାଙ୍ଗୀର/ବୁର୍ଲା/ସମ୍ବଲପୁର,୧୨।୯(ନି.ପ୍ର.): ଚ଼ଳିତ ପାର୍ବଣ ଋତୁରେ ବିଭିନ୍ନ ଦେବା ଦେବୀଙ୍କ ନିମନ୍ତେ ପେଣ୍ଡାଲ୍ ତିଆରି କରାଯାଇ ଉତ୍ସବ ପାଳନ କରାଯାଇଥାଏ । ଏହି ପେଣ୍ଡାଲମାନଙ୍କରେ ବିଭିନ୍ନ ଆଲୋକର ସାଜସଜ୍ଜା ମଧ୍ୟ କରାଯାଇଥାଏ । ଏହି ସବୁ ପେଣ୍ଡାଲକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଆୟୋଜକ କମିଟିମାନଙ୍କୁ ଟିପିଡବ୍ଲୁଓଡିଏଲ୍ ତରଫରୁ ଅନୁରୋଧ କରାଯାଉଅଛି ଯେ, ସମସ୍ତ କମିଟି ନିକଟସ୍ଥ ବିଦ୍ୟୁତ୍ ବିତରକ କମ୍ପାନୀ କାର୍ଯ୍ୟାଳୟରେ ଯୋଗାଯୋଗ କରି ଆଇନ ସମ୍ମତ ଆସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ ।

ଅସ୍ଥାୟୀ ରୂପେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଆଇନରେ ପ୍ରବିଧାନ ଉପଲବ୍ଧ ଅଛି । ଏଣୁ ବିଦ୍ୟୁତ୍ ସଂଯୋଗ ପାଇଁ କୌଣସି ପ୍ରକାରର ଅନୈତିକ ଉପାୟ କିମ୍ବା ହୁକିଂ କରନ୍ତୁ ନାହିଁ । ବେଆଇନ ଭାବରେ ବିଦ୍ୟୁତ୍ ସଂଯୋଗ କରିବା ଦ୍ୱାରା ଅସରୁକ୍ଷିତ ପରିସ୍ଥିତି ସୃଷ୍ଟି ହୋଇଥାଏ ଏବଂ କୌଣସି ପ୍ରକାର ବୈଦ୍ୟୁତିକ ଦୁର୍ଘଟଣା ଦ୍ୱାରା ଧନଜୀବନ ହାନୀ ହେବା ସମ୍ଭାବନା ହେବା ସଙ୍ଗେ ଉତ୍ସବ ପରିବେଶ ନଷ୍ଟ ହୋଇପାରେ । ଏହା ଦ୍ୱାରା ଆବଶ୍ୟକ ଥିବା ବିଦ୍ୟୁତ୍ ଚ଼ାହିଦାର ଅନୁମାନ କରାଯାଇପାରେ ନାହିଁ । ଯାହା ଫଳରେ କି ସେହି ଅଞ୍ଚଳର ଟ୍ରାନ୍ସଫରମର ଉପରେ ଅତ୍ୟଧିକ ଲୋଡ ପଡିଲେ, ତାହା ବିଦ୍ୟୁତ୍ ସରବରାହକୁ ବିଚ଼୍ଛିନ୍ନ ବି କରିପାରେ ।

ଏଣୁ ନୈତିକ ଉପାୟରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଦରଖାସ୍ତ ଦେବା ଫଳରେ ବିଦ୍ୟୁତ୍ ବିତରକ କମ୍ପାନୀର କର୍ମକର୍ତ୍ତା ଆବାଶ୍ୟକତାକୁ ଅନୁମାନ କରି ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ । ଏଣୁ କମ୍ପାନୀ ତରଫରୁ ଆଇନ ସମ୍ମତ ପ୍ରକ୍ରିୟାରେ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିନିତ ଅନୁରୋଧ କରାଯାଉଅଛି ।

# ଜାତିସଂଘ ମାନବାଧିକାର ପରିଷଦରେ ସ୍ୱିଜରଲ୍ୟାଣ୍ଡକୁ ଦୃଢ଼ ଜବାବ ଦେଲା ଭାରତ

ଜେନିଭା :ଜାତିସଂଘ ମାନବାଧିକାର ପରିଷଦ ବୈଠକରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ବ୍ୟବହାର ସମ୍ପର୍କରେ ସ୍ୱିଜରଲ୍ୟାଣ୍ଡର ପ୍ରତିନିଧି ମନ୍ତବ୍ୟ ଦେବା ପରେ ଭାରତ କଡ଼ା ଜବାବ ଦେଇଛି। ‘‘ସଂଖ୍ୟାଲଘୁଙ୍କ ସୁରକ୍ଷା’’ ପାଇଁ ସ୍ୱିଜରଲ୍ୟାଣ୍ଡ ଭାରତକୁ ପରାମର୍ଶ ଦେବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଦିଆଯାଇଛି। ଭାରତ ଏହି ୟୁରୋପୀୟ ଦେଶକୁ ନିଜ ମାଟିରେ ଥିବା ବ୍ୟାପକ ଭେଦଭାବ ସମସ୍ୟା ସମ୍ପର୍କରେ ସ୍ମରଣ କରାଇ ଦେଇଛି।

ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦଠାରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ଏ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି, ଆମେ ଏକ ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀ ରାଷ୍ଟ୍ର ସ୍ୱିଜରଲ୍ୟାଣ୍ଡ ଦ୍ୱାରା ଦିଆଯାଇଥିବା ଆଶ୍ଚର୍ଯ୍ୟଜନକ, ତୁଚ୍ଛ ଏବଂ ଭୁଲ ସୂଚ଼ନାପୂର୍ଣ୍ଣ ମନ୍ତବ୍ୟର ମଧ୍ୟ ଜବାବ ଦେବାକୁ ଚ଼ାହୁଁଛୁ। ଯେହେତୁ ସ୍ୱିଜରଲ୍ୟାଣ୍ଡ ଜାତିସଂଘ ମାନବାଧିକାର ପରିଷଦର ଅଧ୍ୟକ୍ଷତା କରୁଛି, ସେଥିପାଇଁ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭାରତର ବାସ୍ତବତା ସହ ନ୍ୟାୟ କରୁନଥିବା ଏଭଳି ମନଗ ?। କାହାଣୀ କହି ପରିଷଦର ସମୟ ନଷ୍ଟ କରିବା ଉଚ଼ିତ୍ ନୁହେଁ । ଏହା ଅଧ୍ୟକ୍ଷତା କରୁଥିବା ଦେଶ ପାଇଁ ଅତ୍ୟନ୍ତ ଜରୁରୀ। ଏଭଳି କରିବା ପରିବର୍ତ୍ତ ? ସ୍ୱିଜରଲ୍ୟାଣ୍ଡ ବର୍ଣ୍ଣବୈଷମ୍ୟ, ବ୍ୟବସ୍ଥିତ ଭେଦଭାବ ଏବଂ ବିଦେଶୀ ଦ୍ୱେଷ ଭଳି ନିଜ ଦେଶର ସମସ୍ୟା ଉପରେ ବିଶେଷ ଧ୍ୟାନ ଦେବା ଉଚ଼ିତ। ବିଶ୍ୱର ସବୁଠୁ ବଡ, ସର୍ବାଧିକ ବିବିଧ ଏବଂ ସକ୍ରିୟ ଗଣତନ୍ତ୍ର ରୂପରେ ଭାରତରେ ସଭ୍ୟତାଗତ ଭାବେ ବହୁଳତାବାଦ ସମାବିଷ୍ଟ ହୋଇ ରହିଛି। ତେଣୁ ସ୍ୱିଜରଲ୍ୟାଣ୍ଡର ନିଜସ୍ୱ ସମସ୍ୟା ସମାଧାନ କରିବାରେ ସହଯୋଗ କରିବା ଲାଗି ଭାରତ ପ୍ରସ୍ତୁତ ରହିଛି ବୋଲି ଭାରତର ପ୍ରତିନିଧି କହିଛନ୍ତି । ସୂଚ଼ନାଯୋଗ୍ୟ, ଜାତିସଂଘରେ ସ୍ୱିଜରଲ୍ୟାଣ୍ଡ ପ୍ରତିନିଧି ଭାରତକୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା, ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ ବଜାୟ ରଖିବା ଭଳି ଅହେତୁକ ପରାମର୍ଶ ଦେବା ପରେ ଭାରତ ଏହାର ଦୃଢ଼ ପ୍ରତିକ୍ରିୟା ରଖିଛି ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

ନବରଙ୍ଗପୁର ,୧୩।୮: ନବରଙ୍ଗପୁର ଜିଲ୍ଲା ରେ ୧୭ ସେପ୍‌ଟେମ୍ବର ରୁ“ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ’ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ” ଆରମ୍ଭ’ ହେବାକୁ ଯାଉଛି । ଏହି ଅବସରରେଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନିମନ୍ତେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଗତକାଲି ୧୧.୯.୨୦୨୫ରିଖ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ସମାଜ ମଙ୍ଗଳ, ତଥା ମିଶନ ଶକ୍ତି ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ଓ ଏହି ଅଭିଯାନ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟ, ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ଆସନ୍ତା ସେପ୍‌ଟେମ୍ବର ୧୭ ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ରୋଗ ଚ଼ିହ୍ନଟ କାରଣ ଓ ସଚେତନତା ଶିବିର ଅନୁଷ୍ଠିତ ହେବ ଓ ଏହି ଅଭିଯାନରେ ନାରୀମାନଙ୍କ ଏବଂ ଶିଶୁ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରିକ୍ଷା, ସ୍ୱାସ୍ଥ୍ୟ ସେବା ସହିତ ସବୁ ବୟସର ଝିଅମାନଙ୍କର (ବିଶେଷ କରି କିଶୋରୀ ମାନଙ୍କ) ମଧ୍ୟ ସ୍ୱାସ୍ଥ୍ୟ ପରିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମାଧ୍ୟମରେ କରାଯିବ ଓ ଏଥିସହିତ



ରକ୍ତ ପରୀକ୍ଷା, ଅଣସଂକ୍ରମକ ରୋଗ ପରୀକ୍ଷା, ରକ୍ତ ହୀନତା ପରୀକ୍ଷା, ରକ୍ତ ଶିକୁଳି ପରୀକ୍ଷା, ରକ୍ତ ଶର୍କରା ପରୀକ୍ଷା ଇତ୍ୟାଦି ଠୀଝଘଡ, ଟୀକା କରଣ ପାଇଁ ଧାର୍ଯ୍ୟ ଗ୍ରାମ ରେ, ସ୍କୁଲ ମାଙ୍କରେ ଏବଂ ୧୦୦୦ ରୁ ଉର୍ଦ୍ଧ ଜନ ସଂଖ୍ୟା ଥିବା ଗ୍ରାମମାନଙ୍କରେ ଆୟୋଜନ କରାଯିବ ଓ ଏହି ଶିବିର ଜିଲ୍ଲାର ସମସ୍ତ ୧୦ ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ୪୦ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧ ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୮୯ ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ଅନୁଷ୍ଠିତ ହେବଓ ଏତତ ବ୍ୟତିତ ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଗୋଟିଏ ଲେଖାଏଁ କରାଯିବ ଓ ସମସ୍ତ ବିଭାଗର ସମନ୍ୱୟରେ ଏହି କାର୍ଯ୍ୟକ୍ରମକୁ ସଫଳତା କରିବା ପାଇଁ ଜିଲ୍ଲାପାଳ ଏହି ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ସି ଡି ଏମ ଓ ଡଃ ସନ୍ତୋଷ ପଣ୍ଡା, ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର, ଏ ଡି ପି ଏଚ୍ ଓ ଡ଼ଃ ମଳୟ ତ୍ରିପାଠି, ଡିପିମ ଏନ୍ ଏଚ୍ ଏମ ଶଙ୍କର ଆଚ଼ାର୍ଯ୍ୟ ଙ୍କ ସମେତ ବିଭିନ୍ନ ବିଭାଗୀୟ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବୈଠକରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚ଼ନା ରେ ଭାଗ ନେଇଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ